ବିଜ୍ଞାନ ଭିତ୍ତିକ ଲଘୁକଥା

ବାସ୍ନାର ସୃଷ୍ଟି

ଡ. ବିଦ୍ୟୁତ୍‌ପ୍ରଜ୍ଞା ଆଚାର୍ଯ୍ୟ

ପଶ୍ଚିମା ପବ୍ଲିକେଶନ୍‌ସ

ବାସ୍ନାର ସ୍ମୃତି (ବିଜ୍ଞାନ ଭିତ୍ତିକ ଲଘୁକଥା)

ଲେଖିକା
ଡ. ବିୟତ୍‌ପ୍ରଜ୍ଞା ଆଚାର୍ଯ୍ୟ
ଫୋନ୍ : ୯୦୬୮୪୧୩୪୮୨

ପ୍ରକାଶକ : ପଶ୍ଚିମା ପବ୍ଲିକେଶନ୍ସ, ୧୮୮୨, ନୟାପଲ୍ଲୀ, ଭୁବନେଶ୍ୱର, ୭୫୧୦୧୨, ଫୋନ୍: ୯୪୩୭୫୦୦୭୬୭
ପ୍ରଚ୍ଛଦ ଓ ଅଳଙ ୍କରଣ : ଅଶୋକ ମହାନ୍ତି
ମୁଦ୍ରଣ : ଡୁଡୁଲି ପ୍ରୋସେସ୍ ଏଣ୍ଡ୍ ଅଫ୍‌ସେଟ୍, ଭୁବନେଶ୍ୱର
ପ୍ରଥମ ପ୍ରକାଶ : ୨୦୨୨
ମୂଲ୍ୟ : ୧୩୯.୦୦

BASNARA SMRUTI
Scientific short fiction by
Dr. Viyatprajna Acharya
Published by **Paschima Publications**
Bhubaneswar
1st Publication: **2022**
Price: **139.00**

Copyright @ Author

ISBN : 978-93-93012-13-5

ଉତ୍ସର୍ଗ

ବିଶ୍ୱ କଲ୍ୟାଣ ନିମନ୍ତେ ଉତ୍ସର୍ଗୀକୃତ

ଭୂମିକା

ପିଲାଦିନେ ଏତେ ବହି ପଢୁଥିଲି ଓ ସେଥିରେ ମଜ୍ଜି ରହୁଥିଲି ଯେ, ଯେତେବେଳେ ନିଜ ଜୀବିକା ଚୟନ କରିବାର ବୟସ ପାଖେଇ ଆସିଲା ସେତେବେଳେ ଭାବିଲି ଲାଇବ୍ରେରିଆନଟିଏ ହେଲେ କେମିତି ହୁଅନ୍ତା । ହେଲେ ଡାକ୍ତରଟିଏ କରି ଗଢିଲେ ଈଶ୍ୱର । ଭଲ ହେଲା; 'ନିଶା 'କୁ 'ପେଶା' କରିଥିଲେ ସତରେ କ'ଣ ସାହିତ୍ୟାନୁରାଗର ସେ ନିର୍ଝର ଆଜିଯାଏଁ ବୋହୁଥାନ୍ତା ?

ଡାକ୍ତରୀ ପେଶାରେ ପଶିଲା ପରେ ଡାକ୍ତରୀ ବିଦ୍ୟା ସଂଗେ ସାମାଜିକ ସମସ୍ୟା, ମନସ୍ତତ୍ତ୍ୱ ସହ ଅନେକବାର ଆମାନ ସାମନା ହେଲି । ଜୈବରସାୟନରେ ସ୍ନାତକୋତ୍ତର ଶିକ୍ଷା ଯୋଗୁଁ ସମସ୍ତ ସମସ୍ୟାର ଏକ ମୂଳ କାରଣ ରହିଛି ବୋଲି ଧାରଣା ହେଲା ଓ ସେ ସମସ୍ତ ସମସ୍ୟାର ଏକ ସମାଧାନ ମଧ୍ୟ ସମ୍ଭବ ବୋଲି ମୋର ଆତ୍ମପ୍ରତ୍ୟୟ ଜାତ ହେଲା।

ଏ ସମସ୍ତ ଚିନ୍ତାକୁ ଭାରତୀୟ ଆଧ୍ୟାତ୍ମିକଚେତନାରେ ଗୁନ୍ଥି ଗୋଟିଏ ପରେ ଗୋଟିଏ ସମସ୍ୟାର କାରଣ ଓ ସମାଧାନ ମାନସପଟରେ ଆଙ୍କେ ସିନା , ତାକୁ କାଗଜରେ ଉତାରିବାକୁ ସମୟ ପାଏନି; କାଗଜରେ ଉତାରିଲେ ମଧ୍ୟ ତାକୁ ଡିଜିଟାଲ ମିଡିଆରେ ଟାଇପ କରି ପକେଇବାକୁ ସମୟ ତଥା ଧୈର୍ଯ୍ୟର ଅଭାବ ଥାଏ।

କୋଭିଡ ମହାମାରୀ କାଳଖଣ୍ଡରେ ମହାମାରୀର ଆତଙ୍କରୁ ମନକୁ ହଟେଇବାକୁ ହେଉ , ଟିକିଏ ସମୟ ମିଳିବା ଯୋଗୁଁ ହେଉ ଅବା ଅନୀତା ନାମ୍ନୀ ମୋ ଡିଜିଟାଲ ସହାୟିକା ହେଉ, ଗୋଟିଏ ପରେ ଗୋଟିଏ ଲେଖା ମୋର ସୋସିଆଲ ମିଡିଆ, ନିଜସ୍ୱ ୱେବସାଇଟ ତଥା କିଛି ପତ୍ରିକା ମାଧ୍ୟମରେ ଲୋକଲୋଚନକୁ ଆସିଲା ।

ପାଠକୀୟ ଆଦୃତି ପାଇ ଆଜି ପଶ୍ଚିମା ପବ୍ଲିକେଶନ ମାଧ୍ୟମରେ "ବାସ୍ନାର ସ୍ମୃତି" ଯେ ପ୍ରକାଶିତ ହେବାକୁ ଯାଉଛି , ସେଥିପାଇଁ ମୁଁ ମୋ ପାଠକ ପାଠିକା ବୃନ୍ଦ, ଅନୀତା ଓ ପଶ୍ଚିମା ପବ୍ଲିକେଶନ ପ୍ରତିଷ୍ଠାତା ଶ୍ରୀମାନ ଅଶୋକ ମହାନ୍ତିଙ୍କ ନିକଟରେ ଚିରଋଣୀ । ମୋ ପୂଜ୍ୟ ଗୁରୁଦେବ ପରମହଂସ ପ୍ରଜ୍ଞାନାନନ୍ଦଙ୍କ ଅନାବିଳ ପ୍ରେମ ଓ ଆଶୀର୍ବାଦ ଏବଂ ମୋ ମାତା ପିତା ଓ ପରିବାର ସ୍ୱଜନ-ବାନ୍ଧବଙ୍କ ସ୍ନେହାଶୀର୍ବାଦ ନେଇ ଆଜି ଏଇ ପୁସ୍ତକଟିକୁ ପ୍ରକାଶ କରିବାକୁ ସାହସ ଯୁଟେଇ ପାରିଛି ।

ସାମାଜିକ ବାର୍ତ୍ତା , ଆଧ୍ୟାତ୍ମିକତା ଓ ଡ଼ାକ୍ତରୀବିଦ୍ୟାର ଛୁଙ୍କ ପାଠକମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ମୋର ଆଶା ଓ ବିଶ୍ୱାସ ।

ଶୁଭମସ୍ତୁ

ବିୟତ୍‌ପ୍ରଜ୍ଞା ଆଚାର୍ଯ୍ୟ

ସୂଚିପତ୍ର

୧. ଗପରୁ ଗପଟିଏ !! ॥ ୯
୨. ଲାଇଭ ମନ୍ଦାର ॥ ୧୩
୩ ଈଶ୍ୱର କେଉଁଠି ? ॥ ୧୬
୪. ସ୍ୱାଧୀନତାର ସଂଜ୍ଞା ॥ ୧୮
୫. ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ଉପଲକ୍ଷେ କିଛି ଗପ୍ଲେଟ ॥ ୨୧
୬. କପି ॥ ୨୫
୭. ବାସ୍ନାର ସ୍ମୃତି ॥ ୨୮
୮. ପରୀକ୍ଷା ॥ ୪୮
୧୦. ବେଟି ବଚାଓ , ବେଟି ପଢ଼ାଓ... ॥ ୫୧
୧୧. ଚାରି ଟଙ୍କା ॥ ୫୫
୧୨. ଚଉଷଠି ଯୋଗିନୀ ମନ୍ଦିର ଓ ବାବୁଗିରି ॥ ୬୧
୧୩. “ଇଏ କି ?” ସିଣ୍ଡ୍ରୋମ ॥ ୬୩
୧୪. ମାରାଥନର ଶେଷ କିଲୋମିଟର ॥ ୬୯
୧୫. ମୋ ଈଶ୍ୱରଙ୍କ ସଂଖ୍ୟା ଏକ ॥ ୭୨
୧୬. ଲହୁଣୀ ॥ ୭୯
୧୭. ମୋ ଟ୍ରାଫିକ - ଆବୁରୁଜାବୁରୁ ଗପ ॥ ୮୨
୧୮. ଜଗନ୍ନାଥେ ଫେରିଲେ ॥ ୯୮

ଗପରୁ ଗପଟିଏ !!

ଏମିତି ବି କେବେ କେବେ ହୁଏ । ଏକ ଗପ ଆଉ କିଛି ଯୋଗାଧୀନ ଘଟଣା; ଗୋଟିଏ ଝିଅର ମାନ - ସମ୍ମାନ, ଜୀବନ ବଞ୍ଚାଇଲା ।

ମୋର ହାଉସମ୍ୟାନସିପ ବର୍ଷର କଥା । ମେଡିସିନ ବିଭାଗରେ ଡିଉଟି ପଡ଼ିଥାଏ । ସରକାରୀ ମେଡିକାଲ କଲେଜ-- ସୋମବାର । ବିଭାଗୀୟ ମୁଖ୍ୟ (HOD) ଙ୍କ ୟୁନିଟ । ଏ ସମସ୍ତ ମିଳିତ କାରଣ ଯୋଗୁଁ ଆଉଟଡୋରରେ ପ୍ରବଳ ଭିଡ । କୌଣସି କାରଣବଶତଃ ମୋ ସାଙ୍ଗରେ ଥିବା ଅନ୍ୟ ଝିଅ ସାଙ୍ଗମାନେ ସେ ଦିନ ଛୁଟିରେ ଥାନ୍ତି । ପ୍ରାୟ ୧୨:୩୦ ବେଳକୁ ଭିଡ ଟିକିଏ ଥମିଲା । ଶାନ୍ତିରେ ନିଃଶ୍ୱାସ ମାରି ଟେବୁଲ ଚାରିପଟେ ଟିକିଏ ବସିଯାଇଥାଉ ।

ଏତିକିବେଳେ ପ୍ରାୟ ୧୭-୧୮ ବର୍ଷର ଝିଅଟିଏ, ଗୋରା ତକତକ ଦେହ, ସୁନ୍ଦର ଚେହେରା ଅଥଚ ମଉଳା ଫୁଲପରି ମୁହଁଟିଏ ନେଇ ଆମ ଟେବୁଲ ଆଡକୁ ଆଗେଇ ଆସୁଥାଏ । ସାଙ୍ଗରେ ବୋଧେହୁଏ ବଡ ଭଉଣୀ ହୋଇଥିବେ । ସେ ବି ଚିନ୍ତିତ ଦିଶୁଥାନ୍ତି । ଡାକ୍ତରଙ୍କ ବ୍ୟତୀତ ଆଉ କିଏ ନିଶ୍ଚିନ୍ତ ହୋଇ ଡାକ୍ତରଖାନା ଆସନ୍ତି ଯେ ? ଆମେ ସବୁବେଳେ ଦୁଃଖୀମାନଙ୍କ ଭିତରେ ଘେରା - ରୋଗ ସାଙ୍ଗରେ ଅର୍ଥାଭାବ, ଯତ୍ନର ଅଭାବ, ଜ୍ଞାନାଭାବ ଯୋଗୁଁ ହଇରାଣ ..... ଏ ସମସ୍ତ ସମସ୍ୟା ଆମ ଚାରିପାଖେ ଘେରି ରହିଥାନ୍ତି ।

ସୁନ୍ଦର ମୁଁହରୁ ଆଖି ଓହ୍ଲେଇଲା ଟିକିଏ ତଳକୁ । ଆମକୁ ଡାକ୍ତରୀ ପାଠରେ ଶିଖାଯାଏ ରୋଗୀ ରୁମ ଭିତରକୁ ଚାଲି ଆସିବାମାତ୍ରେ ତୁମ ଦାୟିତ୍ୱରେ ଓ ଗୋଡଠୁ ମୁଣ୍ଡ ଯାଏ ତୁମର ଦୃଷ୍ଟି ରହିବା ଦରକାର । ଚେନ ସ୍ମୋକର୍ ତୁମକୁ ଭୁଆଁ ବୁଲେଇ ଦେବେ ଯେ , ସେମାନେ ଜୀବନରେ କେବେ ସିଗାରେଟ ଛୁଇଁ ନାହାନ୍ତି ବୋଲି; ମଦୁଆ କହିବେ ମଦ ଦେଖି ନାହାନ୍ତି । ଆମୂଳଚୂଳ ତଥ୍ୟ (History) ତ ନେବ, ତେବେ ଚଉଅଖିଆ ହୋଇ ସର୍ବତ୍ର ନିଘା ବି ରଖିଥିବ ।

ସେଇ ନୀତିରେ ମୁଁ ଓ ଅନ୍ୟମାନେ ଦେଖି ପାରିଲୁ, ଝିଅଟିର ପେଟଟି ୬-୭ ମାସର ଗର୍ଭ ଥିଲାପରି ଲାଗୁଛି । ସାଙ୍ଗେ ସାଙ୍ଗେ ଅନ୍ୟ ଡାକ୍ତର ଭାଇ ମାନଙ୍କ ଭିତରେ ତିର୍ଯ୍ୟକ କମେଣ୍ଟ ମାରିବା ଆରମ୍ଭ ହୋଇଯାଇଥିଲା ।

' ବିହା ନାଇ ହୋଇକରି ବି ପେଟ ଆର ଛାତି ଫୁଲେଇ ଟୁକେଲମାନେ ଚାଲ୍ ଲେନ ।'

ଆଉ କିଛି ଟାହି ଟାପରା ବି କାନରେ ବାଜୁଥାଏ ।

କେହି ଜଣେ ନିଷ୍ପତ୍ତି ବି ଦେଇଦେଲେ - This is pregnancy out-of-wedlock. (ଅବୈଧ ସମ୍ପର୍କ ଜନିତ ଗର୍ଭାଧାନ)

କେହି କେହି ମୁଚୁକି ହସିଲେଣି ମଧ୍ୟ ।

ଝିଅଟି ସମସ୍ତ ସାହସ ଜୁଟାଇ ଯାହା ବିବୃତି (history) ହେଉଥାଏ, ତା' ସାଧାରଣ ଗର୍ଭାବସ୍ଥା (normal pregnancy) ସହ ହିଁ ମେଳ ଖାଉଥାଏ । ବଡ ଭଉଣୀଙ୍କର ଚେହେରା ମଧ୍ୟ ସେତେବେଳେକୁ ଗଳଦ୍ -ଘର୍ମ । ଭାବୁଥିବେ - କି ଯେ ଅପକର୍ମ କରିକି ଆସିଛି କେଉଁଠି !

ସେ ଝିଅଟିକୁ ଦେଖିଲାବେଳକୁ ମୋର ମନେ ପଡିଯାଉଥାଏ ଆମ ରାଜ୍ୟରେ ସେତେବେଳେ ପ୍ରକାଶ ପାଉଥିବା 'ସୁଚରିତା ' ପତ୍ରିକାରେ ପଢିଥିବା ଏମିତି ଗପଟିଏ । ସେଥିରେ ମଧ୍ୟ ଏକ ଝିଅ ନିର୍ଯାତିତା ହୁଏ ଗର୍ଭବତୀ ହୋଇଥିବା ଆଶଙ୍କାରେ ନିଜ ପରିବାରବର୍ଗଙ୍କ ଦ୍ୱାରା । ସମସ୍ତେ ତାକୁ ଏକ କୁଆଁରୀ ମା' ବୋଲି ଭାବିନେଇ ଘରେ ଲୁଚାଇ

ରଖନ୍ତି । ଖାଦ୍ୟାଭାବ ଓ ମାଡଗାଳିରେ ପଚିସଢ଼ି ଯେତେବେଳେ ଶୁଖି ଶୁଖି ଯାଉଥାଏ , ଦୈବାତ କୌଣସି ସ୍ତ୍ରୀ - ପ୍ରସୂତି ରୋଗ ବିଶେଷଜ୍ଞ ତାକୁ ଦେଖିଲେ ଏବଂ ବିଭିନ୍ନ ପରୀକ୍ଷା ନିରୀକ୍ଷା କରି ଓଭାରିଆନ କ୍ୟାନ୍ସର ବୋଲି ଡାଇଗ୍ନୋସିସ୍ ଦେଇଥିଲେ । ହେଲେ ଝିଅଟିର ମୃତ୍ୟୁ ହୋଇଥିଲା - ଅବଶ୍ୟ ଖୁବ ଶାନ୍ତିରେ ନିଶ୍ୱାସ ମାରିଥିଲା , କୁଆଁରୀ ମା' ର ଲେବଲ ହଟିଯାଇଥିବାରୁ ଓ ନିଜର ସତୀତ୍ୱର ସାର୍ଟିଫିକେଟ ପାଇ ଆରପାରିକୁ ଯାଉଥିବାରୁ ।

ଏତେ ସବୁ ଚିନ୍ତା ଭିତରେ ବୁଡିଥିଲାବେଳେ ସିନିୟର ଭାଇ ଜଣେ କହିଲେ, ' ବିୟତପ୍ରଜ୍ଞା ! ୟାଙ୍କୁ ନେଇ ଚେକ କର । ପ୍ରେଗନେସି ଟେଷ୍ଟ ଗୋଟେ ଲେଖିଦେବ ।

ପରଦା ପଛକୁ ନେଇ କାଉଚରେ ଶୁଆଇ ଆଉଥରେ ସେଇ ସବୁ ପ୍ରଶ୍ନ ପଚାରିଲି ଅନିଚ୍ଛାସତ୍ତ୍ୱେ । ତା ଭୟାତୁର ଛଳ ଛଳ ଆଖି ଦେଖି କ'ଣ ମନକୁ ଆସିଲା କେଜାଣି ତା ଆତ୍ମପ୍ରତ୍ୟୟ ବଢେଇବା ପାଇଁ କହି ପକେଇଲି - ' ବ୍ୟସ୍ତ ହୁଅନି କୌଣସି ଟ୍ୟୁମର ବି ହୋଇପାରେ ।'

ମୁଁ ସନ୍ଦିହାନ ଥିଲି କି - ବୋଧେହୁଏ ହଁ । ତେବେ ପେଟଟିରେ ବର୍ତ୍ତୁଳତା ଟିକିଏ ଅଲଗା ପ୍ରକାର ଥିବାରୁ ଭାବିଲି ଭଲରୂପେ ଚେକ କରିବା ଦରକାର ।

ଷ୍ଟୋ ବୁଲେଇ ବୁଲେଇ ଦେଖିଲି – ନାଁ, ଶିଶୁର ହୃତକ୍ରିୟା ନାହିଁ । ଟ୍ୟୁମର ପରି ହଁ ଲାଗୁଛି । ଟ୍ୟୁମରପରି ଅଲଗା ପ୍ରକାର ଟାଣ ଲାଗୁଛି ଓ ଗୋଟିଏ ଜାଗାରେ ଲାଗିରହି ଅନ୍ୟଜାଗା ମୁକ୍ତ ଭାବେ ବୁଲୁଛି ।

କ୍ୱେରି ଓଭାରିଆନ ଟ୍ୟୁମର (? Ovarian tumour)... ପ୍ରେଗନାନସି ଟେଷ୍ଟ ଲେଖିଲିନି ....ମନ ବିଦ୍ରୋହ କଲା । ମୋ ଡ଼ାଇଗନୋସିସ ଉପରେ ଭରସା ରଖିବାକୁ ପଡିବ , ନ ହେଲେ ଗାଇନୀକ ଡିପାର୍ଟମେଣ୍ଟ ଲେଖନ୍ତୁ । ଏଥର ଗାଇନୀକ ଡିପାର୍ଟମେଣ୍ଟକୁ ପଠାଇ (refer) ଦେଲି ।

ତା' ମୁହଁର ଉଜ୍ଜଳତ ଅନେକଟା ଫେରି ଆସିଥିଲା । ଭାବୁଥିବ ଯାଃ .....ହେଉଥାଉ ଗୋଟେ ପ୍ରାଣଘାତୀ ଟ୍ୟୁମର । ଏଥର ଚିନ୍ତା ନାହିଁ । ବଡ ନାନୀଙ୍କ କପାଳର ଭ୍ରୁକୁଞ୍ଚନ ମଧ୍ୟ ଅନେକଟା ଲାଘବ ହେଲାପରି ଲାଗିଲା ।

ଏଥର କେସରେ ମୋର ବି ଆଗ୍ରହ ବଢି ଯାଇଥାଏ କିଛି କାରଣ ଯୋଗୁଁ । ମୋ ନିଦାନ (diagnosis) ଠିକ ହେଲା କି ନାହିଁ ଜାଣିବା ପାଇଁ ଓ ଫେରି ଆସି ଆମ ଡାକ୍ତର ଭାଇମାନଙ୍କୁ ସେତକ ଜଣେଇବା ପାଇଁ ।

ପରେ ପତା ଲଗେଇ ଜାଣିଲି ଯେ ନିଜେ ବିଭାଗୀୟ ମୁଖ୍ୟା (HOD) ତାକୁ ଦେଖିଛନ୍ତି ଓ ମୋର ନିଦାନ (diagnosis) ସମ୍ପୂର୍ଣ୍ଣ ଠିକ.... ଓଭାରିଆନ ଟ୍ୟୁମର । ପରେ

କରିଡରରେ ତରବରିଆ ଭାବେ ଏମର୍ଜେନ୍ସି ଡ୍ୟୁଟି କରିବାକୁ ୱାର୍ଡ ଯାଉଥିବା ବେଳେ ଦୁଇ ଭଉଣୀଙ୍କ ସହ ଭେଟ ହୋଇଗଲା । ଆଃ ! ସତେ ଯେମିତି ସୂର୍ଯ୍ୟ, ଘନ କଳା ବାଦଲ ଉହାଡ଼ରୁ ବାହାରି ଆସିଛନ୍ତି । ଝଟକୁ ତା ସତୀତ୍ୱର ସାର୍ଟିଫିକେଟ୍ ମିଳିଯାଇଛି ।

ଟ୍ୟୁମରଟା କ୍ୟାନ୍ସର ବି ହୋଇପାରେ , ହେଲେ ଆଉ ପରବାୟ ନାହିଁ । ଜୀବନଠୁ ବଳି ସମାଜରେ ଆମ ସମ୍ମାନ ନା ! ଭାବୁଥିଲି ସେ ପରିବାରର ସଦସ୍ୟମାନେ ଖୁସିରେ କିଛି ଗୋଟେ ଭୋଜିଭାତ କରି ପକେଇଥିବେ ।

ଆଃ ! ଏ ମାତୃତ୍ୱ ! ଯାହାକୁ ଦୁନିଆରେ ସର୍ବଶ୍ରେଷ୍ଠ ସ୍ଥାନ ଦିଆଯାଏ । ତା ପାଇଁ ନାରୀଟିଏ କେତେ ଲାଞ୍ଛନା ନ ସହେ ସତେ ! ଅବୈଧ ସମ୍ପର୍କ ରୁ ଗର୍ଭବତୀ ହେଲେ , ନାରୀଟି ଲାଂଛିତ ହୁଏ ସିନା , ତା ଦେହରେ ଦାଗ ରହେ ବୋଲି , ପୁରୁଷ ଝାଡ଼ିଝୁଡ଼ି ହୋଇ ପୁଣି ପବିତ୍ର ।

ଯଦି ଏଭଳି ସମ୍ଭାବନା ରହନ୍ତା ଯେ ୫୦ % ପୁରୁଷ ଗର୍ଭବନ୍ତ ବା ୫୦% ନାରୀ ଗର୍ଭବତୀ ହେବେ, ସମାଜରୁ ଅବୈଧ, ଧର୍ଷଣ ଆଦି ଶବ୍ଦ ଲୋପ ପାଇଯା'ନ୍ତା ।

ତେବେ ଏପରି କଳ୍ପନା କରି ମନକୁ ଖୁସି କରାଯାଇ ପାରେ ସିନା, ସମାଜର ଚିନ୍ତାଧାରାକୁ ବଦଳା ଯାଇପାରେନାହିଁ । କେଜାଣି ଭଗବାନଙ୍କ ସହ ମିଟିଙ୍ଗଟେ ବସାଇଲେ ଏ ପ୍ରସ୍ତାବ ପାରିତ ହେବ ପରା !

ତେବେ ଏ ସବୁ କଳ୍ପନା ଜଳ୍ପନାକୁ ଛାଡି କହି ରଖିବାକୁ ଚାହିଁବି ଯେ ନିଜର ଆଶଙ୍କା ଓ ଆତଙ୍କିତ ମନର ଉଦ୍ଭଟ କଳ୍ପନା ଅଲଗା ରଖି ଏଭଳି ରୋଗ ସବୁର ଠିକ ସମୟରେ ନିଦାନ ଓ ନିରାକରଣ କରିବା ଚାହି ; କେବଳ ଶାରୀରିକ ନୁହେଁ , ମାନସିକ ରୋଗୀ ମଧ୍ୟ ଏହିଭଳି ସମସ୍ୟାକୁ ସଂକୋଚ ଯୋଗୁଁ ଲୁଚାଇ ରଖନ୍ତି ଓ ପରେ ଖୁବ ଡେରି ହୋଇଯାଇଥାଏ ।

□

ଲାଇଭ ମନ୍ଦାର

ଆଜ୍ଞା, ଏ ଶିରୋନାମା ଦେଖି ମୁଣ୍ଡ ଭିତରେ ଗୁଡ଼ାଏ ଆବୁରୁ ଜାବୁରୁ ପ୍ରଶ୍ନ ଉଠୁଥିବ । ଭାବୁଥିବେ ଲାଇଭ କ୍ରିକେଟ ଦେଖୁଛୁ , ଛୁଆ ବୋରିଂ ଓ୍ୱେଲ ରେ ପଡିଗଲେ ଦିନରାତି ଚବିଶ ଘଣ୍ଟିଆ ଲାଇଭ କଭରେଜ ଦେଖୁଛୁ, ବନ୍ୟା -ବାତ୍ୟା ଲାଇଭ ଦେଖୁଛୁ , ରିୟାଲିଟି ଶୋ ଲାଇଭ ଦେଖୁଛୁ ; ଆଉ ଏ ଲାଇଭ ମନ୍ଦାରଟା ପୁଣି କଣ ? ମନ୍ଦାରଟା ଫୁଲଟେ - ମାନେ ତ ଜୀବନ୍ତ - ସବୁବେଳେ ତ ଲାଇଭ, ଡେଡ଼ ହେଲେ ତ କିଛି କାମର ନୁହେଁ । କୋଉ ଦେବାଦେବୀଙ୍କୁ ଅବା ଚଢ଼ିବ ? ସେ ନେଇ ଗୋଟେ ଶିରୋନାମା ପୁଣି !

ଆଜ୍ଞା, କଥାଟା ଏମିତି । ଆମର ଆପାର୍ଟମେଣ୍ଟର ଶତାଧିକ ପରିବାର ପାଇଁ କାନ୍ଥକୁ ଲାଗି ଟିକିଏ ଟିକିଏ ମାଟି ରେ ଅଳ୍ପ ଅଳ୍ପ ଗଛ ଲାଗିଛି । ଆମେ ତ ସମସ୍ତେ ଈଶ୍ୱର ବିଶ୍ୱାସୀ, ସମସ୍ତଙ୍କୁ ଫୁଲ ଦରକାର ପୂଜା ପାଇଁ ଓ ଏ ଆପାର୍ଟମେଣ୍ଟ ରେ ଆସି ରହିବା ପରେ ପୂଜାର୍ଥୀମାନଙ୍କ ଭିତରେ ମୁଠାଏ ପୂଜା ଫୁଲ ପାଇଁ ରୀତିମତ ପ୍ରତିଯୋଗିତା ଓ (ଅବଶ୍ୟ ମୁଠା କେତେ ବଡ ସେଇଟା ବିଚାର୍ଯ୍ୟ) । ତେବେ ପ୍ରତିଯୋଗିତା ଏତେ ତୀବ୍ର ଯେ, ମୋତେ ତାହା ମେଡିକାଲ ପ୍ରବେଶିକା ପରୀକ୍ଷା ଠାରୁ ବି ଧୀରେ ଧୀରେ କ୍ଲିଷ୍ଟ ଲାଗିଲା ।

ଭୋର ଅନ୍ଧାର ଟିକିଏ କଟୁ କଟୁ ଯେତେବେଳେ ଫୁଲ ଚାଙ୍ଗୁଡ଼ିଟିଏ ଧରି ମୁଁ ଛୋଟିଆ ସାଧାରଣ (common) ବଗିଚାଟିକୁ ଧପାଲେ, ସେତେବେଳକୁ ଆଉ କିଛି ପୂଜାର୍ଥୀ ଟପଟାପ ଫୁଲ ସବୁ ଛିଡେଇନେଇ ପଳେଇଲାବେଳେ ପଦପାତ ଆପେ ତ୍ୱରାନ୍ୱିତ ହୋଇଯାଏ । ସମସ୍ତଙ୍କୁ ଆବଶ୍ୟକତାଠାରୁ ଅଧିକ ଦରକାର । ଫୁଲ ନ ପାଇ ହତାଶାରେ ମୁଁ ଆଉ ଟିକିଏ ଜୋର ଦେଇ ମନ୍ଦାର ଗଛ , ଟଗର ଗଛକୁ ଉପର ତଳ କରି ଆଡେଇ ଦେଖେ । କାଁ ଭାଁ ଗୋଟେ କୁଜା କେମ୍ପା ଫୁଲ ପାଏ । ଫେରି ଯାଉ ଯାଉ ପୁଣି ମା' ତା' ଛୁଆର ଡାଇପର ଟେକି ଝାଡା ପରିସ୍ରା କରିଛି କି ନାହିଁ , ଛନକାରେ ଯେମିତି ଦେଖେ , ସେମିତି ଗଛ ଗୁଡାକୁ ମୁଁ ଆଉ ଥରେ ଆଡେଇ ଆଡେଇ ଦେଖିନିଏ ।

ଖବର ମିଳିଲା ଯେ, ପୂଜାର୍ଥୀ ମାନେ ନିଜେ ଆସି କିମ୍ବା ନିଜ ଡ୍ରାଇଭର କିମ୍ବା ଚାକରାଣୀ ମାନଙ୍କ ହାତରେ ସନ୍ଧ୍ୟାରୁ କଡ଼ ସବୁ ତୋଳାଇ ନେଉଛନ୍ତି । ଏଥର ପ୍ରତିଯୋଗିତା ରେ ଟକ୍କର ଦେବା ପାଇଁ ଚେଷ୍ଟା କଲି । ଦିନେ ଦୁଇ ଦିନ ପରେ ପୁଣି ବିଫଳ । ଧୀରେ ଧୀରେ କୁଜା କେମ୍ପା ଫୁଲ ମଧ୍ୟ ମିଳିବା କଷ୍ଟକର ହୋଇ ପଡିଲା ।

ପିଲାଦିନେ ପହେଲି ପଚରା ଯାଉଥିଲା - ' ମାମୁ ଘରେ ଗୋଠେ ଗାଈ, ରାତି ପହିଲେ ଗୋଟେ ନାହିଁ 'ଓ ସେତେବେଳେ ଯାହା ଉତ୍ତର ହେଉ ନା କାହିଁକି , ଏବେ କିନ୍ତୁ ମୋ ପାଇଁ 'ମନ୍ଦାର କଢି 'ଓ ଆଜି ଦେଖିଥିବି ଶହେ ହେବ ମନ୍ଦାର କଢି , ହେଲେ ଫୁଟନ୍ତା ଲାଇଭ ମନ୍ଦାରଟିଏ ମିଳିବା କଷ୍ଟ । ମୋର ବି ଜିଦ୍ଦି ବଢ଼ିଲା ।ଭାବିଲି , କଢ଼ି ଆଜି ଉପରଓଳି କାହିଁକି, ଏଇ ସକାଳୁ ହିଁ ତୋଳି ନେବି ଯେ , ପାଣିରେ ପକେଇ ଦେଲେ ସିଧା କାଲିକି ପୂଜାରେ ଲଗେଇବି । କିଛି ଦିନ ସେମିତି ଚାଲିଲା ।

ଯେତେବେଳେ ଅନ୍ୟମାନେ ମନ୍ଦାର ଫୁଲଟିଏ ନ ପାଇ ଅଶାନ୍ତିରେ ଗୁଣୁଗୁଣୁ ହେଇ ଯାନ୍ତି , ମୁଁ ମନେମନେ କିରିକିରି ହେଇ ବିଜୟିନୀର ହସ ହସେ । ଭାବେ ମୋର ଛ' ଟି ମନ୍ଦାର ସବୁବେଳେ ଆଗୁଆ ଥୁଆ । ଚର୍ଚ୍ଚା ଚାଲେ ଅମୁକ ବାବୁଙ୍କର ଡ୍ରାଇଭର , ସମୁକ ମାଡାମଙ୍କ ଚାକରାଣୀ , ମିସେସ ଅମୁକ , ଅମୁକର ସମୁକ - କିଏ କେତେ ଫୁଲ ନେଇ ଚାଲି ଯାଉଛନ୍ତି । ଆଉ ସେମିତି ଚର୍ଚ୍ଚା ଭିତରେ ଜନୈକା ମହିଳା ନିଜ ପଲିଥିନଟିକୁ ବେଶ ପେଟୁଆ କରି ସାରିଥାନ୍ତି । ସେ ପ୍ରାତଃ ଭ୍ରମଣର ସଦୁପଯୋଗ କରି ଆପାର୍ଟମେଣ୍ଟ ବାହାରୁ ମଧ୍ୟ ଫୁଲ ନେଇ ଆସିଥାନ୍ତି । ମୋ ଦେଖାଦେଖି ମନ୍ଦାର କଢି ବି ଟୁପ୍ ଟାପ ତୋଳି ନେଉଥାନ୍ତି ।

ଅନାୟାସରେ ମୋ ପାଟିରୁ ବାହାରି ପଡେ - 'ମାଡ଼ାମ, କେଉଁଠିକି ପଠାଉଛନ୍ତି କି ?' ମାଡ଼ାମ ଲଜ୍ଜିତ ହେବା ପରିବର୍ତ୍ତେ କହନ୍ତି- 'ନା ନା - ଆମ ଘରେ ବହୁତ ଠାକୁର । ନିଅନ୍ତୁ, ନିଅନ୍ତୁ ଆପଣ ବି ଦୁଇଟା ନିଅନ୍ତୁ , ବେଶୀ ଫୁଲ ପାଇ ନାହାନ୍ତି ବୋଧହୁଏ ।' ମୋ

ଲୋଭୀ ମନ ମଧ୍ୟ ଆପେ ଜରୀ ଟି ଦେଖେଇ ତାଙ୍କଠୁ ଫୁଲ ଗ୍ରହଣ କରିନିଏ । ବାସ , ମୋ ପାଟି ଚୁପ । ଏଇ ଟିକିଏ ସମୟ ପୂର୍ବରୁ ଯେଉଁ ମନ ମୋତେ ଦୁର୍ନୀତି, ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ କହୁଥିଲା- ଏବେ ବୁଝେଇ ଦେଉଛି , ' ଧୀରେ ବସ , ଏଇ ମାଡାମ ଟିକୁ ହାତରେ ରଖିଲେ ତୋ ଫୁଲ ପାଇବାରେ ଅସୁବିଧା ହେବନି ଅନ୍ତତଃ' । ଭାଡ଼ ମେଁ ଯାଏ ଜମାନା ... ।

ପରେ ଘରକୁ ଆସି ମନକୁ ପଚାରିଲି ଯେତିକି ମୋର ଦରକାର ଥିଲା, ସେତିକି ତ ପାଇଥିଲି, ପୁଣି ଲୋଭ ଅବା କଲି କାହିଁକି ? ମୋର ଦରକାର ଛ' ଟି ମନ୍ଦାର, ତା ତ କାଲିଠୁ ଯୋଗାଡ଼ କରି ରଖିଛି ଓ ଆସନ୍ତାକାଲି ପାଇଁ ବି ଛ ଟି କଢ଼ ଯୋଗାଡ଼ କରିଛି । ତେବେ ଲୋଭ କରି ଅଧିକ ଗ୍ରହଣ କଲି ବା କାହିଁକି ? ? ଯେଉଁ କଢି ଖର୍ବାକାରରେ ଦୁଇ ଦିନ ପରେ ଫୁଟିବ ତାକୁ ମଧ୍ୟ ଗ୍ରହଣ କରିନେଲି ! ପ୍ରକୃତି ମା' ଯେତିକି ଦେଇଛି, ସେତିକି ଯଦି ଆମେ ଭାଗ ବାଣ୍ଟି ନେବା, ସମସ୍ତଙ୍କୁ ମିଳିବ, ଅଧିକ ଦିନ ଯାଏ ବି ମିଳିବ । ଏ ମାନସିକତା ଲାଇଭ ମନ୍ଦାର ପାଇଁ କେବଳ ନୁହେଁ, ପ୍ରତ୍ୟେକ କ୍ଷେତ୍ରରେ ...ଆମେ ଭାରତୀୟ ନିଜକୁ ଖୁବ ଆଧ୍ୟାତ୍ମିକ ବୋଲି ଦାବୀ କରୁ । ଭଗବାନଙ୍କ ଉପରେ ବହୁତ ଭରସା, ବିଶ୍ୱାସ ...ତେବେ ଆମେ ଆସନ୍ତାକାଲି ପାଇଁ ଏତେ ଚିନ୍ତିତ କାହିଁକି ? ନିଃଶ୍ୱାସ ଉର୍ଦ୍ଧ୍ୱକୁ ଗଲେ ତଳକୁ ଫେରିବ କି ନାହିଁ ସେତକ ଜଣା ନାହିଁ, ଅଥଚ ମୁଁ ଦୁଇ ଦିନ ପାଇଁ ମନ୍ଦାର କଢି ତ ବେଶ ସଂଚୟ କରିଦେଲି ! ଆମେ ଧାର୍ମିକ ନା ଧର୍ମକୁ ଆଖି ଠାର ମାରୁଥିବା ପ୍ରବଞ୍ଚକ !

ସତରେ କ'ଣ ଧର୍ମରେ ବଞ୍ଚିବା ଏତେ କଷ୍ଟକର ! ମୋ ସାତ୍ତ୍ୱିକ ମନ ମଧ୍ୟ ଫୁଲ ଦୁଇଟା ଲାଞ୍ଛ ଆକାରରେ ପାଇ ସମସ୍ତ ଚିନ୍ତା ଚେତନାକୁ ପଲିଥିନ ଜରୀରେ ଗୋଟେଇ ନେଇ ବେଶ ସୁନ୍ଦର ଘରକୁ ଚାଲି ଆସିଲା ତ !

□

ଈଶ୍ୱର କେଉଁଠି ?

ୟୁ-ଟର୍ନ ପାଖରେ ବାଁ ହାତିଆ ଖଣ୍ଡିଆ ନମସ୍କାରଟେ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଉଠେଇଲା ବେଳକୁ ଅନ୍ଧାର ରାତିରେ ମନ୍ଦିର ବୋଲି ଯାହାକୁ ଭାବିଥିଲି ତା "ଚିଲିକା ଫ୍ରେଶ" ମାଛ ଦୋକାନଟା !

x x x x x x

ଅନେକେ ଭାବୁଥିବେ --'ଅତି ପଣ୍ଡିତ ବାଇ '... ମ୍ୟାଡ଼ାମ ଟିକିଏ ବାଚାଳ ହେଲେଣି ବୋଧହୁଏ ।

ଘରୁ ନ'ଟା ବେଳେ ବାହାରିଲା ବେଳକୁ ନସର ପସର ହୋଇ, ରୋଷେଇ, ଘରକରଣା ,ପିଲାଙ୍କ ଦାୟିତ୍ୱକୁ ଜୋଳେଇ କାଖେଇ, ଜୋର ଜବରଦସ୍ତି କରି ଘରେ ତାଲା ବନ୍ଦ କରି, ଘର ଓ ମନକୁ ଠାକୁରଙ୍କୁ ସମର୍ପି ଦେଇ ଯେତେବେଳେ ଗାଡିକୁ ମେନ ରୋଡ଼ରେ ପୂରା ଦମରେ ଛୁଟାଇ ଦିଏ , ରାସ୍ତା ସେପାରିରେ ଥିବା ଏକ ମନ୍ଦିର ଦେଖି ଅଧା ଖଣ୍ଡିଆ ଅର୍ଥାତ ଗୋଟେ ହାତିଆ ନମସ୍କାର କରି ଭାବେ, ଦିନେ ଅନ୍ତତଃ ନିଶ୍ଚୟ ପାହାଚ ଚଢ଼ି , ଠାକୁରଙ୍କୁ ଦର୍ଶନ କରିବି ।

ଗଲା ବେଳେ ଭାବେ ଫେରିଲା ବେଳେ , ଫେରିଲା ବେଳେ ଭାବେ ଗଲା ବେଳକୁ ସାତ୍ତ୍ୱିକ ମନୋଭାବ ନେଇ ଦର୍ଶନ କରିବି । ଏ ଭିତରେ ୫ ବର୍ଷ ବିତି ଗଲାଣି । ଆପାତତଃ ଠାକୁରଙ୍କ ସହ ଲୁଚକାଳି ଖେଳ ଅବା କିଛି କଥା ଦେଇ କଥା ରଖିବାର ଆଶାର ଏକ ନିବିଡ଼ ସମ୍ପର୍କ ହୋଇ ଯାଇଛି ।

ଏ ଭଳି ଅଭ୍ୟାସରେ ପଡି ଯାଇଛି ଯେ, ସେ ପାଖାପାଖି ହେଲେ ହାତ ଆପେ ଉଠିଯାଏ ଅର୍ଦ୍ଧ -ନମସ୍କାର ମୁଦ୍ରାକୁ । ଠାକୁର ମନ୍ଦିର ଭିତରୁ ଓହ୍ଲେଇ ଆସି ସତେ ଯେମିତି ହୃଦୟ କନ୍ଦରରେ ଆସ୍ଥାନ ଜମେଇ ଦେଇଛନ୍ତି । କେତେବେଳେ କେମିତି ଆଗ ପଛ ହୋଇ ମନ୍ଦିର ଆଗରୁ ଥିବା କାର ୱାର୍କଶପ ପାଖେ ତ, କେତେବେଳେ ମନ୍ଦିର ପରେ ଥିବା ଚିଲିକା ଫ୍ରେଶ ଦୋକାନ ପାଖେ ହାତ ଉଠେ ।

ମନ୍ଦିର, ମସଜିଦ , ଗୀର୍ଜା ...ଏ ସବୁ କେବଳ ଏକ ଅନୁସ୍ମାରକ (ରିମାଇଣ୍ଡର) , ଈଶ୍ୱରଙ୍କୁ ମନେ ପକେଇବାର ଜରିଆ , ଏକ ସାଧନାସ୍ଥଳୀ । ଅନ୍ତଃସ୍ଥ ଜ୍ୟୋତି ଜାଗରଣ ପାଇଁ ଏକ ବାହ୍ୟ ଜ୍ୟୋତିର ଆବଶ୍ୟକତା ଥିବା ପରି , ପୂଜା କେନ୍ଦ୍ର ଗୁଡିକ ଈଶ୍ୱରଙ୍କୁ ପାଇବାର ଅଭ୍ୟାସ ସ୍ଥାନ ମାତ୍ର ।

ନିରନ୍ତର ଚେତନା ଜାଗ୍ରତ ରହୁ ..ଶୁଭମସ୍ତୁ ।

□

ସ୍ୱାଧୀନତାର ସଂଜ୍ଞା

ପ୍ରତି ବର୍ଷ ଦୁଇ ଥର ତିରଙ୍ଗାକୁ ବାକ୍ସ ଭିତରୁ ବାହାର କରି ମୁଣ୍ଡ ଉପରକୁ କରି ଗର୍ବର ସହ 'ଜନ ଗଣ ମନ ' ଗାଇ, ସେଉ ବୁନ୍ଦି ଖାଇ ବଡ ଖୁସି ହୋଇ ଘରକୁ ଫେରୁ ।

ଆମେ ଆମ ଦେଶକୁ ସ୍ୱାଧୀନ କଲେ । ଆମେ ସ୍ୱାଧୀନ ଦେଶର ନାଗରିକ - ଠିକ ଅଛି । ତେବେ ଆମେ ସତରେ କେତେ ସ୍ୱାଧୀନ ?

ଆମେ ଅନ୍ତର୍ମନ କେତେ ସ୍ୱାଧୀନ ?

ଆମେ ସମସ୍ତେ ପରାଧୀନ ବର୍ତ୍ତମାନ ଦୁଇଟି ବିଭାବରେ - ଭୟ ଓ ଲୋଭ । ତେବେ ମୁଁ କହିବି - ବୋଧହୁଏ 'ଭୟ' ହିଁ ସମସ୍ତ ସମସ୍ୟାର ଜଡ଼ ।

ଧରିନିଅନ୍ତୁ ଆମ ସମାଜର ସବୁଠୁ ବଡ ସମସ୍ୟା 'ଦୁର୍ନୀତି' ବିଷୟ - ଆମେ ବହୁତ ଚିତ୍କାର କରୁ 'ଦୁର୍ନୀତି ହେଲା ' ' ଦୁର୍ନୀତି ହେଲା ' । ହେଲେ ମଉକା ମିଳିବାମାତ୍ରେ ଆମେ କଲେ କ'ଣ ? ପୁଣି ସେଇ ଦୁର୍ନୀତି !

ଆଚ୍ଛା, ଏଥର ଦେଖିବା ଦୁର୍ନୀତି ହୁଏ କଣ ପାଇଁ ? ଆମ ସମସ୍ତଙ୍କ ଦରକାର - ' ଆବଶ୍ୟକତାଠାରୁ ଅଧିକ ' - ଏଠି ଲୋଭ କାମ କଲା । କିନ୍ତୁ ' ଲୋଭ ' ପଛରେ ରହିଛି ' ଭୟ ' । କାଳେ କାଲି ଆଉ ରୋଜଗାରକ୍ଷମ ରହିବିନି , କାଳେ ମୋ ପୁତ୍ର , ପୌତ୍ରମାନେ

ଭଲ ପାଠ ପଢ଼ିବେନି କିମ୍ବା ଭଲ ରୋଜଗାର କରିବେନି। ହୁଏତ ସରକାର ନିଜ ନୀତି ବଦଳାଇଦେବେ - ଏମିତି ଭୟରେ ହିଁ ଆମେ ଅର୍ଥ ଗଚ୍ଛିତ କରିଚାଲୁ । ଏମିତିକି ନିଜ ଭାଗ ଖାଇ , ଭାଇର ଭାଗ ଖାଇ , ଦେଶବାସୀଙ୍କ ଭାଗ ବି ଖାଇ ବସୁ ।

"କ'ଣ ହେଲା ? ଆପଣ ଦୁର୍ନୀତି କରନ୍ତିନି ! ଆପଣ ଭାରି ସାତ୍ତ୍ୱିକ, ବହୁତ ପୂଜାପାଠ କରନ୍ତି ! କାହା ପଇସାକୁ ଅନାନ୍ତିନି ? ନିଜ ପଇସାରେ ଯେତେ ଯାହା ସମ୍ଭବ ଖର୍ଚ୍ଚବାର୍ଚ୍ଚ କରନ୍ତି ?"

ଆଚ୍ଛା ! ତାହେଲେ ନିଜର ଆଠରୁ ଅଠର ଠାକୁରଙ୍କ ପାଇଁ ଜରୀଭର୍ତ୍ତି ଫୁଲ କାହିଁକି ନେଇଯାନ୍ତି ସକାଳୁ ସକାଳୁ ? କେବେ ବି ଗଣି ଗଣି ୧୮ - ୨୦ ଫୁଲ ନିଅନ୍ତି କି ? ଗଛରେ ଫୁଲ ଅଛି ତ କାହିଁକି ନ ନେବି ? ଭୁଲିଯାନ୍ତି ଯେ , ଆପଣଙ୍କ ଆଖପାଖର ପଡୋଶୀ ଭଉଣୀ - ଭାଇମାନେ ମଧ୍ୟ ଫୁଲ ଟିକିଏ ଚାହାନ୍ତି , ତାଙ୍କ ଠାକୁର ପୂଜାପାଇଁ ।

ଆପଣ ନିଜ ଧନରେ ନିଜ ସକ୍ଷମ ଭିତରେ ଖର୍ଚ୍ଚ କରନ୍ତି ପରା ! ସେଥିପାଇଁ ମୋଟା ବିଜୁଳି ବିଲ ଭରିବାର କ୍ଷମତା ଥିବାରୁ ଦିନରାତି ୨୪ ଘଣ୍ଟା ଆପଣଙ୍କର ଏ . ସି . ଚାଲେ । ଭୁଲିଯାନ୍ତି କମରାର ଲାଇଟ, ଫ୍ୟାନ ବନ୍ଦ କରିବାକୁ , ଯେତେବେଳେ ଉଠିଆସନ୍ତି କାମରେ । ଆପଣ ବିଲ ତ ଭରିଦେଲେ , ବିଜୁଳି ଶକ୍ତି ଉତ୍ପାଦନ କରି ଦେଖାନ୍ତୁ ତ ?

ଖାଦ୍ୟଥାଳିରେ ଦଶ ପ୍ରକାର ବ୍ୟଞ୍ଜନ ନ ହେଲେ ପାଟିକୁ ରୁଚେନି । ଯେତିକି ଇଚ୍ଛା ହୁଏ ଖାଆନ୍ତି , ବାକି ଯାଏ ଅଳିଆ ଗଦାକୁ । ଧରଣୀ ମା' ର ବୁକୁ ଚିରି କୃଷକ ଦାନା ଯୋଗାଏ, କେହି ଆପଣଙ୍କୁ ଆଣି ଦାନା ଗୋଡ ତଳେ ଜୁଟାଏ , ପୁଣି ନିଜ କଷ୍ଟୋପାର୍ଜିତ ଅର୍ଥରେ ସେ ସବୁ ଆପଣ କିଣନ୍ତି , ଜଣେ ଆପଣଙ୍କ ପାଇଁ ଗଳଦ-ଘର୍ମ ହୋଇ ରାନ୍ଧି ପରଶେ ....ହେଲେ କି ମୂଲ୍ୟ ଦେଲେ ଆପଣ ?

ଏତଦ୍ଦ୍ୱାରା ଆପଣ ନିଜ ଖର୍ଚ୍ଚ ବଢ଼େଇଲେ ଆଉ ତା ସହ ଭବିଷ୍ୟତ ପାଇଁ ଭୟ ମଧ୍ୟ ଓ ସରକାର ଏ କୃତ୍ରିମ ଅଭାବକୁ ଏଡ଼େଇବାକୁ ଯାଇ ନାନାଦି ଗବେଷଣା , ସାର , କୀଟନାଶକ ଦ୍ରବ୍ୟ ଆଦିର ବ୍ୟବହାର ବଢ଼େଇ ଦିଅନ୍ତି ଓ ସେଠୁ ଆରମ୍ଭ ହୁଏ ରୋଗର ଭୟ । ପୁଣି ଲୋଭ ଆଉ ଭୟ । ଆରମ୍ଭ ହେଲା ଆପଣଙ୍କ ଲୋଭରୁ ଆଉ ସରିଲା ଆପଣଙ୍କ ଭୟରେ ଓ ନିଜର ଦୁଇ ଇଞ୍ଚର ମାଂସପେଶୀ ଯାହାକୁ ଆମେ 'ଜିଭ' କହୁ, ତା' ହାତରେ ଆପଣ ନିଜ ସ୍ୱାଧୀନତାଟିକୁ ସମର୍ପି ଦେଲେ ।

ଆମେ ପରାଧୀନ ଆମ 'କାମନା ' ଆଗରେ । କାମନା ପୂର୍ତ୍ତି କରିବାକୁ ଯାଇ ଆମେ ଉର୍ଦ୍ଧଶ୍ୱାସ ହୋଇ 'ଲୋଭ ' କବଳରେ ପଡୁଛେ । ସେଇଠୁ 'ଲୋଭ ' - 'ଭୟ ' ସାଥୀ ହୋଇ ଆମକୁ କଲବଲ କରୁଛନ୍ତି ।

ଆସନ୍ତୁ ' ନିର୍ଲୋଭ ' ହେବା , ' ନିର୍ଭୟ ' ହେବା । ଗୀତାରେ ଶ୍ଲୋକରେ ସେଥିପାଇଁ ବୋଧେହୁଏ ଦୈବୀଗୁଣ ମଧ୍ୟରେ ସର୍ବପ୍ରଥମେ ' ଅଭୟ' ବିଭାବ ହିଁ ଆସେ – "ଅଭୟମ ସତ୍ତ୍ୱ ସଂଶୁଦ୍ଧିଃ ...। "

ଯିଏ ' ନିର୍ଭୟ ' - ସେ ତାର ପ୍ରତ୍ୟେକ କର୍ମ ପ୍ରତି ସଚେତନ । ' ନିର୍ଲୋଭ ' ହେଲେ ହିଁ ସେ ' ନିର୍ଭୟ ' ରହିପାରିବ । 'ସତ୍ୟ ' କହିଲେ ହିଁ ସେ ' ନିର୍ଭୟ ' ରହିପାରିବ । ଧୀରେ ଧୀରେ ନିର୍ଭୟ, ନିର୍ଲୋଭ ହୋଇ ଯେବେ ପରମ ସତ୍ତାକୁ ଜ୍ଞାତ ହେବା, ସେତେବେଳେ ଆମେ 'ଅଭୟ' ମଧ୍ୟ ହେବା ।

ଏ ' ସ୍ୱାଧୀନତା ' ଏମିତି ଏକ ସ୍ୱାଧୀନତା - ଯାହାକି ଆମ ସମସ୍ତଙ୍କୁ ହାସଲ କରିବାକୁ ପଡିବ - ନିତ୍ୟ ନିରନ୍ତର ଚେଷ୍ଟାରତ ରହି । ବୋଧହୁଏ ଏତିକକୁ ଆଧ୍ୟାତ୍ମିକ ସାଧନା କୁହାଯାଏ ।

ଭଗବାନ ସମସ୍ତଙ୍କୁ ସଦ୍-ବୁଦ୍ଧି ଦିଅନ୍ତୁ , ସମସ୍ତଙ୍କୁ ସ୍ୱାଧୀନ କରନ୍ତୁ । ଦେଖିବେ , ଭାରତମାତା କସ୍ମିନକାଳେ ଆଉ ପରାଧୀନ ରହିବାର ସମ୍ଭାବନା ରହିବନାହିଁ - ପୁନଶ୍ଚ ଭାରତ ମା' ଆମର ଅନ୍ୟ ଦେଶମାନଙ୍କ ପାଇଁ ମଧ୍ୟ ଦିଗବାରେଣୀ ଭାବେ କାମ କରିବ।

ସ୍ୱାଧୀନତାର ସନ୍ଧାନରେ ... ।

□

ବିଶ୍ୱ ଋତୁସ୍ରାବ ସ୍ୱଚ୍ଛତା ଦିବସ ଉପଲକ୍ଷେ କିଛି ଗପ୍ଲେଟ

ଅଣ୍ଡା

"ରହ ରହ ...ସେଇଠେ ଠିଆ ହ'...କିଛି ଛୁ ନା ....ଓଃ ! ରାତି ଦଶଟାରେ ମୋତେ ହଇରାଣ କଲା !

ଯାଏ ଗରମ ପାଣି ବସାଏ, ଗାଧେଇକି ଆସିବୁ ।"

'ମା', ସ୍ତ୍ରୀ ଲୋକଙ୍କର ଗୋଟେ ଅଣ୍ଡା ଫୁଟି ବାହାରିଲେ ଶୀତଦିନ ରାତିରେ ବି ମୁଣ୍ଡ ଧୋଇ ଗାଧୋଇବାକୁ କହୁଛ ...ଆଉ ପୁରୁଷ ଲୋକଙ୍କର ଥରକେ ଯେ ଦଶ କୋଟି ଅଣ୍ଡା ବାହାରୁଛି ସେମାନେ ତ ପାଣି ଭିତରେ ବୁଡିକି ରହିବ କଥା !'

'ହେଃ ! ରହ ! ମୋ ମୁଣ୍ଡଟା ଆଉ ଖରାପ କରେନି ।'

.....

ପୂଜା

'ଆଲୋ ହେ ଅଲକ୍ଷଣୀ, ତୋ ମା' ତୋତେ କିଛି ଶିଖେଇନି କିଲୋ ! ଗଲା ଗଲା, ମୋ ଏକାଦଶୀ ପାଣିଟା ମାରା ହେଇଗଲା ...ଦୁଇଟା ଦିନ ଜଗି ପାରୁନୁ କିଲୋ ...ତୋ ଫ୍ରକଟା ଲହର ପହର କରି ଏମିତି ଘରଟାଯାକ ଘିରି ଘିରି ବୁଲିବା କଣ ଦରକାର ଲୋ !'

'ବୋଉ, ସାନ ଛୁଆଟା ପରା !' ବୋଉ କହିଲେ

'ଏଗାର ବର୍ଷ ହେଲାଣି, କୋଉ କମ କି ?

ମୁଁ ଏତିକି ବେଳକୁ ବାହା ହେଇକି ଶାଶୁ ଘର ଗଲିଣି ।' ଜେଜେମା କହିଲେ ।

'ହଇ ଲୋ ଚଣ୍ଡୀ । ଏ ଚାରି ଦିନ ଠାକୁର ଘର ପାଖ ମାଡ଼ିବୁନି । ପୂଜା ପୁଜି ମନା ।'

'ହେଲେ ଜେଜେମା, ଏ ଚାରି ଦିନ ଠାକୁରଙ୍କୁ କୋଉଠେ ରଖିବି ?' ଝିଅ ପଚାରିଲା

'ହଇଲୋ, ଠାକୁର ତ ଠାକୁର ଘରେ ରହିବେ ...କଣ ଗୁଡ଼େ ବଲବଲ ହଉଛୁ ?'

'ଜେଜେମା, ମୁଁ ପଚାରୁଥିଲି ---ମୋ ହୃଦୟରେ ଯେଉଁ ଠାକୁର ଅଛନ୍ତି, ତାଙ୍କୁ କେଉଁଠେ ରଖିବି, ଏ ଚାରି ଦିନ ? ଏଇ ଯେ ପ୍ରତି ମୁହୂର୍ତ୍ତରେ ପ୍ରତି ଶ୍ୱାସରେ ତାଙ୍କୁ ଗୁନ୍ଥି ଦେଇଛି, ତାଙ୍କୁ କୋଉଠି ଥୋଇବି ? ତାଙ୍କୁ ଯେ ଖାଇବା ଆଗରୁ ମୋ ଖାଦ୍ୟରୁ ପ୍ରସାଦ ଚଢାଉଛି ମନ୍ତ୍ର ପଢିକି ...ତାକୁ କଣ କରିବି ? ବାଟଘାଟରେ ଗଲା ବେଳକୁ ଯେ ତାଙ୍କୁ ମୋ ସୁରକ୍ଷା କବଚ କରି ସାଥି କରିଛି ...ସେଥିକୁ କଣ କରିବି ?'

ମା' ଆଉ ଜେଜେମା' ବଲବଲ କରି ଝିଅ ମୁହଁକୁ ଅନେଇଥାନ୍ତି ।

.....

କ୍ୱାରେଂଟାଇନ- ପ୍ରତିଶୋଧ

'ବୁଝିଲ, ବୋଉର RT -PCR ରିପୋର୍ଟଟା ପଜିଟିଭ ଆସିଛି । ଆମ ବେଡ଼ରୁମ ଟା ବୋଉକୁ ଦେଇଦେବ। ଏ.ସି. ଅଛି, ଲାଗିକରି ବାଥରୁମ ଅଛି, ଲାଟ୍ରିନ ବି ଅଛି । ତାକୁ ସୁବିଧା ହେବ ।'

'ହୁଁ....ଆଉ କଣ ନା ....ସେଇ ରୁମଟା ନାଇଁ କି ? ମୁଁ କୁଆଡ଼େ ଘୁଂଚିବିନି...।"

'କୋଉଟା ?'

'ସେଇ ମ, ବାଡ଼ିପଟେ ଯୋଉ outhousର ଟା ଅଛି ଓ '

'ଆରେ ଏକଲାଟା..... ବୁଢ଼ୀ ମଣିଷଟା କେମିତି ରହିବ ?'

'ହଃ ...ସେଥିରେ କଣ ଅଛି ...ମୋ ଛୁଆଟା ସାତ ଦିନ କେମିତି କାନ୍ଦି କାନ୍ଦି ଏକା

ସେଠି ରହିଥିଲା, ମନେ ନାହିଁ ? କେତେ ନେହୁରା ହୋଇଥିଲି ...କେହି ଶୁଣିଥିଲ ? ଆଜି କର୍ମଫଳ ଫଳିବ ଓ କ୍ୱାରେଂଟାଇନର ସ୍ୱାଦ ହୁଏତ ଅତୀତର ଅନ୍ୟାୟ ସବୁକୁ ମନେ ପକେଇ ଦେବ ।'

.....

ଭଙ୍ଗା ପ୍ଲେଟ

'ଯା, ସେଇ କୋଣକୁ ବସେ ....ନେ ' ....ଗୋଟିଏ ଭଙ୍ଗା ପ୍ଲେଟରେ ଭାତ ତରକାରୀ ଭଜା ସବୁ ଏକାଠି ବାଢ଼ିଦେଇ ଶାଶୁ ବୋହୂ ପାଖକୁ ଏକ ରକମ ଠେଲି ଦେଲେ ।

'ଥାଉ ବୋଉ, ମୋର ଏମିତି ଖାଇବା ଅଭ୍ୟାସ ନାହିଁ ।'

ଶ୍ରୀର ଆଖିରୁ ଲୁହ ନୁହେଁ ଅଗ୍ନି ସ୍ଫୁଲିଙ୍ଗ ବର୍ଷୁଥିଲା ।

ବାହାରେ ଶ୍ରୀର ସ୍ମୃତି ଷ୍ଟାର୍ଟ କରି ବାହାରି ଯିବାର ଶବ୍ଦ ଶୁଭିଲା । ଲକ୍ଷ୍ମୀ ଉଭାନ ହୋଇ ଦୁର୍ଗା ଆବିର୍ଭୁତ ହୋଇଥିଲେ ।

.....

ପବିତ୍ର ପାପ

'ବୋଉଙ୍କର heart attack ହେଇଛି ବୋଧେ ...ନାନୀ, ଭାଇନାଙ୍କୁ ଶୀଘ୍ର ପଠାଅ । ଆମେ କ'ଣ କରିବୁ କିଛି ବୁଝି ପାରୁନୁ ।'

'ରହ, ମୁଁ ହିଁ ଆସୁଛି ଡ୍ରାଇଭ କରିକି ...ଭାଇନାଙ୍କର ଆଜି emergency OT , ବାହାରିକି ଆସି ପାରିବେନି ।'

ଗାଡି ପାର୍କ କରିକି ତରବର ହୋଇ ପହଞ୍ଚିଲା ତେଜସ୍ୱିନୀ ମା' ଙ୍କ ପାଖେ । କାଠ ପରି ଭାଉଜ କାନ୍ଥକୁ ଲାଗି ଠିଆ ହୋଇ ଥାନ୍ତି ।

'ଆରେ, କେହି ନାହାନ୍ତି କି ? ତୁମେ ଏ ଯାଏ କଣ କରିଛ ?'

'ମୁଁ କ'ଣ ଛୁଆଁରେ ବୋଉଙ୍କୁ ଛୁଇଁବି ?'

'ହାଏ, ମୋ କପାଳ ! ଚାଲ ଚାଲ ...ତୁମେ ଏତେ ପାଠ ଶାଠ ପଢିକି ଯୋଉଠେ କୁ ସେଇଠେ । ତୁମ ଛୁଆଁ ବୋଲି ବୋଉ ରାନ୍ଧୁଥିଲା ଟି ? ମୁଣ୍ଡ ବୁଲେଇକି ଖସି ପଡ଼ିଛି । vasovagal attack ପରି ଲାଗୁଛି । ଧର ବୋଉକୁ ...ନେଇକି ଟିକେ ECG କରେଇ ଦେବା ।'

'ଆରେ ଧର ...ମୁଁ ବି ଛୁଆଁ। ହେଇଛି ....ତୁମ ପାପ ଗଣ୍ଡାକ ବି ମୋତେ ଦେଇଦେବ ହେଲା ?'

'ଆଲୋ ବୋଉ, କେମିତି ଲାଗୁଛି ଏବେ ? ତୁ faint ହେଇ ଯାଇଥିଲୁ ...କିଛି ଅସୁବିଧା ନାହିଁ। ହେଲେ ଏ ଭିତରେ ଆମେ କେତେ ସବୁ ପାପ କରି ଦେଇଛୁ। ତୁ ଏବେ ଗୋଟି ପଣେ ମାର। ।'

ମା' ତେଜସ୍ୱିନୀର ମୁହଁକୁ ଚାହିଁ ଥାନ୍ତି ବଲବଲ କରି ।

"ମୁଁ ଆଉ ଭାଉଜ ଛୁଆଁ ...ତା ଉପରକୁ ଏ ନର୍ସ ବି, ଏ attendant ଝିଅଟି ବି । କେମିତି ଏ ପାପରୁ ଆମେ ମୁକ୍ତ ହେବୁ କହିଲୁ ?" ... ଆଖିରେ ଦୁଷ୍ଟାମୀ ହସ ଖେଳାଇ ତେଜସ୍ୱିନୀ ପଚାରିଲା ।

ମା' ମୁଣ୍ଡ ତଳକୁ କରି କହିଲା, ' ଇଏ ତ ପବିତ୍ର ପାପ ...ଅକାଳେ ନିୟମ ନାସ୍ତି ।'

ଫେଁ କିରି ହସିଦେଲା ତେଜସ୍ୱିନୀ...."ସେ ପଙ୍କ କ'ଣ ସହଜେ ଯିବା ତୋ ମୁଣ୍ଡରୁ ... ଆମକୁ ହିଁ କିଛି କରିବାକୁ ପଡିବ ଭାଉଜ ।"

.....

ଦିନେ ଗାର୍ଗୀ, ଅପାଲା, ଲୀଳାବତୀଙ୍କ ଜ୍ଞାନରେ ଉଦ୍ଭାସିତ ଭାରତଭୂମି, ସ୍ତ୍ରୀ ଲୋକଙ୍କର ଶିକ୍ଷାର ଅଭାବ ଯୋଗୁଁ ଅନେକ କୁସଂସ୍କାରରେ ଭରିଗଲା । ଅନେକ ବିଜ୍ଞାନ ତଥ୍ୟସମ୍ମଳିତ ଉପଚାରକୁ ଅନ୍ଧ ଭାବେ କଦର୍ଥ କରି ବ୍ୟବହୃତ ହେଲା ।

ନାରୀମାନଙ୍କର ମାସିକ ଧର୍ମ ଏକ ପ୍ରାକୃତିକ ବ୍ୟାପାର , ଯାହାକୁ ମହାଜାଗତିକ ବ୍ୟାପାର କରିଦିଆଯାଏ ଅନେକ ଜାଗାରେ । ଶ୍ରୀମା ଅତି ସାବଲୀଳ ଭାବେ ବୁଝାଇଛନ୍ତି ଯେ, ମା' କୁ ଗର୍ଭ ଧାରଣ ପାଇଁ ପ୍ରକୃତି କିଛି ଅଧିକ ରକ୍ତଦାନ କରିଥାଏ ଓ ସେତକ ଗର୍ଭାଧାନ ଅଭାବରେ ମାସିକ ଋତୁସ୍ରାବ ହୋଇ ବାହାରିଯାଏ ।

ଏଥିକୁ ଅତିଶୟ ସମ୍ବେଦନଶୀଳ ହେବାର ଆବଶ୍ୟକତା ନାହିଁ ଓ ନିଜର ନିତ୍ୟ ନୈମିତ୍ତିକ କାର୍ଯ୍ୟାବଳୀରେ ଯଥା ସମ୍ଭବ ନିଜକୁ ନିଯୁକ୍ତ କରାଯାଇପାରେ ଓ ଡାକ୍ତରଙ୍କ ପରାମର୍ଶ ନେଇ ଏଥି ଜନିତ ପୀଡାର ଉପଶମ ସହଜରେ କରାଯାଇପାରେ ।

ମାତୃତ୍ୱ, ଯାହାକୁ ସର୍ବଶ୍ରେଷ୍ଠ ସ୍ଥାନ ଦିଆ ଯାଇଛି, ତା'ର ପୂର୍ବବସ୍ଥା, ମାସିକ ଋତୁସ୍ରାବ ଏତେ ଘୃଣ୍ୟ ହେବ କେମିତି ? ଯଥା ସମ୍ଭବ ପରିଷ୍କାର ପରିଚ୍ଛନ୍ନତା ଓ ସୁଷମ ଖାଦ୍ୟ ସର୍ବୋପରି ଏଥିକୁ ଆବଶ୍ୟକ ।

ସ୍ୱଜାତି ପରହିଂସ୍ରକ ନୀତି ପରିତ୍ୟାଗ କରି ସ୍ତ୍ରୀ ଲୋକେ ନିଜ ଜାତିର ଉତଥାନ ପାଇଁ ସବୁ କ୍ଷେତ୍ରରେ ହାତ ବଢାଇବା ସର୍ବଥା ବିଧେୟ ।

ଶୁଭମସ୍ତୁ □



କପି

ଭାବୁଥିବେ ମୁଁ ମାଙ୍କଡ 'କପି' ବିଷୟରେ କିଛି କହିବି ବୋଧେ---ଆଧ୍ୟାତ୍ମିକ ଚର୍ଚ୍ଚାରେ କୁହାଯାଏ 'ଚଞ୍ଚଳ କପି ' ମାନେ ମନ ଆମର କେମିତି ଏକ ସଦା-ଚଞ୍ଚଳ, ମଦ-ମତ୍ତ ମାଙ୍କଡ ଭଳି ଡେଇଁ ବୁଲୁଥାଏ ...ଇତ୍ୟାଦି ... ।

ନା ନା ...ଏଥର ମୁଁ ତୁଚ୍ଛା "କପି" ଅର୍ଥାତ ଇଂରାଜୀରେ "ଚିଟିଙ୍ଗ"ବିଷୟରେ ହିଁ ଲେଖିବି । ଭଗବାନଙ୍କ ସୁଦୟାରୁ ପିଲାଦିନୁଁ ପାଠ ମନେ ରହି ଯାଉଥିଲାଓ ଅସୁବିଧା ହଉଥିଲା ଡ୍ରଇଁରେ । ତ୍ରିଭୁଜ ଭିତରେ ତିନୋଟି ଲଙ୍କାଆମ୍ବ , ଝୋଟି ,ଗାଈ ଚିତ୍ର ....ମା' ଲୋ ...ମୋ ପ୍ରାଣେ ଭୟ ଥିଲା ଏ ଗୋଟିଏ ପରୀକ୍ଷାକୁ । ମଝିରେ ତିନୋଟି କ୍ଲାସ ଘରେ ପଢ଼ିଲି । କେଜାଣି କେମିତି ଚିତ୍ରକଳା ପ୍ରତି ସମ୍ପୂର୍ଣ୍ଣ ବିରାଗ ଥିଲା ଓ ସପ୍ତମ ବୋର୍ଡ ପରୀକ୍ଷାରେ ବହୁତ କମ ମାର୍ଜିନରେ ଡ୍ରଇଁ ପରୀକ୍ଷାରେ ପାସ କରିଥିଲି । ଯଦି ସେଥିରେ ଫେଲ ହେଇଥାନ୍ତି, ମୋ 'ଓ' ଗ୍ରେଡ଼ ଯାଇଥାନ୍ତା ଚୁଲୀକି ଓ ହଁ, ତେବେ ଆସିବା କପି ପ୍ରସଙ୍ଗକୁ । କେଜାଣି କୋଉ ବିକୃତ-ମସ୍ତିଷ୍କ ଶିକ୍ଷକ /ଶିକ୍ଷୟିତ୍ରୀ ପ୍ରଶ୍ନପତ୍ର ତିଆରି କରିଥିଲେ ସପ୍ତମ ଅର୍ଦ୍ଧ -ବାର୍ଷିକ ପରୀକ୍ଷାରେ !

ଗୋଟିଏ ହାତୀ ଉପରେ ବସିଥିବା ମାହୁନ୍ତର ଚିତ୍ର କର ନ ହେଲେ ପନିକି ଧରି ମାଛ କାଟୁଥିବା ସ୍ତ୍ରୀ ଲୋକର ଚିତ୍ର । କୋଉ କାଳେ ଶିଖେଇ ଥିଲେ ଏମିତି ଚିତ୍ର ଯେ ଆଜି ଏମିତି ପ୍ରଶ୍ନ ପକଉଛନ୍ତି ? ମନେ ମନେ ବଡ ହତାଶ ଲାଗିଲା । ଆଜି ବୁଝା ପଡୁଛି ଯେ, ଆମର କଳ୍ପନା ଶକ୍ତିକୁ ସେମିତି ପର୍ଯ୍ୟାପ୍ତ ରୂପେ ପ୍ରସାରିତ କର ଯାଇ ନ ଥିଲା ଓ ସରକାରୀ ବହି ସବୁରେ ହାତ ଗଣତି କଳା ଧଳା ଛବି...ସେଥିରେ ସେ ବି ଅଧା ଲିଭି ଯାଇଥିବ । କଳ୍ପନାର ସମ୍ପ୍ରସାରଣ ସେପରି କେବେ ବି ହୋଇ ପାରି ନ ଥିଲା କିମ୍ବା କେହି ସେଥି ପ୍ରତି ଯତ୍ନବାନ ମଧ୍ୟ ନ ଥିଲେ ।

ବର୍ତ୍ତମାନ ଅନନ୍ୟୋପାୟ ହୋଇ, ନିଜର ଟପ୍ପର ହେବାର ଅହମିକାକୁ କାନିରେ ଗଣ୍ଠି ମାରି, ଲଜ୍ଜା ଛାଡି ମୋ ଆଗରେ ବସିଥିବା ମୋ ସାଙ୍ଗକୁ ଫୁସଫୁସ କରି ଡାକିଲି , 'ରୀନା (ରୀନା ଶୁଶାରୀ), ତୋ ହାତୀଟା ଟିକେ ଦେଖା ନା ।' ସେ ବଡ଼ କଷ୍ଟରେ ମୋତେ ତା' ଖାତାଟା ଠିଆ କରି ଟିକେ ସମୟ ପାଇଁ ଦେଖେଇ ଦେଲା ଓ ସେ ବି ହାତୀ ଭଳି ଦିଶୁଥିବା ଜନ୍ତୁଟିଏ ବନଉଥାଏ । ଟିକିଏ ସାହସ ଆସିଲା , ତା' ପରେ ମନେ ପଡ଼ିଲା ମୋ ବୋଉଙ୍କ ହାତୀ ଚିତା । 'ଅରକ୍ଷିତକୁ ଦଇବ ସାହା' ଯା' ହଉ ଶେଷ ବେଞ୍ଚର କୋଣ ସିଟଟା ମୋତେ ମିଳିଥାଏ । ନ ହେଲେ ଯୋଉ ଚିତ୍ରକଳା କାଗଜରେ ଉଭୁରି ଆସୁଥିଲା , କୌଣସି ଶିକ୍ଷୟିତ୍ରୀ ଦେଖିଥିଲେ ମୋ କାନମୁଣ୍ଡା ଲାଜରେ ଲାଲ ହୋଇ ଯାଇଥାନ୍ତା । କହିବା ବାହୁଲ୍ୟ, ସେତେବେଳେ ଚିତ୍ରକଳା ପ୍ରତି ସେମିତି ବିଶେଷ ଧ୍ୟାନ ଦିଅ ଯାଉ ନ ଥିଲା । ଯିଏ ଭଲ କଲା , "ହଁ , ଭଗବାନ ତାକୁ କେତେ କଳା ଦେଇଛନ୍ତି ଆଉ !" ବାସ ସେତିକି । ଭଙ୍ଗା -ତୁଟା ଅଳ୍ପ କିଛି କ୍ରେୟନ ଆମର ଗାଏ ମୋଟ ସମ୍ବଳ ଥିଲା । ହେଲେ ଆଜିକାଲି ଛୁଆ ମାନେ ସ୍କୁଲ ଜୀବନରେ ଅନ୍ତତଃ ପକ୍ଷେ କେଜିଏ ହେବ କ୍ରେୟନ, କେତେ ପ୍ରକାର କଲର, ଯନ୍ତ୍ରପାତି ବ୍ୟବହାର କରି ଦଉଥିବେ । ମୋତେ ଭାରି ଈର୍ଷା ହେଉଥିଲା ନ ହେଲେ ଖୁବ ସମ୍ମାନ ଆସୁଥିଲା ଯଦି କିଏ ଭଲ ଡ୍ରଇଂ କରି ପାରୁଥିଲା । ମୋ ବେଷ୍ଟ ଫ୍ରେଣ୍ଡ କୁ ଦେଖି ଦେଖି ଧୀରେ ଧୀରେ ସୁନ୍ଦରୀ ଝିଅ ମୁହଁ ଟିଏମାନ ରଫ- ଖାତା ପଛରେ ଆଙ୍କି ଶିଖିଲି । ଭାଗ୍ୟକୁ ଦଶମ ବୋର୍ଡରେ ଏ ବିଷୟ ନ ଥିଲା ହତକମ୍ପ ଜାତ କରିବା ପାଇଁ । ଯୁକ୍ତ ଦୁଇ ଶ୍ରେଣୀରେ ଯେତେବେଳେ ପ୍ରଥମ କରି ମାଇକ୍ରୋସ୍କୋପ ଟିଏ ଦେଖି ଦେଖି ମୋ ବୋଟନୀ ରେକର୍ଡରେ ଯେତେବେଳେ ଆଙ୍କିଲି, ମନ ବଡ଼ ଆତ୍ମସନ୍ତୋଷରେ ଭରି ଉଠିଲା । ହେଲେ ଏ ଆତ୍ମସନ୍ତୋଷ ଉପରେ କୁଠାରାଘାତ କଲେ ବୋଟନୀ ମାଡାମ ...."ଟ୍ରେସ କରିଛୁ ନା କାର୍ବନ ପକେଇ ଉତ୍ତାରିଛୁ ?"

ମୋର ଚିତ୍ରକଳା ଉପରେ ସୀମିତ ଜ୍ଞାନ ବିଷୟରେ ଜାଣି ପାରୁଥିବେ । କାର୍ବନ ଆଉ ଟ୍ରେସିଙ୍ଗ ବିଷୟରେ କୌଣସି ଧାରଣା ନ ଥିଲା । ହେଲେ, ଜୀବନରେ ଥରେ ଯାହା

ସେଇ ହାତୀ ଚିତ୍ରର କପି କରିଥିଲି । ପରେ ଭାବିଲି , ଆଚ୍ଛା , ତେବେ ମୋ ଚିତ୍ର ଟା ସେତିକି ଭଲ ହୋଇଛି ବୋଲି ମାଡାମ ସିନା ଭାବିଲେ କାର୍ବନ ପକେଇ ଉତାରିଛି !

ଏଥର ଜୋଶ ବଢ଼ିଲା ....ମଡ଼ର୍ଣ୍ଣ ଆର୍ଟ ଗୁଡା ସହଜ ଲାଗିଲା ...ଅନେକ ଗୁଡିଏ କରି ଚାଲିଲି ଓ ହେଲେ ସେଇ ପ୍ଲାଗିଆରିଜିମ୍ (plagiarism), ଅର୍ଥାତ ଦେଖି ଦେଖି ଚିତ୍ର ଆଙ୍କିବାରେ ହିଁ ମୋ ଚିତ୍ରକଳା ସୀମିତ ରହିଲା ଓ ତେବେ ସେଇ ଯେଉଁ ଚିତ୍ରକଳା ଶିଖିବାର ଅଧୁରାପଣ ରହିଗଲା, ସେତକ ମୋ ସାନ ଝିଅ ତନ୍ନିଷ୍ଠା (ମୁନମୁନ)ର ତୂଳୀ- ରଙ୍ଗ ସାକାର କଲା ।

□

ବାସ୍ନାର ସ୍ମୃତି

ଆଜ୍ଞା ଏ ଶିରୋନାମାଟା କେମିତି ଟିକିଏ ଅଡୁଆ ଲାଗିଲା କି ? ଭାବୁଥିବେ, 'ସ୍ମୃତି ର ବାସ୍ନା' ହୋଇଥା'ନ୍ତା ସିନା-- କିଛିଟା କାବ୍ୟିକ ଲାଗିଥା'ନ୍ତା, ଓଲଟା ହୋଇଗଲା , ନାଇଁ ଆଜ୍ଞା । ମୁଁ ବାସ୍ନା ର ସ୍ମୃତି ବିଷୟରେ ହିଁ ଗପିବାକୁ ଯାଉଛି । ମାନେ କୌଣସି ବାସ୍ନା କେମିତି ମୋତେ ସ୍ମୃତି ଜଗତକୁ ଟାଣିନିଏ, ସେଇ କଥା । ଏଇଯେ ଦୁଇ ଦିନ ତଳର କଥା, ବାହାଘର ଭୋଜିଟିଏକୁ ଯାଇଥାଏ । ଦ୍ୱାର ମୁଁହରେ କୁନି କୁନି ଝିଅ ଦୁଇଟା ହାତରେ ମୋର ଲାଲ ଗୋଲାପଟିଏ ଧରେଇଦେଲେ । ଖାଦ୍ୟପେୟ ବ୍ୟବସ୍ଥାରେ ସାମାନ୍ୟ ବିଳମ୍ବ ହେତୁ ବରବଧୂଙ୍କ ହାତରେ ଭେଟିଟିଏ ଧରେଇ ଦେଇ ପେଣ୍ଡାଲ ସମ୍ମୁଖରେ ପଡିଥିବା କୁରସୀ ମାନଙ୍କରୁ ଗୋଟିଏ ଅଧିକୃତ କରି ଅନ୍ୟମନସ୍କ ହୋଇ ଫୁଲଟିକୁ ଶୁଙ୍ଘିବାକୁ ଲାଗିଲି । ଓଠକୁ ଧାରେ ହସ ଚହଟି ଆସିଲା । ଗୋଲାପ ଫୁଲ ର ବାସ୍ନା ମତେ ଟାଣି ନେଇ ଯାଇଥିଲା ଅତୀତର କୌଣସି ଏକ ଦ୍ୱିପ୍ରହରକୁ ମୋର ଏକ ବାନ୍ଧବୀଙ୍କ ଘରକୁ । ସେ ବାନ୍ଧବୀଙ୍କ ଅତିଶୟ ଜିଦ ଯୋଗୁଁ ନିକଟସ୍ଥ କୌଣସି ଅଫିସରେ କାମ ସାରି ତାଙ୍କୁ ଦେଖା କରିନେବି ବୋଲି ଭାବିଥିଲି ।

ଆବୁରୁ ଜାବୁରୁ ଅନେକ ଗପ ଭିତରେ ବେଶ କିଛି ଜଳଖିଆ ମଧ୍ୟ ଦୁହେଁ ଉଦରସ୍ଥ କରିନେଇଥିଲୁ । ଏଥର ବାନ୍ଧବୀ ଜଣଙ୍କ କିଛି ଥଣ୍ଡା ପାନୀୟ ର ବ୍ୟବସ୍ଥା କରିବାକୁ ଉଠିଗଲେ । ଖରାଦିନ ଦ୍ୱିପ୍ରହର , ବେଶ ଗରମ ଲାଗୁଥାଏ , ତେଣୁ ଏଥିକୁ ମନା କରିବାର କୌଣସି କାରଣ ନ ଥାଏ । ତେବେ ବାନ୍ଧବୀ ଙ୍କ ହାତରେ ଦୁଇ ଗ୍ଲାସ ଗୋଲାପ ବାସ୍ନାର ଥଣ୍ଡାପେୟ ଦେଖି ମୋ ପେଟଟା କେମିତି ଘାଣ୍ଟି ଚକଟି ହୋଇଗଲା । ଏତେ ଆଗ୍ରହରେ ସେ ଥଣ୍ଡାପେୟ ଧରି ଆଗେଇ ଆସୁଥାନ୍ତି ଯେ , ସେଥିରେ କେମିତି କଣ କହି ଭଙ୍ଗା ପକେଇବି ଜାଣି ପାରୁ ନ ଥାଏ । କାରଣ ଆଗରୁ ଯେତେଥର ଏ ପେୟ ପିଇଛି , ଏ ବାସ୍ନାରେ ଭୀଷଣ ଅନାଗ୍ରହ ଯୋଗୁ ଅଜୀର୍ଣ୍ଣ ହେକୁଟି ନତୁବା ବାନ୍ତି ବାନ୍ତି ମଡ଼େଇବା ଆଦି ଅନେକ ଲକ୍ଷଣ ଦେଖେଇ ମୋ ଦିନଟା ଯାକ ନଷ୍ଟ ହୋଇ ଯାଇଛି।

ପ୍ରଥମରୁ ଜାଣିଥିଲେ ଅବା ମନା କରି ଦେଇଥାନ୍ତି । ବାନ୍ଧବୀଙ୍କ ହାତରେ ଥିବା ଗ୍ଲାସ ଯୋଡ଼ାକ କ୍ରମଶଃ ବଣୁଆ ମତ୍ତହସ୍ତୀ ଭଳି ଦେଖାଗଲେ । ଏହି ସମୟ ରେ ଝଣ ଝାଣ ...

ହଠାତ ଦେଖିଲି ବାନ୍ଧବୀ ଗ୍ଲାସ ସହ ଭୂପତିତା । କାର୍ପେଟ କୋଣ ରେ ଛନ୍ଦି ହୋଇ ବାନ୍ଧବୀ ପଡି ଯାଇଛନ୍ତି । ଗ୍ଲାସ ଦୁଇଟିରୁ ଗୋଟିଏ ଚୁରମାର ଅନ୍ୟଟି ଅକ୍ଷତ । କିନ୍ତୁ ମୋ ଆତଙ୍କର କାରଣ, ସର୍ବତ, ତାଙ୍କ କାର୍ପେଟକୁ ଗୋଲାପ ବାସ୍ନାରେ ବିଧୌତ କରି ଦେଇଛନ୍ତି ।

ଆହାଃ ଚୁ ଚୁ କରି ,ଭଙ୍ଗା କାଚ ସଫା କରି ଦେଇ ଅତର୍କ୍ଷା ହୋଇ ବାହାରି ଆସିଲା ବେଳକୁ ବାନ୍ଧବୀ ଆଉ ଥରେ ସର୍ବତ ତିଆରି କରିବାକୁ ବାହାରିଲେ । ଝଟପଟ ଥଣ୍ଡା ପାଣି ଗ୍ଲାସଟିକୁ , ପାଟିକୁ ନେଇ ନିମିଷକରେ ଶେଷ କରି ,'ଥାଉ ଆଉ କେବେ ' କହି ରିକ୍ସା ଡାକି ବସି ପଡିଲି । ରିକ୍ସାବାଲା କୁ ଠିକଣା କହି ଦେଲା ପରେ ଠୋ ଠୋ ହୋଇ ମନ କୁ ମନ ହସି କହିଲି ,' ଯା ହେଉ ମଣିଷ ବଂଚିଗଲା ।'

ବାସ୍ନାର ସ୍ମୃତି (୨)

ଦୀର୍ଘ ୪୫ ମିନିଟ ଯାତ୍ରାରେ ସମ୍ବଲପୁରରୁ ବୁର୍ଲା ପହଞ୍ଚିଲା ଭିତରେ କେତେବେଳେ ବଗ ପରି ଏକ-ପାଦାସନରେ ଠିଆ ହୋଇ ଅଥବା କେତେ ବେଳେ ଆଗକୁ ବା ପଛକୁ ଝୁଙ୍କି ଶେଷକୁ ଯେତେ ବେଳେ ସିଟ ଖଣ୍ଡେ ପାଏ , ସେତେବେଳେ ଗନ୍ତବ୍ୟ ସ୍ଥାନରେ ପଂହଁଚିବାକୁ ଆଉ ମାତ୍ର ୫ ମିନିଟ; ହଉ, ଜଗନ୍ନାଥଙ୍କ କୃପା । ଅନ୍ତତଃ ଆକଣ୍ଠ ହାଣ୍ଡିଆ-ପାନିତ ପଛ ପଟେ ଠିଆ ହୋଇ ଥିବା ବୃଦ୍ଧଙ୍କ ସଂସ୍ପର୍ଶରୁ ୫ ମିନିଟ ପାଇଁ ତ୍ରାହି । ଘରେ ପହଂଚିଲା ବେଳେ ହାତଟା କଳା ତ ହୋଇଯାଇଥାଏ , ତୀବ୍ର ଲୁହାଗନ୍ଧ ମଧ୍ୟ ହେଉଥାଏ । ହାତ ଧୋଉ ଧୋଉ

ଲୁହାଗନ୍ଧର ଖିଅ ମତେ ନେଇ ଛାଡି ଆସିଲା ଟ୍ରେନ ଭିତରେ । ଦ୍ୱିତୀୟ ଶ୍ରେଣୀ ଡବାରେ ଝରକା ପାଖରେ ବସିଲେ ଏ ଗନ୍ଧ ଅତି ସାଧାରଣ । ଅନେକ ରେଳଯାତ୍ରା , ପ୍ରତିଥର କିଛି ନା କିଛି ଘଟଣା । ସେଥର ଯାଉଥାଏ ଦିଲ୍ଲୀ, ମା'ଙ୍କ ସାଥିରେ ସମ୍ବଲପୁରରୁ । ସେଠୁ ଋଷିକେଶ ଯିବାର ଯୋଜନା ଥାଏ । ତୀର୍ଥସ୍ଥଳ ଦର୍ଶନ ତଥା ହିମାଳୟ ଦର୍ଶନର ସୁଯୋଗ ମିଳିଛି ।ମନ ପୁଲକିତ ହୋଇ ଉଠୁଥାଏ । ସିନେମା ଘରକୁ ଯାଇ କିମ୍ବା ପିକନିକ ପାର୍ଟିରେ ମାତି ଲୋକେ ପଇସା ଉଡାଉଥିବା ବେଳେ ଆମେ ତୀର୍ଥଯାତ୍ରା କରୁଛୁ । ଏଭଳି ଟିକେ ସାତ୍ତ୍ୱିକ ଅହଂ ମନକୁ ଚହଟି ଆସିଥାଏ ।

ଆମ ନିକଟସ୍ଥ କୁପେରେ ଏକ ପଞ୍ଜାବୀ ଯୁବକ ଚଢିଥାଏ ନିଜ ସାଙ୍ଗମାନଙ୍କ ସହ । ଖୁବ ହସ ମଜା ରେ ସମୟ କାଟି ସେମାନେ ଯାଉଥା'ନ୍ତି ଯାହାକି ଆମ ପାଇଁ ଟିକେ ଅସ୍ୱସ୍ତିକର ହୋଇ ଉଠିଥାଏ ଏବଂ ସେମାନଙ୍କୁ ଆମେ 'ଲଗାମଛଡ଼ା' ତଥା ଅନ୍ୟମାନଂକ ସୁବିଧା ପ୍ରତି ଉଦାସୀନ ଗୋଷ୍ଠୀ ହିସାବରେ ମୋହର ମାରି ଦେଇଥାଉ । ଟ୍ରେନ ରାଉରକେଲା ଷ୍ଟେସନରେ ରହିବା ମାତ୍ରେ ସେ ଗୋଷ୍ଠୀ ଫକଫାକ ତଳକୁ ଓହ୍ଲେଇ, କେହି ଜଳଖିଆ, କେହି ଚା , କେହି ଥଣ୍ଡା ପାନୀୟରେ ମନଯୋଗ କଲେ ।

ଏ ସମୟ ରେ ଏକ ନୁଖୁରାମୁଣ୍ଡି ଝିଅ, ବୋଧହୁଏ ୫ - ୭ ବର୍ଷ ହେବ, ତା କୁନି କୁନି ହାତରେ ମୋତେ ଡାକି ଇଙ୍ଗିତରେ କିଛି ଖାଇବାକୁ ହାତ ପତେଇଛି । ମୁଁ ନାସା କୁଞ୍ଚିତ କରି ପର୍ସ ଭିତରୁ ୫୦୦ ଟଙ୍କିଆ ୧୦୦ ଟଙ୍କିଆ ଆଡେଇ ଚାରେଣିଟିଏ ଚା' ହାତକୁ ଫିଙ୍ଗିଦେଲି । କହିବା ବାହୁଲ୍ୟ , ଟିକେ ଗର୍ବିତ ବି ହେଲି । ସେ ଡେଇଁ ଡେଇଁ ହାଜର ହେଇଗଲା ସେ ପଞ୍ଜାବୀ ଯୁବକ ଆଗରେ ।

ଯୁବକଟି ଏକ ଥଣ୍ଡା ପାନୀୟ ବୋତଲରୁ ଥଣ୍ଡା ପାନୀୟ କଣ୍ଠାଗ୍ରତ କରୁଥାଏ । ସେ ମଧ୍ୟ ପକେଟରୁ କିଛି ପଇସା ବାହାରକରି ତା' ହାତକୁ ବଢ଼େଇଦେଲା । ଝିଅଟି ତା ଥଣ୍ଡା ପାନୀୟ ଆଡେ ଲୋଭାତୁର ହୋଇ ଚାହିଁ ରହିଥାଏ । କ'ଣ ବୁଝିଲା କେଜାଣି ଯୁବକଟି ସେ ଅଧା ବୋତଲ ପାନୀୟଟିକୁ ଝିଅ ହାତକୁ ବଢ଼ାଇଦେଲା । ଆଃ! ତା' ପରେ କି ଯେ ଚମକ ସେ ଝିଅ ମୁହଁରେ! ହୁଏତ ତା'ବାପା ମା'ଙ୍କ ପ୍ରରୋଚନାରେ ହେଉ ବା ଅବସ୍ଥାଚକ୍ରରେ ପଡି ଭିକ୍ଷା ମାଗୁଛି । ସେ କିନ୍ତୁ ବୁଝେନି ଏ ପଇସାର ମୂଲ୍ୟ । ସେ ହୁଏତ ଯେତିକି ପଇସା ପାଇବ ସେତିକି ଟେକିଦେବ ତା' ମା' ବାପା କିମ୍ବା କୌଣସି ଦାଦା ହାତକୁ । ବଦଳରେ ମିଳିବ କିଛି ଉଚ୍ଛିଷ୍ଟ କିମ୍ବା ବାସି ଖାଦ୍ୟ । କେହି କଣ କେବେ ତା' ହାତ କୁ ଥଣ୍ଡା ପାନୀୟ ବୋତଲଟିଏ କିଣି ଟେକିଦେବ ? ସେ ମନସ୍ତତ୍ତ୍ୱ ଆମେ ବୁଝି ପାରିଲୁନି କିନ୍ତୁ ବୁଝିଲା ସେ ଲଫଙ୍ଗା ପଞ୍ଜାବୀ ଯୁବକ । ଏଥର ବାକି ଯାତ୍ରା ଏତେଟା ଅସ୍ୱସ୍ତିକର ମନେ ହେଲାନି ।

ବାସ୍ନା ର ସ୍ମୃତି (୩)

ଆଜ୍ଞା କେଶବକୁ ଜାଣିଛନ୍ତି ? ନା' ମ-- କୃଷ୍ଣ ମୁରାରୀ , ରସିକ ବିହାରୀ, ନଟବର କେଶବଙ୍କ କଥା କହୁନି । ଏ କେଶବ ହେଉଛି ଆମ ମେଡିକାଲ କଲେଜ କ୍ୟାଣ୍ଟିନ ମାଲିକ । ଅନାଥ କେଶବ ଜ୍ଞାନଲବ୍ଧ ହେବାଠାରୁ କୌଣସି ହୋଟେଲରେ ବାସନ ମାଜି ନିଜ ଜୀବନ ଆରମ୍ଭ କରିଥିଲା । ଅନେକ ଝଡଝଞ୍ଝା ସହି ଧୀରେ ଧୀରେ ହୋଟେଲରେ ରାନ୍ଧିଲା ଓ ତା ପରେ କ୍ୟାଣ୍ଟିନ କଣ୍ଟ୍ରାକ୍ଟ ପାଇଲା ।ବର୍ଷକରୁ ଦୁଇବର୍ଷ... ପରେ ତୃତୀୟ ବର୍ଷ ପାଇଁ ମଧ୍ୟ ସେ

କଣ୍ଟ୍ରାକ୍ଟ ପାଇ ଚାଲିଛି, ଛାତ୍ର ଛାତ୍ରୀଙ୍କ ଅନୁରୋଧ କ୍ରମେ । ଧୀରେ ଧୀରେ ଆମ ମେଡିକାଲ କ୍ୟାଣ୍ଟିନ 'କେଶବ କ୍ୟାଣ୍ଟିନ" ନାଁ'ରେ ପରିଚିତ ହୋଇ ଉଠିଲା । କେଶବ ଖାଲି ରାନ୍ଧୁ ନ ଥିଲା ତା ସ୍ନେହବୋଳା ହାତରେ ସତେ ଅବା ଅମୃତ କିଛି ଢାଳି ଦେଉଥିଲା । ଅନେକ ରେଗୁଲାର ଛାତ୍ରଛାତ୍ରୀଙ୍କ ପାଇଁ ତ ସେ ସନ୍ତୁଳା, ବଡ଼ିଚୁରା, ପସନ୍ଦର ଡାଲି ତରକାରୀ ମଧ୍ୟ ସସ୍ନେହେ ଆଣି ପରଶି ଦେଉଥିଲା । ହେଲେ ଏସବୁ ଉପରେ ଥିଲା ତା' ହାତରନ୍ଧା ସ୍ପେଶାଲ ''ମାଉଁସ ଝୋଳ' । ମୁଁ ଡେ-ସ୍କଲାର ହୋଇଥିବାରୁ ୧୨ ଟା ବେଳେ ଖାଇବା ପାଇଁ ଘରକୁ ବାହାରେ । ଭୋକିଲା ପେଟରେ ଏ 'ମାଉଁସ ଝୋଳ' ର ବାସ୍ନା ନାକରେ ବାଜିଲେ ସାଇକଲ ପେଡାଲ ସ୍ୱତଃ ସେଠି ଧୀର ମନ୍ଥର ହୋଇଯାଏ । ସେହି ଝୋଳର ବାସ୍ନା ଧୀରେ ବାହି ନେଇଯାଏ ଆମ ପିଲା ବେଳର ଅଜାଘର ଚାଳ-ଛପର ଘରକୁ ଯେଉଁଠି ସବୁ ମାମୁ, ମାଇଁ,ମଉସା, ମାଉସୀ ଖରାଛୁଟିରେ ନିଜ ପରିବାର ସମେତ ଏକାଠି ହୁଅନ୍ତି କିଛି ଦିନ ପାଇଁ । ତା' ପରେ ମାମୁ, ମଉସା, ବାପାମାନେ ଖେଳେଇ ହୋଇଯା'ନ୍ତି ସ୍ୱ ସ୍ୱ କାର୍ଯକ୍ଷେତ୍ରକୁ । ପଛରେ ଛାଡିଯା'ନ୍ତି ମାଇଁ , ମାଉସୀ , ମା' ମାନଙ୍କୁ ଏବଂ ସେଇଠି ରହୁଥିବା ଦୁଇ ମାମୁଁଙ୍କ ପରିବାରକୁ ।

ସବୁ ପରିବାରରେ ଏକାଧିକ ସନ୍ତାନ । କେହି କେହି ଅର୍ଦ୍ଧଡଜନ ବା ତଦୁର୍ଦ୍ଧ୍ୱ ସଂଖ୍ୟକ ସନ୍ତାନଙ୍କର ଗର୍ବିତ ଜନକ-ଜନନୀ । ଏକାଠି ହେଲେ ଅତି କମରେ ୧୦-୧୫ ଟି ପିଲା । ସେତକ ଦିନ କଟକଣାବିହୀନ ହୋଇ ଓ ଆମ ଭିତରୁ କିଛି ବଡ ପିଲାଙ୍କର ନେତୃତ୍ୱରେ ସାଇବୁଲାଠୁ ଆରମ୍ଭ କରି ଗଛଚଢ଼ା , ନଦୀବୁଡ଼ା ଆଦି ଅନେକ କାର୍ଯ୍ୟକଳାପରେ କେମିତି ସେ ଛୁଟିଗୁଡା ବିତିଯାଏ ଜଣାପଡ଼େନି । ସୂର୍ଯ୍ୟଙ୍କର ପ୍ରଥମ କିରଣ ପଡିବା ମାତ୍ରେ ଆରମ୍ଭ ହୋଇଯାଏ ବାହାଘରିଆ ଘରପରି ହଇଚଇ, କେତେପ୍ରକାର ହୁରି । ଜଣେ ଜଣଙ୍କୁ ଟପେଇ ଡକାହକା କରୁଥା'ନ୍ତି ।

'ଆରେ ଉଠରେ ସକାଳ ହେଲାଣି' , 'ଦାନ୍ତକାଠି ସରିଯାଇଛି, ସେମିତି ଟିକିଏ ନାଲି ପାଉଡର ଆଙ୍ଗୁଠିରେ ନେଇ ଘଷି ଦେ' 'ମୋ ବାପା ଟା ପରା', 'ମୋ ମା' ଟା ପରା', 'ଆରେ ପଣିକିଆ ଗଣ୍ଡାକ ଅନ୍ତତଃ ମାଗି ଦେଉଥାଅ', 'ଆଲୋ ଚା' ଟା କଣ ଆଉ ୧୨ ଟା ବେଳକୁ ମିଳିବ' ଏମିତି ଏମିତି କେତେ ପ୍ରକାର ହଇଚଇ, ଦାନ୍ତଘଷା, ଜଳଖିଆ, ଗାଧୁଆ ପାଧୁଆ ସାରି ଦିନ ସାଢେ ଏଗାରରୁ ୧୨ ଟା ଭିତରେ ପୁଣି ଧାଡ଼ି କରି ଛୁଆମାନଙ୍କୁ ପିଣ୍ଡାର ଏମୁଣ୍ଡରୁ ସେ ମୁଣ୍ଡଯାଏଁ ବସେଇ ଦିଆଯାଏ । ଗୋବରଲିପା ପିଣ୍ଡା ଆଉ ପାଖରେ ରୋଷେଇଘରର କାଠଚୁଲି ଧୂଆଁ ତା ସାଙ୍ଗରେ ଗରମ ଭାତର ବାଫଁ ଓ ତାତିଲା ଡାଲିର ମହକ - ଏସବୁ ମିଶି ଭୋକ ବହୁଗୁଣିତ ହୋଇଯାଏ । ଭାତ ଡାଲି ସାଙ୍ଗକୁ ପ୍ରାୟ ବଡ଼ିଚୁରାଟେ ଆଳୁ ଭାରତା କିମ୍ବା ଘାଣ୍ଟ ତରକାରୀ ଠାଏ । ଖରାଦିନ ହେତୁ ଆମ୍ବର ସମ୍ଭାର । ହେଲେ ବହୁ

କୁଟୁମ୍ବି ପରିବାରରେ ଭାଗରେ ପଡେ ଚିରୁଡେ ଲେଖାଏଁ । କାହାର ଅସନ୍ତୋଷ ନ ଥାଏ କିନ୍ତୁ ଟାକୁଆଟିକୁ ନେବାକୁ ସମସ୍ତଙ୍କର କନ୍ଦଳ । ସେ କନ୍ଦଳ ପୁଣି ମେଣ୍ଟିବ ଆପୋଷ ସମାଧାନରେ ଦିନବାର ହିସାବରେ ବଣ୍ଟାବଣ୍ଟି ହୋଇ।

ସପ୍ତାହରେ ଯେଉଁ ଦିନଟିରେ 'ମାଉଁସ ଝୋଳ' ହୁଏ, ସେଦିନ ଖାଇବାରେ ହଇରାଣ କରୁଥିବା ପିଲାକୁ ମଧ୍ୟ ୧୧ଟା ବେଳକୁ ଭୋକ । ସେଦିନ ଆମର ସାନ ମାମୁଁ ଖାସ ପଶନ୍ତି ରୋଷେଇ ଘରେ ଏ ବିଶେଷ ବ୍ୟଞ୍ଜନ ରନ୍ଧନ ପାଇଁ ।ଆଉ ସାହାଯ୍ୟ କରିବାକୁ ଥାଉ ଆମେ ବାନରସେନା।ଯେତେବେଳେ ପ୍ରେସର କୁକର ସିଟି ବାଜିଯାଏ କିଛି ପିଲାଙ୍କର ସେ ସୁଗନ୍ଧକୁ ଆକଣ୍ଠ ଆଘ୍ରାଣ କରି ନେବାର ପ୍ରଚେଷ୍ଟା ଚାଲିଥିବ ରୋଷେଇଘର ବାହାରୁ । କହନ୍ତି 'ଆଘ୍ରାଣେ ଅର୍ଦ୍ଧ ଭୋଜନ' ପରା । ରନ୍ଧା ସାରିବା ପରେ ବଣ୍ଟନର ଦାୟିତ୍ୱ ମଧ୍ୟ ସେହି ମାମୁଙ୍କର ଏବଂ ଅପେକ୍ଷାକୃତ ନ୍ୟାୟବନ୍ତ ମୋ ବୋଉଙ୍କର । ୧୫-୨୦ ଟି ଗିନା ତାଟିଆରେ ମାଂସ ତରକାରୀକୁ ସମାନ ଭାବରେ ବାଣ୍ଟିଲା ବେଳକୁ ମୁଖର ଲାଳଗ୍ରନ୍ଥି ସବୁ ଅପେକ୍ଷାକୃତ ଅଧିକ କାମ କରିବା ଆରମ୍ଭ କରି ଦିଅନ୍ତି । ସେଦିନ ଭାତ ବି ଟିକିଏ ଅଧିକ ହିଁ ରନ୍ଧା ହୋଇଥିବ । ତଡ଼ିତ ବେଗରେ କେମିତି ସେ ଛୁଟି ଦୁଇମାସ ବିତିଯାଏ ଜଣାପଡେନି ।

ଛୁଟି ର ଶେଷ ହୁଏ ପ୍ରାୟତଃ ସାବିତ୍ରୀ ରଜ ପାଳନ ସହିତ ଏବଂ ଶେଷରେ ନିଜର ଆଟାଚି, ବ୍ୟାଗମାନ ବପୁସ୍ନାନ ତଥା କେତେବେଳେ କେମିତି ଦ୍ୱିଗୁଣିତ ହୋଇ ଯେତେବେଳେ ସ୍ୱ ସ୍ୱ କର୍ମକ୍ଷେତ୍ରକୁ ଫେରିବାକୁ ବାହାରୁ ସମସ୍ତଙ୍କ ଆଖିରେ ଲୁହ ଡବଡବ । ତେବେ ଆମ ପିଲାମାନଙ୍କର ବିଦାୟ ବେଳାର ବିଦାକିରେ ବେଶୀ ମନ । ଭିତରେ ଭିତରେ ହିସାବ ଚାଲିଥିବ କିଏ କେତେ ବିଦାକି ଦେଲା ଓ କିଏ କେତେ ପାଇଲା ।

ଧୀରେ ଧୀରେ ପାଠ ପଢା ଚାପରେ ନିଷ୍ପେସିତ ହୋଇ ଯିବା ଆସିବା କମିଲା । ସେଠିକି ଯିବାର ସରାଗ ବି ଧୀରେ ଧୀରେ କମି ଆସିଲା ଆଇଙ୍କ ଆରପାରି ଗମନ ପରେ ଆଉ କିଛି ମାମୁ ମାଇଁଙ୍କ ତକରାଳ ଦେଖି ।

ସମୟ ପ୍ରବାହରେ ଯେ ଯାହାର ମାପଦଣ୍ଡରେ ଆଜି ଆମେ ସମୃଦ୍ଧ । ଆଉ ସେ ଗୋବରଲିପା ପିଣ୍ଡା ନାହିଁ । ସମସ୍ତଙ୍କର ମାର୍ବଲ ମୋଜାଇକ ଘର ।ଡାଇନିଂ ଟେବୁଲରେ ବସି ଖିଆ.... ଧଳା ଫରଫର ଭାତ ସାଙ୍ଗକୁ ଚିକେନ ଝୋଳ , ଚିଙ୍ଗୁଡ଼ି ଭଜା କେଜାଣେ କେତେ ବ୍ୟଞ୍ଜନ , ସେଥିରୁ ବଳିଲେ ବୁଲି ବୁଲି କେତେ ରେଷ୍ଟୁରାଣ୍ଟରେ ଖିଆ । କେତେବେଳେ ଚାଇନିଜ ତ କେତେବେଳେ କଣ୍ଟିନେଣ୍ଟାଲ । କିନ୍ତୁ ସେ 'ମାଉଁସ ଝୋଳ' ନାହିଁ କି ସେ 'ମାଉଁସ ଝୋଳ ର ବାସ୍ନା' ନାହିଁ । କେତେବେଳେ ଖାଇବାକୁ ବେଳ ନାହିଁ ତ କେତେବେଳେ ନାନାଦି ଆଦିବ୍ୟାଧିଯୋଗୁଁ ଡାକ୍ତରଙ୍କ କଟକଣା । ସତରେ କଣ ଆଉ ସେ ଦିନ ଫେରିବ ?

ବାସ୍ନାର ସ୍ମୃତି (୪)

ସମୟ, ଦୂରତା, ସମ୍ପର୍କର ଆବେଗ -- ସବୁ ଆପେକ୍ଷିକ ଓ ଘଟଣା ପ୍ରବାହକୁ ନେଇ, ସ୍ଥାନ କାଳ ପାତ୍ର କୁ ନେଇ ସମାନ ସମୟ କେତେବେଳେ ଆଖି ପିଛୁଳାକେ ପଳାଏ ତ କେତେବେଳେ ଅସରନ୍ତି ମନେ ହୁଏ । ସେଇ ସେତକ ଦୂରତା ଯାହାକୁ ଆମେ ଆମ ଛୋଟ ସହରରେ ଧଇଁ ସଇଁ ହୋଇ ଅତିକ୍ରମ କରୁଥିଲୁ, ସେତକ ଦୂରତା ଏବେ ମୋ କାର୍ଯ୍ୟକ୍ଷେତ୍ର ଗମନାଗମନ ପଥର ଏକ-ଦଶମାଂଶ ଓ କେତେ ସବୁ ସମ୍ପର୍କ ଯାହାକୁ ନେଇ ଆମେ ଭାବୁଥିଲୁ ଯେ, ଏ ସମ୍ପର୍କ ସବୁ ଦୂରେଇ ଗଲେ , ଭାଙ୍ଗିଗଲେ ଆମେ କେମିତି ବଞ୍ଚିବା ! ପଛକୁ ଭାବି ଚାହିଁଲେ ହସ ଲାଗେ ଏ ଭାବପ୍ରବଣତାରେ ।

ହଁ , ସେଇ ଦୂରତା କଥା କହୁଥିଲି ଓ ମୋଟ ଛ' କିଲୋମିଟର ବ୍ୟାସର ଆମ ସହର, ବୁର୍ଲା ଓ ଗୋଟିଏ ମନ୍ଦିର ଥାଏ ଚାରି କିଲୋମିଟର ଦୂରରେ । ତେଣୁ ଦୂର ଲାଗେ । ବର୍ଷକୁ ଥରେ ନତୁବା ଦୁଇ ଥର ସେଥିକୁ ଯାଇ ହୁଏ । ଦୁଇ ତିନି ବର୍ଷରେ ଥରେ ଜଗନ୍ନାଥ ମନ୍ଦିର ଅବା ଲିଙ୍ଗରାଜ ମନ୍ଦିର । ବଡ ମନ୍ଦିରମାନଙ୍କରେ ପ୍ରବଳ ଭିଡ, ପଣ୍ଡାମାନଙ୍କର ଦୌରାତ୍ମ୍ୟ, ପୁଲିସର କଟକଣା ଭିତରେ କେମିତି ଯେ ମୁଣ୍ଡିଆଟେ ମାରିଦେଇ ଚାଲିଆସୁ ଜାଣି ପାରୁନା । ସେଥିରେ ପୁଣି ନିଜ ବେକର ସୁନାହାର , ମନିପର୍ସକୁ ଧନସଂଖାଳି କରି ଜାବୁଡି ଧରିବାକୁ ହୁଏ । ନାରୀ ହୋଇଥିବାରୁ ନିଜ ଶରୀର ରକ୍ଷା ଭାର ମଧ୍ୟ ତଦୁପରି ଲଦି ହୋଇଯାଏ ।

କହିବା ବାହୁଲ୍ୟ, ତୀର୍ଥସ୍ଥଳରେ ପାଦ ପକେଇ ଆସିଥିବାର ଆତ୍ମସନ୍ତୁଷ୍ଟି ଟିକକ ମାତ୍ର ଥାଏ ।

ଯେତେବେଳେ ଘର ପାଖରେ ମନ୍ଦିରଟିଏ ତୋଳାହେଲା, ସେତେବେଳେ ଯାଇ ମନ୍ଦିରର ପ୍ରକୃତ ମହତ୍ତ୍ୱ ଅନୁଭବି ହେଲା । ପୂଜା ସାମଗ୍ରୀ ବଢ଼େଇ ଦେଇ ମନ୍ଦିରର ଥଣ୍ଡା ଚଟ୍ଟାଣରେ ଧ୍ୟାନ କରିବାକୁ ବସିଯାଏ ।

ଆହାଃ ! କେତେ ଶ୍ରଦ୍ଧାଳୁଙ୍କ ପଦରଜ ପଡିଛି ଏଠି !

ଏମିତି ଦିନେ ଧ୍ୟାନ କଲା ବେଳକୁ ନାକରେ ବାଜିଲା ଏକ ପରିଚିତ ଧୂପକାଠିର ବାସ୍ନା । ସେଇ ବାସ୍ନାରେ ଓଠ ଦୁଇ ମୋର ଏକ ସ୍ମିତହାସ୍ୟକୁ ବିସ୍ତାରିତ ହୋଇଗଲା ।

କଥାଟା ଏମିତି....ଆମ ଛୋଟିଆ ସହରରେ ବଡ କଷ୍ଟରେ କଳା ବିକାଶ କେନ୍ଦ୍ରଟିଏ ଗଢି ଉଠିଥାଏ ।

ମୁଁ ଠିକ ସମୟରେ ସବୁ ରବିବାରରେ ଓଡିଶୀ ନୃତ୍ୟଶିକ୍ଷା ପାଇଁ ସାଇକଲ ମାରି ହାଜର ହୋଇଯାଏ । କିନ୍ତୁ ଆମ ଆଗରୁ ପତି ସାର ହଲ୍ଲୁ ସଫା କରେଇ, ଦରି ପକେଇ ଜଗନ୍ନାଥଙ୍କ ପ୍ରତିମା ଆଗରେ ୪ଟି ଧୂପକାଠି ଲଗେଇ ଦେଇଥିବେ .....ଠିକ ଏଇ ବାସ୍ନାର । ଅଦ୍ଭୁତ ସେ ସମୟାନୁବର୍ତ୍ତିତା , ତ୍ୟାଗ, ବିଶ୍ୱସନୀୟତା ।

ତେବେ ଯେହେତୁ ଆମ ଗୁର୍ବୀ ସମ୍ବଲପୁରରୁ ଆସନ୍ତି ବେଳେବେଳେ ଆମକୁ ଅପେକ୍ଷା କରି କରି ଫେରି ଆସିବାକୁ ହୁଏ । ବଡ ପିଲାମାନେ ଛୋଟ ପିଲାଙ୍କୁ ନୃତ୍ୟାଭ୍ୟାସ କରାନ୍ତି । ପରେ ନିଜର ମଧ୍ୟ ଅଭ୍ୟାସ କରି ଘରକୁ ଫେରନ୍ତି । ବେଳେବେଳେ ସେଇ ଜଗନ୍ନାଥ ପ୍ରତିମା ପାଖେ ମେଳି ହୋଇ ଗପସପ ବି ଆରମ୍ଭ କରିଦେଉ ।

ଏଇ ଯେ ଗପସପ କଥା କହିଲି, ସେଥିରେ ମୁଁ ନୀରବ ଶ୍ରୋତା ମାତ୍ର । ନିଜ ଲଜ୍ଜାଶୀଳ ସ୍ୱଭାବ ଯୋଗୁଁ ବେଶୀ ସାଙ୍ଗ ସାଥୀ ନ ଥା'ନ୍ତି । ସେଇ ଗୋଟିଏ ଯୋଡିଏ ସାଙ୍ଗଙ୍କୁ କିନ୍ତୁ ପ୍ରାଣ ଭାରି ଭଲ ପାଏ । ସେଇ ଯେ ସମ୍ପର୍କ କଥା କହୁଥିଲି ...ସେତେବେଳେ ଭାବୁଥିଲି, ଏ ସମସ୍ତ ସାଙ୍ଗମାନେ ମୋର ହୋଇ ସବୁଦିନେ ପାଖରେ ଥାଆନ୍ତୁ । ଏମାନଙ୍କ ବ୍ୟତିରକେ ଜୀବନ କଣ ଯେ ?

ଯଦିଓ ମୁଁ ନୃତ୍ୟପ୍ରବୀଣା ଥିଲି ଶିଖିବା ମାମଲାରେ ପେଟ୍ରୋଲଧର୍ମୀ ଛାତ୍ରୀ ଥିଲି, ନୃତ୍ୟ କଲା ବେଳକୁ ମୁଁ ଅତିମନସ୍କ ହୋଇ ରହୁଥିଲି ....ତେଣୁ ନୃତ୍ୟ ନିର୍ଭୁଲ କିନ୍ତୁ ମୁହଁ ଉପରେ ଗୋଟିଏ ହେଲେ ଭାବ ଉକୁଟେ ନାହିଁ । ଆଉ ଏ ଅଭାବବୋଧକୁ ମୁଁ କୌଣସି ପ୍ରକାରେ ସୁଧାରି ମଧ୍ୟ ପାରୁ ନ ଥିଲି । ମୋତେ ଅନୁଭବ ହୁଏ, ମୁଁ ସବୁ ପ୍ରକାର ମୁଖଭଙ୍ଗୀ ଠିକ ଠିକ ଫୁଟାଇ ପାରୁଛି ପରା !

ଏମିତି ଗପସପ ବେଳେ ଜଣେ ନାନୀ କିଛି ମଜା କଥା କହିଲେ । ଆମେ ସମସ୍ତେ ହସିଲୁ , ହେଲେ ମୋ ମୁହଁ ଉପରେ ସେ ହସ ଦିଶୁ ନ ଥିଲା ।

ନାନୀ କହିଲେ -'ହଇରେ, ତୋତେ କଣ ହସ ମାଡୁନି କି ?'

ମୁଁ ଆଶ୍ଚର୍ଯ୍ୟ ହୋଇ କହିଲି -'ହସୁଛି ପରା !'

ନାନୀ କହିଲେ -' ବୁଝିଲୁ, ନା ତୋ ହସ, ନା ତୋ କାନ୍ଦ କିଛି ଜଣା। ପଡିବ । ଦେଖି ଜୋର ପାଟିରେ ହସିଲୁ ।'

ମୁଁ ଧୀରେ ସ୍ମିତହାସ୍ୟଟିଏ ଖେଳେଇ ଦେଲି ।

ନାନୀ କହିଲେ,'ମାତ୍ର ଏତିକି ? ଆଉ ଜୋର ହସେ ।'

ଏମିତି କରି କରି ମୁଁ ଠୋ ଠୋ ହୋଇ ହସିବାଯାଏଁ କଥା ଗଲା । ହାସ୍ୟରୋଳରେ ହଲ କମ୍ପିଲା ଓ ସେ ଦିନ ମୁଁ ଖୁବ ହସିଲି । ସଜୋରେ ହସିଲି ଓ ସତେ ଯେମିତି କେଉଁ ଜଉମୁଦ ଦିଆ କମରା ଭିତରକୁ ହାବୁକାଏ ଥଣ୍ଡା ପବନ ଧସେଇ ପଶି ଆସିଥିଲା ଓ ସେଇ ହସରୁ ଚେନାଏ ଓଠଧାରେ ଘରକୁ ଫେରିବା ଯାଏଁ ଲାଗି ରହିଥିଲା ।

ସେତେବେଳେ ଆମ ଶିକ୍ଷା ଦୀକ୍ଷା ଥିଲା ଏହିପରି --ମଣ୍ଟେସରୀ ସ୍କୁଲ ଶିକ୍ଷା ପରି । ବଡ ପିଲାଙ୍କଠୁଁ ଛୋଟ ପିଲାମାନେ ବିନା ଦ୍ୱିଧାରେ, ଖୁବ କମ ପରିଶ୍ରମରେ ଅନେକ କିଛି ଶିଖି ଯାଉଥିଲେ ଓ ପାଟି ଗଣିତ, ଗୀତ ,ସାହିତ୍ୟ , ଖେଳ , ଚିତ୍ରକଳା, ସଂସ୍କୃତି , କିଛିଟା ବଦମାସୀ , ଦୁନିୟାଦାରୀ ...କେତେ କଣ ଜ୍ଞାନ ଏମିତି ବାଣ୍ଟି ହୋଇ ଯାଉଥିଲା । କେହି ପାଠପଢା ଚାପରେ ଆତ୍ମହତ୍ୟା କରୁ ନ ଥିଲେ ଓ ବାପା ମା' ସାଇକୋଲୋଜିଷ୍ଟଙ୍କ ପରାମର୍ଶ ଲୋଡୁ ନ ଥିଲେ କଥା କଥାକେ ।

ସେଇ ସ୍ମିତହାସ୍ୟରେଖାର ଝଲକ ନେଇ ଆଉ ଥରେ ଠାକୁରଙ୍କ ପାଖେ ଜୋଡହସ୍ତ ହୋଇ ଘରମୁହାଁ ହେଲି ।

ବାସ୍ନାର ସ୍ମୃତି (୫)

Ryan Partner-- ଏ ଅତରଟା ଖୁବ ଚାଲିଥିଲା ଆମେ ଗଈଇଝ ପଢୁଥିଲାବେଳେ ଓ ସେତେବେଳେ ଜନ୍ମଦିନରେ କାର୍ଡ ଓ ଉପଢୌକନ ଦେବାର ପ୍ରଥାଟା ବଡ ଜୋର ଧରିଥାଏ ଓ ନୂଆ ନୂଆ ପ୍ରେମୀଯୁଗଳ ପାଇଁ, ଅଥବା ସେ ଭଳି ଯୋଡ଼ିଟିଏ ବନେଇବାକୁ ଇଚ୍ଛୁକ ଯୁବାବର୍ଗ ପାଇଁ ଏ ଅତରଟା ଏକ ସୁ-ମାଧ୍ୟମ ଥିଲା ।

ତେବେ ମୋ କାହାଣୀଟା ଥିଲା ଟିକିଏ ଅଲଗା ଓ ମୋତେ କେହି ଜଣେ କୌଣସି ବାହାଘର ପାଇଁ ତିଆର ହେଉଥିଲା ବେଳେ ଏ ଅତରଟା ମୋ ଉପରେ ସ୍ପ୍ରେ କରିଦେଲେ । ଆଃ ! ଏତେ ସୁନ୍ଦର ବାସ୍ନା ...ହେଲେ ମୋ ପାଟିରୁ ଏକ ବିରକ୍ତିଭରା ଚିତ୍କାର ବାହାରିଗଲା ଦବିଲା ସ୍ୱରରେ .....ଉହୁଁ ...ହୁଁ ।

ଏତେ ସୁନ୍ଦର ବାସ୍ନା ମୋତେ ମୋର କୌଣସି ପାର୍ଟନର ନୁହେଁ , ବରଂ ପହଞ୍ଚେଇ ଦେଲା ଆମ ପୋଷ୍ଟ ମର୍ଟମ ଘର ପାଖେ , ଯେଉଁଠି ଶବ ବ୍ୟବଚ୍ଛେଦ କରାଯାଏ ।

ତୃତୀୟ ଓ ଚତୁର୍ଥ ବର୍ଷରେ ଆମର ଅପରାଧ ବିଜ୍ଞାନ ବିଷୟରେ (Forensic Medicine and toxicology) ଶବ ବ୍ୟବଚ୍ଛେଦ ଶିଖାଯାଏ ଓ ଥରକେ ପୂରା କ୍ଲାସକୁ ଏକାଠି ନିଆଯାଏ , କାରଣ ଦିନ ବାର ଦେଖି ତ ଆଉ ଶବ ବ୍ୟବଚ୍ଛେଦ ପାଇଁ ଆସିବନି ... ଜନମ , ମରଣ, ବରଷା ; କହି ନ ପାରଇ ପୁରୁଷା ।

ପ୍ରଫେସରଙ୍କ କଡା ତାଗିଦ, କେହି ବି ମୁହଁରେ ରୁମାଲ ଦେବନି, ସେମିତି ଯିବ । ତୁମ ଆଖି, କାନ , ନାକ ସବୁ ଖୋଲା ରହିବ ଚାହି । ଶବ ବ୍ୟବଚ୍ଛେଦ ପୂର୍ବରୁ , କଲାବେଳେ ଆଉ ତା ପରେ ମଧ୍ୟ ସବୁ ଟିକିନିଖି ଦେଖିବ, ନୋଟ ପକେଇବ ଓ ତୁମର ସାମାନ୍ୟତମ ଭୁଲରେ କେହି ନିର୍ଦ୍ଦୋଷ ଦୋଷୀ ସାବ୍ୟସ୍ତ ହୋଇପାରେ ଓ କେହି ଦୋଷୀ ଖସି ଯାଇପାରେ ।

ଆପାତତଃ ଅପରାଧ ବିଜ୍ଞାନ ମୋର ପ୍ରିୟତମ ବିଷୟ ଥିଲା -- ଆମେ ଏଥିରେ IPC, CrPC, rape, murder, ବିଭିନ୍ନ ପ୍ରକାର ମୃତ୍ୟୁ, ସାପମାନଙ୍କର ପ୍ରକାରଭେଦ , ଚରସ , ଗଞ୍ଜେଇ ଆଦି ଅନେକ ବିଷୟରେ ପଢୁ । ଏମିତି ପଢୁ ପଢୁ ମୁଁ ଅନେକ କାହାଣୀ,

ଉପନ୍ୟାସ ମନ ଭିତରେ ରଚିନିଏ , ଖାଲି ଯାହା ତାହାକୁ କାଗଜ କଲମକୁ ଉତାରିବାକୁ ସମୟ ହୁଏନି ଓ ଭିତରେ ଭିତରେ ଏ ବିଷୟରେ ଆଗକୁ P.G. କରିବାକୁ ମଧ୍ୟ ଭାବି ସାରିଥାଏ । ହେଲେ ଏ ଆଶା ଲତିକାଟି ପ୍ରଥମ ଶବ ବ୍ୟବଚ୍ଛେଦ ଦେଖିଲା ପରେ ହିଁ ମଉଳି ଗଲା ।

ଜୀବନରେ ପ୍ରଥମ ମଣିଷ ମୁର୍ଦ୍ଦାର ଦେଖିଥିଲି ସିଧା ମେଡିକାଲ କଲେଜର ଦ୍ୱିତୀୟ ସପ୍ତାହରେ ଆନାଟୋମି ଡିସେକ୍ସନ ହଲରେ । ପିଲାଦିନେ ଯେତେବେଳେ ଆଖପାଖରେ କେଉଁଠି ମୃତ୍ୟୁ ହୁଏ, ଆମମାନଙ୍କୁ ସେଠିକି ଛଡା ଯାଏନି ଓ ଜୀବନର ଏକମାତ୍ର ସତ୍ୟ -- 'ମୃତ୍ୟୁ' କୁ କାହିଁକି କେଜାଣି ସମସ୍ତେ ଭୀଷଣ ଭୟ ଅବା ଘୃଣା କରନ୍ତି ! ଆମେମାନେ ଟୁଠରେ ଗାଧେଇ ନୂଆ ଡ୍ରେସ ପିନ୍ଧିବା ଓ ଭୋଜିଭାତକୁ ହିଁ ଜାଣିଥିଲୁ ଓ ତା ଉପରକୁ ଛୁଟିଦିନ ବାହାରେ ହେଉଥିବା ମେଳିରେ ଆମର ମୁଖ୍ୟତଃ ଲକ୍ଷ ଥିଲା ।

ଡିସେକ୍ସନ ହଲରେ ରଖା ଯାଇଥାଏ ଫର୍ମାଲିନରେ ସିକ୍ତ (embalming) କଳା କାଡାଭର ଓ ସେ ଫର୍ମାଲିନଦିଆ କଳା ମୁର୍ଦ୍ଦାର ଦେଖି କିଛି ଜଣଙ୍କର vaso-vagal attack ହୋଇ, ମୁଣ୍ଡ ବୁଲେଇବାରୁ ତଳେ ବସି ପଡିଲେ । ଆଉ ଆମେ ବାକିମାନେ ସେ ଦୃଶ୍ୟ ଓ ଦୁର୍ଗନ୍ଧକୁ ନାସା ଭ୍ରୁକୁଞ୍ଚନ କରି ସମ୍ଭାଳିନେଲୁ । ରାତିରେ ଶୋଇଲାବେଳେ ଭାବିଲି ଆଜି ନିଶ୍ଚୟ ଭୂତ-ପ୍ରେତ ସ୍ୱପ୍ନ ଦେଖିବି, ହେଲେ ନିଦ୍ରାଦେବୀଙ୍କ ଅପାର କୃପା । ଦିନଯାକର ହାଡଭଙ୍ଗା ପରିଶ୍ରମରେ ଗୋଟିଏ ନିଦରେ ଯେ ଶୋଇଲି, ସିଧା କାଉର କା' ଶବ୍ଦରେ ନିଦ ଭାଙ୍ଗିଲା । ପରେ କାଡାଭରମାନଙ୍କର ନାମକରଣ ହେଲା, ମଣିଷ ହାଡ ଧରି ଖାତା ଉପରେ ପଢୁ ପଢୁ ଶୁଆ ହେଲା ଓ ଖପୁରିକୁ ଧରି କେହି ରୁମ ସଜେଇଲା ତ କେହି ଫଟୋ ଉଠେଇଲା ।

ତେବେ ଶବ ବ୍ୟବଚ୍ଛେଦ ପାଇଁ ଆସିଥିବା ଶବଟି ଥିଲା ଏକ ବାଇଶ -ତେଇଶ ବର୍ଷ ଯୁବକର ଓ ଅଳ୍ପ କିଛି ଘଣ୍ଟା ତଳେ ପ୍ରାଣତ୍ୟାଗ କରିଥାଏ , ତେଣୁ ଦୁର୍ଗନ୍ଧ ହେବା ଆରମ୍ଭ ହୋଇ ନ ଥାଏ । ହେଲେ ଶବ ବ୍ୟବଚ୍ଛେଦ ଘରେ ଅବା ଦୁର୍ଗନ୍ଧ ନ ହେବ କେମିତି, ଯେଉଁଠି କେତେ ଯେ ଶବ ବ୍ୟବଚ୍ଛେଦ କର ଯାଇଛି !

ଆମ ପ୍ରଫେସର ପଢାଇବା ଆରମ୍ଭ କଲେ ଓ କିନ୍ତୁ ବ୍ୟବଚ୍ଛେଦ ଭାର ଥାଏ ବିଦେଶୀ ଉପରେ । ବିଦେଶୀ ନାମକ କର୍ମଚାରୀଟି ଦିନରାତି ୨୪ ଘଣ୍ଟା ମଦ ନିଶାରେ ଟୁଲ ହୋଇ ରହେ, ବେଶୀ ଦୋଷ ଦେଇ ହେବନି ତାକୁ ...ଏହା ପରେ ବୁଝିଲି । ବ୍ୟବଚ୍ଛେଦ ପାଇଁ ଶବ ଆସିଲେ କେହି ଜଣେ ତାକୁ ଖୋଜାଖୋଜି କରି ଆଣେ ।

ବାହ୍ୟାବସ୍ଥା ପରୀକ୍ଷା ନିରୀକ୍ଷା କଲା ପରେ ବିଦେଶୀକୁ କୁହାଗଲା ଶବର ଶରୀରରୁ ପୋଷାକ ଖୋଲି ଦେବାକୁ । ପୋଷାକ ବୋଇଲେ ଛକିପକା ଲୁଙ୍ଗିଟେ । ଘରେ ଥିଲାବେଳେ ବୋଧେ ମୂଷାମରା ଔଷଧ ଖାଇ ଆତ୍ମହତ୍ୟା କରିଛି । ବିଦେଶୀ ଆଦେଶ ପାଇବା ମାତ୍ରେ

ଲୁଂଗୀଟିକୁ ଧରି ଛୁରୀରେ ଚିରିଦେଲା ସମ୍ପୂର୍ଣ୍ଣ ନଗ୍ନ ଶରୀର ଯୁବକଟିର ୧୧ଟ୍ଟ ହଳ ଆଖି ଆଗରେ । ନୂଆ ନ ଥିଲା ଆମ ପାଇଁ । Anatomy, Surgery, Obsterics & Gynaecology ରେ ସେତେବେଳକୁ ଅନେକ ଉଲଗ୍ନ ଶରୀର ଦେଖିଛୁ ଓ ତେବେ ଅପରେସନ ଅବା ପରୀକ୍ଷଣ ପାଇଁ ସେଠି ସନ୍ଧାନ ଦିଆ ଯାଇ ବିବସ୍ତ୍ର କରାଯାଏ ।

ତେବେ ମୃତ୍ୟୁପରେ 'କ', 'ଖ', 'ଗ' ନାମଧାରୀ ବ୍ୟକ୍ତିଟିକୁ ଆଜି ମୃତ୍ୟୁ ପରେ କେବଳ ବଡି (body) ବୋଲି ଆଖ୍ୟା ଦିଆ ହୋଇଛି ଓ କ'ଣ ହେଲା ତୋ ଅହଂ ରେ ମଣିଷ ! ଏ ବଡିକୁ ଆଜି କିଛି ଫରକ ପଡୁନି -- କିଏ ଛୁଇଁଲା, କିଏ ଲଙ୍ଗଳା କଲା , କିଏ ଫୋପାଡ଼ି ଦେଲା !

ଛାଡ଼ନ୍ତୁ --

ପୁଣି ଥରେ ତନ୍ନ ତନ୍ନ କରି ପରୀକ୍ଷା କରାଗଲା ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗକୁ । କୌଣସି ମାଡ଼ ବାଜିନି ତ, କୌଣସି ପୋକ ଜୋକ କାମୁଡ଼ିନି ତ ? ବିଦେଶୀ ମୁହଁ ପାଖକୁ ନାକ ନେଇ ମଦର ଗନ୍ଧ ଆସୁଛି କି ନାହିଁ ଦେଖିଲା । ଘର ଲୋକେ ଯେତେ ଯାହା ବର୍ଣ୍ଣନା କଲେ ମଧ୍ୟ ଆମେ ଆମ ପରୀକ୍ଷା ନିଷ୍ଠିତ ରୂପେ କରୁ , ସମ୍ପୂର୍ଣ୍ଣ ପରତେ ଯାଉନା ।

ଏଥର ପେଟ କଟା ହେବ । ଆମ କଳ୍ପନା ବାହାରେ ଏକ ବଡ ଛୁରୀ ଧରି ଠିକ ଛାତି ମଝିରୁ ତଳିପେଟ ଯାଏଁ ବିଦେଶୀ କାଟି ଚାଲିଲା । ଆମ ଆଖି ତରାଟି ହୋଇଗଲା ...ପିଠି ମାଂସପେଶୀ ସବୁ ଟାଣ ହୋଇଗଲା ଓ କିଛି ଜଣଙ୍କର ମୁଣ୍ଡ ବୁଲେଇ ସେମାନେ ପଛ ଆଡେ ଯାଇ ବସି ପଡ଼ିଥିଲେ ।

ଆଗ ଧାଡ଼ିର ଛାତ୍ର-ଛାତ୍ରୀ ଆମେ ...କୁଆଡେ ଯିବୁ ...ଏବେ ବି ଶେଷ ଯାଏଁ ଦେଖିବାର ଆଗ୍ରହ ଥାଏ । ପେଟ ଭିତର ନିରେଖି ଦେଖିବା ପରେ ପାକସ୍ଥଳୀ କଟା ହେଲା ...ପୁଣି ସେଇ ବଡ ଛୁରୀରେ । ସେଥିରୁ ସାମ୍ପଲ ଯିବ ପରୀକ୍ଷା ପାଇଁ କେଉଁ ବିଷ ଯୋଗୁଁ ମୃତ୍ୟୁ ହୋଇଛି ଜାଣିବା ଦରକାର ।

ପାକସ୍ଥଳୀରେ ଅଧା ହଜମ ହୋଇଥିବା ଭାତ କିଛି ପାଣିରେ ଢଳ ଢଳ ହେଉଥାଏ । ଧରି ନିଅନ୍ତୁ, ଅଧା ଲିଟର ବାନ୍ତି ପରି ଦିଶୁଥାଏ । ସେତେବେଳକୁ ବିଦେଶୀ ହଠାତ ସେ କଟା ପାକସ୍ଥଳୀକୁ ଆମ ପାଖକୁ ନେଇ ଆସିଲା । ଠୋ ଠୋ ହୋଇ ହସି କହିଲା -- 'ଦେଖି ଥ ଗୋ । ଇଟାକେ ଶୁଙ୍ଘ, ଶୁଙ୍ଘ । ଆମେ ଘୃଣାରେ ଦୁଇ ପାଦ ପଛକୁ ଘୁଂଚି ଆସିଲୁ । ସେ ଆମ ପ୍ରତିକ୍ରିୟା ଦେଖି ହସି ହସି ଗଡି ଯାଉଥାଏ । ଲାଗୁଥାଏ, ଶ୍ମଶାନ ସାଧନା କରୁଥିବା ଅଘୋରୀ ଟିଏ ପରା !

ଏଥର ସାରଙ୍କ କଥା ସଂପୂର୍ଣ୍ଣ ଭୁଲି ପକେଟରୁ ରୁମାଲ ବାହାର କରି ନାକରେ ଚାପି

ଧରିଲି । ରୁମାଲରେ ଅତର ପଡିଥାଏ ସେଇ "ରାୟାଁ ପାର୍ଟନର" (Ryan Partner) ର ଓ କେମିତି ସହିବି କହିଲେ ସେ ବାସ୍ନା ? ପରେ ସେ ଶବର ଖପୁରୀ କରତରେ କଟା ହେଲା, ମସ୍ତିଷ୍କ ମଧ୍ୟ ଯାଞ୍ଚ କରାହେଲା । ଶେଷଯାଏଁ କିନ୍ତୁ ନାକରେ ରୁମାଲ ଚାପି ଧରି ପ୍ରଥମ ଧାଡ଼ିରୁ ଧୀରେ ପଛ ଧାଡିକୁ ଅପସରି ଆସିଲି ।

ବାସ୍ନାର ସ୍ମୃତି (୬)

ଆଚ୍ଛା, ରାତ୍ରିର ବାସ୍ନା କେବେ ଶୁଙ୍ଘିଛନ୍ତି ? ନା, ମୁଁ ରାତିରେ ଫୁଟୁଥିବା ଜୁଇ, ଜାଇ, ରଜନୀଗନ୍ଧାର ବାସ୍ନା କଥା କହୁନି । ରାତିର ସ୍ୱକୀୟ ବାସ୍ନା ଏ ସବୁ ବାଦେ ବି ଥାଏ । ସେଥିରେ ଏକ ମାଦକତା ଥାଏ । ଏକ ଆକର୍ଷି ଶକ୍ତି ଥାଏ ।

ଥରେ ମଧ୍ୟରାତ୍ରିରେ ନିଦ ଭାଙ୍ଗିଲା ପରେ କେଜାଣେ କାହିଁକି ଅନେକ ପ୍ରଚେଷ୍ଟାରେ ମଧ୍ୟ ଆଉ ନିଦ୍ରାଦେବୀ କୋଳାଗ୍ରତ କଲେ ନାହିଁ । ଏମିତି ଏକ ଛଟପଟ ଅବସ୍ଥାରେ ଭାବିଲି ଛାତ ଉପରୁ ଟିକେ ବୁଲି ଆସେ ।

ମେଘମୁକ୍ତ ଆକାଶ... ଲକ୍ଷ ଲକ୍ଷ ନା ଭୁଲ କହିଲି , କୋଟି କୋଟି ତାରାମାନଙ୍କର ସମ୍ଭାର; ପୂର୍ଣ୍ଣିମା ଦୁଇ ଦିନ ତଳେ ଯାଇଥାଏ । ତେଣୁ ଚନ୍ଦ୍ରସ୍ନାତ ରଜନୀ । ସବୁଆଡ଼ ନିଶ୍ଚୁପ । ପିଲାଦିନୁ ମୋର ବୈଜ୍ଞାନିକ ମନ ମାନି ନେଇଥାଏ ଯେ ଭୂତ ଫୁତ କେହି ନାହାନ୍ତି - ଯଦିବା ଥିବେ,-- ଯିଏ ଚାହିଁବ ସିଏ ହିଁ ଦେଖିବ । ପ୍ରେତ ଦର୍ଶନର ବିଶେଷ ଅନାଗ୍ରହ ଯୋଗୁଁ ସେମାନଙ୍କ ଉପସ୍ଥିତି ମଧ୍ୟ ଅନୁଭବ କରିବାର କୌଣସି କାରଣ ନ ଥାଏ ।

ପିଲାଦିନୁ ଅନେକ ଥର ଭାବିଛି କବି ହେବି ବା ଲେଖିକା ହେବି । ହେଲେ ପିଲାଦିନେ 'ଗରମ ମସଲା ମୁଢି' ଭଳି କିଛି ପିଲାଳିଆ କବିତା (ଅବଶ୍ୟ ପରେ ସେଭଳି ପିଲାଳିଆ କବିତା ଆଉ ଚେଷ୍ଟା କରି ବି କେବେ ସ୍ଫୁରିନି) କିମ୍ବା ପାରିଜାତ ପ୍ରବନ୍ଧମାଳା ସାହାଯ୍ୟରେ କିଛି ରଚନାରେ ହିଁ ସାରସ୍ୱତ ସାଧନା ସୀମିତ ରହିଗଲା ।

ଟିକିଏ ପ୍ରାପ୍ତବୟସ୍କ ହୋଇ ଯେତେବେଳେ ଭାବୁକ ହେବାର ସମୟ ଆସିଲା , ରୁଟିନବନ୍ଧା ଜୀବନରେ ସେତିକି ଚିନ୍ତାଧାରା ମଧ୍ୟ କାହିଁ କେମିତି ବୁଦବୁଦ ପରାଏ ମିଳେଇଯାଏ । ଆଉ କେବେ କେମିତି କବିତାଟିଏ ଝରିଲେ ମଧ୍ୟ ତ ମୋର ଗୋପନ ଡାଇରୀରେ ହିଁ ଚୁପ ରହିଯାଏ । ବହୁତ ଚେଷ୍ଟା କରି ବର୍ଷାକୁ ଭଲ ପାଇ ପାରିଲିନି କେବଳ ପ୍ରଥମ ବର୍ଷାର ମାଟି-ବାସ୍ନା ବ୍ୟତିରେକେ । ତେଣୁ ଭାବେ 'ମୁଁ କବି ହେବି ଅବା କେମିତି ? କବିମାନେ ବର୍ଷାକୁ ଦେଖି କୁଆଡେ ଖୁବ ଭାବୁକ ହୋଇଯା'ନ୍ତି ହେଲେ ମୁଁ ତ ମେଘ ଉହାଡ଼ରୁ ସୂର୍ଯ୍ୟ କେତେବେଳେ ଉଙ୍କି ମାରିବେ ତାକୁ ଚାହିଁ ବସୁଛି । ପୁଣି ଲେଖକ ଲେଖିକାମାନେ କୁଆଡେ ଭାରି ଖିଆଲି । ଥରକୁ ଥର ଲେଖନ୍ତି, କାଗଜକୁ ଚିରି ପକେଇ ଦିଅନ୍ତି । ମୁଁ ତ ଚିରକୁଟ ଖଣ୍ଡିକରେ କିଛି ଲେଖିଲେ ବି ତାକୁ ସୁନ୍ଦର କରି ତାରିଖ ପକେଇ ମୋ ଡାଏରୀ ଭିତରେ ଲେଖି ରଖୁଛି । ଧେତ, ମୁଁ କ'ଣ ପୁଣି ଲେଖିକାଟେ ହେବି ? ଆଶା ଛାଡି ଦେଇଥିଲି ।

ହେଲେ ସେଦିନ ମଧ୍ୟରାତ୍ରିରେ ଛାତ ଉପରେ ବସି ଯେତେବେଳେ କାଗଜକୁ ଅନେଇ ରହିଲି ଯେପରି ମୋ ଅନ୍ତଃକରଣ ସେ ଚନ୍ଦ୍ରକିରଣରେ ଶୁଦ୍ଧ ହୋଇଯାଉଥାଏ । ମୋ ଭାବୁକ ମନ ଶୋଇବାଠୁଁ ଚେତି ଉଠୁଥାଏ । ଝିଙ୍କାରୀର ଝିଇଁ ଝିଇଁ ଶବ୍ଦ ବୋଲି ଯାହାକୁ ଭାବୁଥିଲି ପ୍ରକୃତରେ ତା' ଥିଲା ମୋ ନିଜ ଭିତରେ ଚାଲିଥିବା ଅନାହତ ଧ୍ୱନି । ଆକାଶ ସହ ଏକାତ୍ମ ହୋଇ ଗଲା ପରେ ସେ ସ୍ୱର ମୋ ଭିତରୁ ଆସୁଛି ନା ବାହାରୁ ଆସୁଛି ଆଉ ଜାଣି ହେଲାନି ।

ସେମିତି ଅପଲକ ନୟନରେ ଚାହିଁ ବସିଥାଏ ଓ ମନେ ହେଉଥାଏ ସତେ ଯେମିତି ମୋର ସମଗ୍ର କାୟା, ସମଗ୍ର ଚେତନା ପ୍ରସାରିତ ହୋଇଚାଲିଛି । ମନେ ହେଉଥାଏ ସତେ ଯେମିତି ମୋର ଆତ୍ମା ତତକ୍ଷଣାତ ବ୍ରହ୍ମଲୀନ ହୋଇ ଯିବାକୁ ବ୍ୟଗ୍ର । କେବଳ ଶରୀର ପିଞ୍ଜରାରେ ବାନ୍ଧି ହୋଇଛି ବୋଲି ପୁନଃ ପୁନଃ ସେଠାରୁ ଫେରି ଆସୁଛି । ସେ ଘନନୀଳ ଆକାଶରେ କେଜାଣେ କେତେ ଗୁଣରେ ଗାଢ଼ତର ନୀଳ ଉଜ୍ଜଳ ଗୋଲୋକ ଦର୍ଶନ ହେଉଥାଏ । କେତେବେଳେ ସେ ଗୋଲୋକ ବଢି ଆକାଶରେ ଏକାକାର ହୋଇ ଯାଉଥାଏ ତ କେତେବେଳେ ପୁଣି ଏକ ବିନ୍ଦୁରେ ପରିଣତ ହୋଇ ଯାଉଥାଏ । ସେ ଜ୍ୱଳନ୍ତ ଗୋଲୋକ ବାହାରେ କେତେବେଳେ ପୁଣି ଆଲୋକର ସମ୍ଭାର ।

ଶିଳ୍ପୀ ମନ ଏ ଅପୂର୍ବ ଦୃଶ୍ୟରେ ସମ୍ମୋହିତ ହୋଇ ଉଠୁଥିବା ବେଳେ ସଂଗୀତପ୍ରେମୀ

ମନ ଭିନ୍ନ ଭିନ୍ନ ସଂଗୀତର ମୂର୍ଚ୍ଛନାରେ ଉଚ୍ଛ୍ୱସିତ ହୋଇ ଉଠୁଥାଏ । ଯାହା ଝିଙ୍କାରୀର ଝିଙ୍ଗଁ ଝିଙ୍ଗଁ ଶବ୍ଦ ଭାବରେ ଅନୁସୃତ ହୋଇଥିଲା, ଧୀରେ ଧୀରେ ତା ଏକ ଭ୍ରମରର ଗୁଞ୍ଜନ , ଏକ ମୃଦଙ୍ଗର ଗୁରୁ ଗମ୍ଭୀର ଧ୍ୱନି ରେ ପରିବର୍ତ୍ତିତ ହୋଇ ଚାଲିଥାଏ । ଆଉ କେତେବେଳେ ମୃତ୍ୟୁବତ ନିଃଶ୍ଚୁପତା । ଏ ଅପୂର୍ବ ଦୃଶ୍ୟ-ସଂଗୀତ ଅନୁଭବ ଯେପରି ଅନ୍ତଃକରଣରୁ ସମସ୍ତ କଳୁଷ ଧୋଇନେଉଥାଏ । ବୋଧଶକ୍ତି ଯତକିଂଚିତ କାର୍ଯ୍ୟରତ ଥାଏ । ସେଥିରେ ଭାବୁଥାଏ, ଇଏ ମୃତ୍ୟୁ କି ? ପୁଣି ଭାବୁଥାଏ ଇଏ ସମାଧି ନା ଭଗବାନଙ୍କ ଦର୍ଶନ ? ସେ ଯାହାହେଉ ସେଇମିତି ସମ୍ବିତହୀନ କିମ୍ବା ସମ୍ବିତ-ସଚେତନ ହୋଇ ସେଇଠି ଛାତ ଉପରେ କେତେ ସମୟ ଯେ ବସି ରହିଲି ଜଣାନାହିଁ । ଧୀରେ ଧୀରେ ଜଡଜଗତର ଧ୍ୱନି ଓ ଦୃଶ୍ୟରେ ସ୍ୱ-ଜଗତକୁ ପୁନରାଗମନ କଲି ।

ତଳକୁ ଧୀରେ ଧୀରେ ଓହ୍ଲେଇଲି, ସମସ୍ତେ ପୂର୍ବବତ ନିଦ୍ରାଗତ । ନିଦ୍ରାହୀନତା ଚିନ୍ତା କଟିଯାଇ ନିଦ୍ରାର ଅନାବଶ୍ୟକତା ବୋଧ ହେଲାଣି ସେତେବେଳକୁ । ମୋ ଷ୍ଟଡିକୁ ଆସି ଟେବୁଲଲ୍ୟାମ୍ପ ଲଗେଇ ମୋ ପିଲା ଦିନର ଗୋପନ ଡାଏରୀ ବାହାର କରି ସେଦିନ ସମର୍ପଣର ଏକ କବିତା ଲେଖିଲି । ଆଃ ! କେତେ ସୁନ୍ଦର ସେ ରାତ୍ରିର ବାସ୍ନା !

ବାସ୍ନାର ସ୍ମୃତି (୭)

ପୁଣି ସେ ସାନିଟାଇଜରର ଭୁରୁ ଭୁରୁ ବାସ୍ନା ....ପୁଣି ସେଇ ମୃତ୍ୟୁର ଆତଙ୍କ .....

ପେଶାରେ ମୁଁ ବାୟୋକେମିଷ୍ଟ, ଡାଇଗ୍ନୋଷ୍ଟିକ ଲ୍ୟାବରେ ମୋର କାମ , ଯାହାକୁ ସାଧାରଣ ଲୋକେ 'ପାଥୋଲାବ' ବୋଲି କୁହନ୍ତି । ଆମେ ଲ୍ୟାବରେ ରକ୍ତ ପରୀକ୍ଷା ରିପୋର୍ଟ

ସବୁକୁ ତନ୍ନ ତନ୍ନ ପରୀକ୍ଷା କରି ଦେଖିଲା ପରେ ତାହା ଡାକ୍ତର ଓ ରୋଗୀମାନଙ୍କ ପାଖକୁ ଛାଡୁ । ଡାକ୍ତରମାନେ ଏହି ରିପୋର୍ଟ ଆଧାରରେ ରୋଗୀମାନଙ୍କର ଚିକିତ୍ସା କରନ୍ତି । ସେ କଥା ଏବେ ଥାଉ ।

'କରୋନା' ଭୂତାଣୁର ଆତଙ୍କ ସବୁଆଡେ । ଆମେ ତ ଆଗଧାଡ଼ିର ଯୋଦ୍ଧା ... ମୁଣ୍ଡରେ ସର୍ଜିକାଲ ଟୋପି , ମୁହଁରେ ମାସ୍କ , ହାତରେ ଗ୍ଲୋଭସ ପିନ୍ଧି ଲ୍ୟାବ ଭିତରେ ହାତକୁ ଆଉ ଥରେ ସାନିଟାଇଜରରେ ଜୀବାଣୁ ଭୂତାଣୁ ମୁକ୍ତକରି ଯେତେବେଳେ ନିଜ ଡେସ୍କରେ ବସି କାମ ଆରମ୍ଭ କଲି, ମନ ସ୍ୱତଃ ଭାସିଗଲା ଏକ ଘରୋଇ ହସ୍ପିଟାଲର ଆଇ.ସି.ୟୁ ଦ୍ୱାରମୁହଁକୁ ।

ମୋ ପ୍ରିୟ ମାମୁଙ୍କ ଶେଷ କିଛି ଦିନ । ପ୍ରତିଥର ତାଙ୍କୁ ଦେଖି ଗଲା ବେଳକୁ ଆଇ.ସି.ୟୁ ବାହାରେ ହାତକୁ ସାନିଟାଇଜରରେ ଜୀବାଣୁ ଭୂତାଣୁ-ମୁକ୍ତ କରି ମୁହଁ ରେ ମାସ୍କ ପିନ୍ଧି , ପାଦରେ ଆଇ ସି ୟୁ ର ସ୍ୱତନ୍ତ୍ର ଚପଲ ପିନ୍ଧି ଯେତେବେଳେ ହସ୍ପିଟାଲ ଖଟିଆ ପାଖରେ ଠିଆ ହୁଏ ଏହି ସାନିଟାଇଜରର ଭୁରୁ ଭୁରୁ ବାସ୍ନା ସବୁଆଡେ । ଏକରକମ ଘୃଣା ମିଶା ଭୟ ଆସି ଯାଇଥାଏ ଏ ବାସ୍ନା ପ୍ରତି ।

କି ଆଶା - ନିରାଶାର ଛାଇ-ଖରାର ଖେଳ ସେତକ ଦିନ ! ମନ ସବୁବେଳେ ପଚାରୁଥାଏ - ମାମୁ ଏତେ ଶୀଘ୍ର କାହିଁକି ? ତିନି ତିନି ଥର ସର୍ବାଧିକ ରକ୍ତଦାନ ଶିବିର କରାଇଥିବା ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଡାକ୍ତର ତୁମେ , ରକ୍ତଦାନ ଓ ଥାଲାସେମିଆ ରୋଗୀ ମାନଙ୍କର ଜୀବନରେ ବୈପ୍ଳବିକ ପରିବର୍ତ୍ତନ ଆଣିଥିବା ଦେବଦୂତ ତୁମେ, ତୁମକୁ ସମାଜ ଆହୁରି ଲୋଡୁଛି ।

କିନ୍ତୁ ନା, ସତେ ଯେମିତି ମାମୁ ଇଚ୍ଛାମୃତ୍ୟୁକୁ ଆବାହନ କରିସାରିଥିଲେ । ନିଜ ଧର୍ମପତ୍ନୀଙ୍କ ଅକାଳ ବିୟୋଗରେ ମର୍ମାହତ ହୋଇ ୭୦ ବର୍ଷ ବୟସରେ ୮୦ କିମି /ଘଣ୍ଟା ବେଗରେ ଚାଲୁଥିବା , ୧୭ ବର୍ଷୀୟ ଯୁବକ ମାନଙ୍କଠାରୁ ଅଧିକ ପ୍ରଗତିଶୀଳ ଚେତନାର ଅଧିକାରୀ ଏହି ବିଭୂତି ଯେପରି ଆଜି ଶରଶଯ୍ୟାରେ ଶାୟିତ , ମୃତ୍ୟୁକୁ ଅପେକ୍ଷାରତ ।ମାମୁ (ଡ: ରାଜେନ୍ଦ୍ର ପ୍ରସାଦ ମିଶ୍ର) ଙ୍କର ଏପରି ଇଚ୍ଛାମୃତ୍ୟୁ ମୋତେ ଅନେକ କଥା ଭାବିବାକୁ ବାଧ କରିଥିଲା ।

ମନ ଅନେକରୂପେ ଏ ଶରୀରକୁ କାବୁ କରି ପକାଏ । ଆମର ପ୍ରତ୍ୟେକ ରୋଗ ପଛରେ ଏକ ସୂକ୍ଷ୍ମ ଚେତନାର ବ୍ୟାପାର ପ୍ରଚ୍ଛନ୍ନରୂପେ କାମ କରି ଚାଲିଥାଏ । କୌଣସି ଘଟଣାଚକ୍ରରେ ହେଉ, ଅବା ସେମିତି ଖାଲିରେ ହେଉ ଆମେ ଏକ ଭୟର ମଞ୍ଜି ସୂକ୍ଷ୍ମ ଚୈତ୍ୟଜଗତରେ ପୋତି ଦେଇଥାଉ । ଘରଯାକର ସମସ୍ତ ସଦସ୍ୟ ମିଳିମିଳା ଅବା

ହାଡଫୁଟିରେ ଅଙ୍କେ ବହୁତେ ଆକ୍ରାନ୍ତ ହେଉଥିବା ବେଳେ ସମସ୍ତଙ୍କର ସେବା ଶୁଶ୍ରୂଷା କରୁଥିବା ମା' ଟି କେଜାଣି କେମିତି ସେ ରୋଗସବୁରେ ଜମାରୁ ଆକ୍ରାନ୍ତ ହୁଅନ୍ତିନି ? 'ମୁଁ ପଡିଗଲେ ଅନ୍ୟ ମାନଙ୍କୁ କିଏ ଦେଖିବ'- ଏ ତ୍ୟାଗପୂତ ଚିନ୍ତା ସତେ ଯେମିତି ସେଇ ମା'ମାନଙ୍କ ପାଇଁ କର୍ଣ୍ଣ-କବଚ ରୂପେ କାମ କରେ ।

ଅଥଚ ସେଇ ମା'/ନାରୀ ଯଦି କୌଣସି କାରଣରୁ ମାନସିକ ସ୍ତରରେ ଆଘାତପ୍ରାପ୍ତ ହୁଅନ୍ତି , ସେମାନେ ଅଜଣା ରୋଗ ସବୁରେ ଆକ୍ରାନ୍ତ ହୁଅନ୍ତି , ଯାହା କୌଣସି ଔଷଧ ବଳରେ ନୁହେଁ ବରଂ ଗୁଣିଆର ଝଡାଫୁଙ୍କା , ଅର୍ଥାତ ଯେଉଁ ଚିକିତ୍ସା ପଦ୍ଧତିର କୌଣସି ବିଜ୍ଞାନ-ସମ୍ମତ କାରଣ ନ ଥାଏ , ହେଲେ ଆସ୍ଥାର ଆଧାରରେ କରାଯାଏ , ସେଇଥିରେ ଏ ନାରୀମାନେ ସୁସ୍ଥ ହୁଅନ୍ତି । ଏ ସବୁ ଗଭୀର ମନସ୍ତାତ୍ତ୍ୱିକ ରୋଗକୁ ଆମେ ଭୂତ, ଡାଆଣୀ ଲାଗିବା, ଗୁଣି-ଗାରେଡ଼ି , ଠାକୁରାଣୀ ଧରିବା ଆଦି ନାମରେ ନାମିତ କରିଥାଉ ।

ଆମ ପାଠବହି କହେ ଯେ , ଅଧିକାଂଶ ସର୍ପାଘାତଜନିତ ମୃତ୍ୟୁ ଭୟ ଓ ଉଦବେଗ କାରଣରୁ । ସ୍ଥଳଭାଗରେ ବିଚରଣ କରୁଥିବା ଅଧିକାଂଶ ସାପ ବିଷଧର ନୁହନ୍ତି । ତେଣୁ ସର୍ପାଘାତ ରୋଗୀକୁ ପ୍ରଥମେ ଆଶ୍ୱାସନା ଦେବା ଡାକ୍ତରଙ୍କ କର୍ତ୍ତବ୍ୟ, ତା'ପରେ ଯାଇ ଯେକୌଣସି ପ୍ରକାର ଚିକିତ୍ସା ।

ସେଇଭଳି ବନ୍ଧ୍ୟାଦୋଷରେ ପୀଡିତା ନାରୀ ନିଜ ମାତୃତ୍ୱର ଅସଫଳତା ହେଉ , ସମାଜର ତାଡନା ହେଉ, ବେଳେବେଳେ ମାନସିକ ସ୍ତରରେ ମାତୃତ୍ୱକୁ ଏତେ ଅଧିକ ଜାବୋଡି ଧରିଥାଏ ଯେ , ବେଳେବେଳେ ଠିକ ଗର୍ଭାଧାନର ସମସ୍ତ ଲକ୍ଷଣ ଦେଖାଯାଏ--ଯଦିଓ ସେ ଗର୍ଭବତୀ ହୋଇ ନଥାଏ ।ଏ ଲକ୍ଷଣ ସବୁ ଅତି ଅଧିକ ହେଲେ ନ' ମାସ ଯାଏଁ ସେ ନାରୀଟି ଗର୍ଭବତୀ ମହିଳା ପରି ସବୁ ଲକ୍ଷଣ ଭୋଗି ଡ଼େଲିଭରୀ ଯାଏଁ ମଧ୍ୟ ପହଞ୍ଚିଯାଏ । ଏହାକୁ pseudocyesis (ସୁଡୋସାଏସୀସ) ବୋଲି କୁହାଯାଏ ।

ରାମାୟଣ ଓ ମହାଭାରତ କୁ ଟିକିଏ ଯିବା । ଅଙ୍କେ ବହୁତେ ସମସ୍ତେ ଏ ଦୁଇ ମହାଗ୍ରନ୍ଥ କୁ ନିଶ୍ଚୟ ପଢ଼ିଛେ ,ପୂରା ନ ହେଲେ ମଧ୍ୟ କିୟଦଂଶ ଭାବେ , କେତେବେଳେ ସାହିତ୍ୟ ବହିରେ , କେତେବେଳେ ଖବର କାଗଜରେ ....ଟିକିଏ ମନେ ପକାନ୍ତୁ ତ, ଏ ଦୁଇ ଗ୍ରନ୍ଥରେ କେଉଁଠାରେ ମନ୍ଦିର ବିଷୟରେ ବର୍ଣ୍ଣନା ରହିଛି ?କାରଣ ସେତେବେଳେ ମନ୍ଦିରର ଆବଶ୍ୟକତା ନ ଥିଲା । ନା ନା ...କେହି ଈଶ୍ୱରଙ୍କ ସ୍ଥିତିକୁ ଅସ୍ୱୀକାର କରୁ ନ ଥିଲେ । ସେମାନେ ସମସ୍ତେ ଈଶ୍ୱରଙ୍କୁ ନିଜ ମଧ୍ୟରେ ଉପଲବ୍ଧି କରିବାକୁ ଚେଷ୍ଟା କରୁଥିଲେ ... ଆଧ୍ୟାତ୍ମିକତା ଜଣ ବୁଝିଥିଲେ । ଲୋକେ ଅଷ୍ଟାଙ୍ଗ ଯୋଗ ମାର୍ଗ ଅଭ୍ୟାସ କରି ଏକ ଶୃଙ୍ଖଳିତ ଜୀବନ ଯାପନ କରୁଥିଲେ । ମାନବ ଜୀବନର ଶହେ ବା ତଦୁର୍ଦ୍ଧ୍ୱ ବୟସ ଅତି ସାଧାରଣ

ଥିଲା , ତେଣୁ ଚତୁଷ୍ଟୟ ଆଶ୍ରମ- ବ୍ରହ୍ମଚର୍ଯ୍ୟ ,ଗୃହସ୍ଥ, ବାନପ୍ରସ୍ଥ , ସନ୍ନ୍ୟାସ ବଜାୟ ଥିଲା । ଆଜିକାଲି ପରି ଚାଳିଶ ବର୍ଷରେ ମୁଣ୍ଡ ଚୁଟି ନ ପାଚିଥିଲେ କେହି ଆଶ୍ଚର୍ଯ୍ୟ ହେଉ ନ ଥିଲେ । ଆଜିର ସମୟରେ ନିରୋଗ ରହିବାଟା ଅସ୍ୱାଭାବିକ ମନେ ହେଲାଣି ଅନେକଙ୍କୁ । ଗାଁ ର ଅପେକ୍ଷାକୃତ ଶୁଦ୍ଧ ବାତାବରଣରେ ଚଳୁଥିବା ଲୋକେ ବି ଆଜି ମଧୁମେହ, ରକ୍ତଚାପ ରୋଗ ଆଦିରେ ଆକ୍ରାନ୍ତ !

ଆଜି କରୋନା ଜନିତ ମୃତ୍ୟୁ ଉଦବେଗର କାରଣ ସାଜିଛି । ଲୋକମାନେ ସତେ ଯେମିତି ନିଜ ଛିଙ୍କ , କାଶ ଜ୍ୱରକୁ ଏକପ୍ରକାର ଅବଦମିତ କରି ରଖିଛନ୍ତି । ଗୋଟେ ଛିଙ୍କ ହୋଇଗଲେ,ଏକ ପ୍ରକାର ଭୟ ମନରେ ହେଉଛି କରୋନା ଭୂତାଣୁ ସଂକ୍ରମଣ ହୋଇନି ତ ? ହାସପାତାଳ ସବୁ ରୋଗୀଶୂନ୍ୟ ନ ହେଲେ ମଧ୍ୟ ବହୁତ କମ ରୋଗୀଙ୍କୁ ଦେଖିବାକୁ ମିଳୁଛି । କୁଆଡେ ଗଲେ ସାଧାରଣ ଥଣ୍ଡା କାଶ ଜ୍ୱର ରୋଗୀ, ହୃଦରୋଗୀ , ମାନସିକ ରୋଗୀ ? ଲକଡାଉନ ଅବଧି ସରିବାଯାଏଁ ଏତେ ସବୁ ରୋଗ ଚିକିତ୍ସା ବିନା ଡାକ୍ତରଙ୍କ ପାଖକୁ ନ ଯାଇ ବେଶ ଅପେକ୍ଷା କରି ପାରୁଛନ୍ତି ତ ! ମନରେ ସ୍ୱତଃ ପ୍ରଶ୍ନ ଉଠେ, ଆମ ରୋଗୀମାନଙ୍କ ଭିତରେ ପ୍ରକୃତ ରୋଗୀ କେତେ ଜଣ ?ଅନେକେ କେବଳ ଆସନ୍ତି ଡାକ୍ତରଙ୍କ ଆଗରେ ନିଜ କଷ୍ଟ ବୟାନ କରିବା ପାଇଁ । କେବଳ କେହି ତାଙ୍କ କଥା ଶୁଣୁ । ଆଜିକାଲି ଅବଶ୍ୟ କିଛି ଲୋକ ଡାକ୍ତରଙ୍କ ଜ୍ଞାନ ପରୀକ୍ଷା ବି କରିବାକୁ ଯାଉଛନ୍ତି ଗୁଗୁଲରୁ କିଛି ଜ୍ଞାନ ଆହରଣ କରି ।

ଏବେ ଆନ୍ତରୀଣ ସ୍ୱାସ୍ଥ୍ୟ , ଇମ୍ୟୁନିଟି ଉପରେ ସମସ୍ତଙ୍କର ଗୁରୁତ୍ୱ । କଣ ପାଇଁ ଆମେ ଉର୍ଦ୍ଧଶ୍ୱାସ ହୋଇ ଧାଉଁଥିଲେ ? ଏବେ ଖାଇବା , ପିଇବା , କାମ କରିବା ସବୁ ତ ଠିକ ଚାଲିଛି ।

ପ୍ରଶ୍ନ ଉଠେ , ଆମେ ପଞ୍ଚେନ୍ଦ୍ରିୟ ଘୋଡ଼ାକୁ ଲଗାମଛଡ଼ା କରି ଉତକ୍ରାନ୍ତ ହୋଇ ଦୌଡୁ ନ ଥିଲେ ତ ? ଦରକାରଠାରୁ ଅଧିକ ଠୁଳ କରୁ ନଥିଲେ ତ ? ନିଶ୍ୱାସ ଉର୍ଦ୍ଧକୁ ଗଲେ ତଳକୁ ଫେରିବ କି ନାହିଁ ବୋଲି ଯେଉଁଠି ଜଣା ନାହିଁ , ସେଠି ଆମେ ଆଗାମୀ ୫୦-୧୦୦ ବର୍ଷ ଯାଏଁ ଐଶ୍ୱର୍ଯ୍ୟ ଓ କୀର୍ତ୍ତି ଠୁଳ କରିବାପାଇଁ ଆକ୍ତା ମାକ୍ତା ହେଉ ନଥିଲେ ତ !

ସାନିଟାଇଜର ଭୁରୁ ଭୁରୁ ବାସ୍ନା ମୋତେ ହସ୍ପିଟାଲ ଲାବ୍ ରୁ ନେଇ ଜୀବନ ଦର୍ଶନ ପଥପ୍ରାନ୍ତରେ ଛାଡି ଦେଇ ଆସିଥିଲା । ଜୀବନକୁ ପୁଣିଥରେ ଅନୁଶୀଳନ କରି ନୂତନ ଦିଗଦର୍ଶନ ସହ ଅଗ୍ରସର ହେବାକୁ ପ୍ରେରଣା ପାଉଥିଲି ।

କିଛି ବିଜ୍ଞାନର କଥା ....

ଏଥର ଆସିବା ଘ୍ରାଣଶକ୍ତିର ବିଜ୍ଞାନକୁ । ଚୁମ୍ବକରେ କହିଲେ, ଯେ କୌଣସି ଗନ୍ଧଯୁକ୍ତ ପଦାର୍ଥର ଏକ ଉଦବାୟୀ (volatile) ଅଂଶ ବାୟୁରେ ଆମ ନାକ ପାଖକୁ ଆସିଲେ ଆମେ ତାହାକୁ ଏକ ସୁଗନ୍ଧ ବା ଦୁର୍ଗନ୍ଧ ବୋଲି ଜାଣୁ । ସେ ଉଦବାୟୀ କଣିକାସବୁ (particle) ଆମ ନାକପୁଡା ଭିତରେ ଥିବା କୋଷିକାରେ (epithelial lining) ଯାଇ ଧରା ଦିଅନ୍ତି ଓ ଗନ୍ଧବାହୀ ଦ୍ୱାରା (odorant receptors) ସଂଜ୍ଞାବାହୀ ସ୍ନାୟୁ ମାଧ୍ୟମରେ ଏ ଖବର ଯାଇ ପହଞ୍ଚେ ମସ୍ତିଷ୍କର ଘ୍ରାଣକେନ୍ଦ୍ରରେ (olfactory lobe) ରେ ଅର୍ଥାତ ଯେଉଁ ଜାଗାରେ ଘ୍ରାଣଶକ୍ତି ଜଣାପଡିବ ।

ତେବେ ସେଠି ପାଖରେ ଥାଏ ଆମର hypothalamus ଅନୁଚେତକ ଓ LImbic system (ଲିମ୍ବିକ ସିଷ୍ଟମ) । ତେଣୁ ଘ୍ରାଣଶକ୍ତିର ସ୍ମୃତି ଶକ୍ତି ଓ ଅନ୍ତରଙ୍ଗ ଭାବନା ସମୂହ ଖୁବ ଜଡିତ ହୋଇ ରହିଥାଏ । ତେଣୁ ଏକ ପ୍ରକାର ନିର୍ଦ୍ଦିଷ୍ଟ ଗନ୍ଧ ଆମକୁ ନେଇ ଛାଡିଆସେ ସ୍ମୃତିର ଗଳିରେ ।

ମୁଁ ଏ କଥା ଗୁଚ୍ଛ ଲେଖୁ ଲେଖୁ ଅଭ୍ୟାସବଶତଃ ଗବେଷଣା ଆଡକୁ ଆଗେଇ ଗଲି ।

୧୯୨୩ ମସିହାରେ ଲେଖକ ମାର୍ସେଲ୍ ପ୍ରାଉଷ୍ଟ (Marcel Proust, ୧୯୨୩) ଏ ବିଷୟରେ ପ୍ରଥମେ ଉଲ୍ଲେଖ କରିଥିଲେ । ପଛତେ ବୈଜ୍ଞାନିକମାନେ ବିଭିନ୍ନ ସୁଗନ୍ଧରୁ କେମିତି ସୁଖଦ ସ୍ମୃତି ଆଡକୁ ଆମେ ଚାଲିଯାଉ ସେ ବିଷୟରେ ଅନେକ ସନ୍ଦର୍ଭ ଲେଖିଲେ ।

୨୦୧୨ ର ଅନ୍ୟ ଏକ ଗବେଷଣା ସମ୍ମଳିତ ଆଲେଖ୍ୟ କିଛି ସୁଗନ୍ଧ/ ଦୁର୍ଗନ୍ଧ ଆମ ଅତୀତର କୌଣସି ଏକ ଦୁଃଖଦ ଘଟଣାକୁ ମନେ ପକାଏ କି ନାହିଁ ତାହା ବିଚାରକୁ ନେଇଛନ୍ତି ଓ ସେମାନେ ଧାରଣା ଦେଲେ ଯେ ଗନ୍ଧ ଯୋଗୁ ଆମର ସ୍ମୃତିଶକ୍ତି ଚାଳନ ଶ୍ରବଣଦ୍ୱାରା ସ୍ମୃତି ଚାରଣା ଠାରୁ ଅଧିକ; ହେଲେ ଆଖିରେ ଦେଖିଥିବା ଘଟଣା ଆମର ସ୍ମୃତି ଶକ୍ତିକୁ ସର୍ବାଧିକ ଚାଳିତ କରିଥାଏ ।

ଏପରି ହୁଏ କାହିଁକି ? ଆମର ମସ୍ତିଷ୍କର ଘ୍ରାଣକେନ୍ଦ୍ର (Olfactory center), ଆମର ଭାବନା (emotion) କେନ୍ଦ୍ର ଏମିଗଡ଼ାଲା (amygdala) ଓ ସ୍ମୃତିକେନ୍ଦ୍ର (memory center) ହିପ୍ପୋକାମ୍ପସ (hippocampus) ର ବହୁତ ନିକଟରେ ଅବସ୍ଥିତ । ତଦ୍ଦ୍ୱାରା କୌଣସି ଗନ୍ଧ ଯାହା ଆମର ଅତି ଗହନ ସହ ଜଡିତ, ସେ ଗନ୍ଧ ଆମ ନାକରେ ବାଜିବା ମାତ୍ରେ ସେହି ନିର୍ଦ୍ଦିଷ୍ଟ ସ୍ମୃତିକୁ ଉପରକୁ ଉଛୁଳାଇ ଆଣିଥାଏ । ଯଦି ତାହା ବେଦନାସିକ୍ତ ସ୍ମୃତି ହୋଇଥାଏ , ତେବେ ଆହୁରି ଉତ୍କଟ ଭାବେ ସ୍ମୃତିକୁ ଉପରକୁ ନେଇ ଆସେ । ଯେପରିକି ରକ୍ତର ଗନ୍ଧ କୌଣସି ଯୁଦ୍ଧ ଅଥବା ସଡକ ଦୁର୍ଘଟଣାର ସ୍ମୃତିକୁ ଉପରକୁ ନେଇଆସେ ।

ତେବେ ଗନ୍ଧଯୁକ୍ତ ହୋଇ ମୁଁ ଯେ ବିଭିନ୍ନ ସ୍ମୃତିପଥକୁ ଅନାୟାସରେ ଚାଲି ଯାଉଥିଲି , ତାହା ଅମୂଳକ ନଥିଲା । ଏ ଭିତରେ ଆପଣ ମାନେ ମଧ୍ୟ ନିଜ ନିଜ ସୁଖଦ ଅବା ଦୁଃଖଦ ସ୍ମୃତିର ଗଳିରେ ପହଞ୍ଚି ଯିବେଣି ।

।। ଶୁଭମସ୍ତୁ ।।

□

ପରୀକ୍ଷା

ଏନ୍ତୁଡ଼ିଶାଳରୁ ଯୂଈ ଜଳିବା ଯାଏ କେଜାଣେ କେତେ ଯେ ପରୀକ୍ଷା ଦେବାକୁ ପଡ଼େ ...ସଫଳତା ଅସଫଳତା ର ଭିନ୍ନ ଭିନ୍ନ ପରିଭାଷା ନେଇ ଜୀବନଦୀପରୁ କେବେ ତେଲ ସରି ଯାଇଥାଏ, ଜଣା ପଡ଼େ ନାହିଁ ...ହେଲେ ପରୀକ୍ଷା ସରେ ନାହିଁ ...ଏପରିକି ଆପଣା ମୃତ୍ୟୁ ପରେ ବି ....

ସେତେବେଳକୁ ଇଞ୍ଜିନିଅରିଂ ଏଣ୍ଟ୍ରାନ୍ସ ଫଳ ବାହାରିବାକୁ ଆଉ ଦୁଇ ଦିନ ବାକି ଥାଏ । ମୁଁ ମଧ୍ୟ ସେଥର ପରୀକ୍ଷା ଦେଇଥିଲି । ଜନୈକା ବାନ୍ଧବୀ ମୋତେ କହିଲେ , ଯେଉଁ ବ୍ରାଞ୍ଚ ହେଉ ପଛେ ଏଥରକ ମିଳିଗଲେ ମୁକ୍ତି । ଅନ୍ତତଃ ଆଉ ପରୀକ୍ଷା ଦେବାକୁ ପଡିବ ନାହିଁ । ମୋତେ ତାଙ୍କ କଥା ଶୁଣି ସେଦିନ ହସ ମାଡ଼ିଥିଲା ।

ସତରେ କ'ଣ ଏମିତି କୌଣସି ଏକ ଏଣ୍ଟ୍ରାନ୍ସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଗଲେ ପରୀକ୍ଷା ସରିଗଲା ! ଏ ଜୀବନ ତ ପରୀକ୍ଷାମୟ । ଏ ପୃଥିବୀରେ ଟିଷ୍ଟି ରହିବା ପାଇଁ ଆମକୁ ପ୍ରତି ମୁହୂର୍ତ୍ତରେ ପରୀକ୍ଷା ଦେବାକୁ ହୋଇଥାଏ । ଆମ ଜୀବନରେ ଏପରି ଏକ କ୍ଷଣ ଆସେନାହିଁ ଯାହାକି କୌଣସି ପରୀକ୍ଷା ସହ ସଂଶ୍ଳିଷ୍ଟ ନୁହେଁ ।

ଜୀବନର ଆଦ୍ୟାବସ୍ଥାକୁ ଲକ୍ଷ୍ୟ କରାଯାଉ । ବଞ୍ଚିବାର ପ୍ରମାଣ ଦେବାକୁ ହେଲେ ଶିଶୁଟିକୁ କାନଫଟା ଚିତ୍କାର କରିବାକୁ ପଡିବ । ପରୀକ୍ଷାରେ ଅନୁତ୍ତୀର୍ଣ୍ଣ ହେଲେ ଶିଶୁଟିକୁ

ମୃତ ବା ମାନସିକ ବିକଳାଙ୍ଗ ବୋଲି ଘୋଷଣା କରାଯାଏ । ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ଶିଶୁଟିକୁ ପୁଣି ହାତଗୋଡ ହଲାଇ , ହସି ଖେଳି ନାନା କୃତୀ ଦେଖାଇ ନିଜକୁ ବୁଦ୍ଧିମାନ ଶିଶୁରୁପେ ପ୍ରତିପାଦନ କରିବାକୁ ପଡିବ ।

ତା ପରେ ଶିଶୁଟି ଆଉ ଟିକିଏ ବଡ ହୋଇଯାଏ । ଏଥର ସେ ସ୍କୁଲ ଯିବାକୁ ଆରମ୍ଭ କରେ । ଏ ପ୍ରତିଯୋଗିତାର ଦୁନିଆରେ ଉତ୍ତୀର୍ଣ୍ଣ ହେବାକୁ ପିଲାଟିକୁ monthly test, half yearly test, ମୌଖିକ, ଲିଖିତ ଏମିତି କେତେ ଯେ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡେ, ଇୟତ୍ତା ନାହିଁ । ଶିଶୁ ତା'ର ସରଳ ଶୈଶବକୁ ଭୁଲିଯାଇ କେତେବେଳେ ଏକ ବିଙ୍କ ବୟସ୍କରେ ପରିଣତ ହୋଇଯାଏ, ଜଣା ପଡେନାହିଁ । ଏମିତି ଅନେକ ଅନେକ ପରୀକ୍ଷାରେ ଗତି କରି ପିଲାଟି ବଡ ହୋଇଚାଲିଥାଏ । ସ୍କୁଲ ସହିତ ତାଳ ଦେଇ ଘରେ ମଧ୍ୟ ସେ ବିଭିନ୍ନ ପରୀକ୍ଷାର ସମ୍ମୁଖୀନ ହୋଇଥାଏ । ପ୍ରତି କ୍ଷେତ୍ରରେ ପିଲାଟିକୁ ଏକ ମୁଖାପିନ୍ଧା ଭଦ୍ରାମିର ପରୀକ୍ଷା ଦେବାକୁ ହୋଇଥାଏ ।

ଏଥର ଚାକିରୀ ଜୀବନ । ଏଥର ଜଣେ ଚିନ୍ତା କରିପାରେ ଯେ , ହେ ଭଗବାନ ! ଏଥର ପରୀକ୍ଷାର ଶେଷ ହେଲା । କିନ୍ତୁ ଭଦ୍ରଗଣ ! ଏପରି ଚିନ୍ତାଧାରାକୁ ପ୍ରକାଶିବା ପୂର୍ବରୁ ଥରେ ଚିନ୍ତା କରି ଦେଖନ୍ତୁ, କଣ ସତରେ ପରୀକ୍ଷାର ଶେଷ ହୋଇଗଲା ! ବରଂ ଆଗକୁ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାମାନ ଆସୁଛି । ଏସବୁ ପରୀକ୍ଷାରେ ଟିକିଏ ଭୁଲଚୁକ ହେଲେ ଆପଣଙ୍କର ଜୀବନର ଗତି ଓଲଟ ପାଲଟ ହୋଇଯିବ ।

ପୁଅଟିକୁ ବାପାମା'ଙ୍କର ବାଧପୁତ୍ର ଭାବେ ଚାଲିବାକୁ ପଡିବ । ପିତାମାତାଙ୍କର ବାଧ୍ୟ ବୋଲି ପ୍ରମାଣ ଦେବାକୁ ଯୁବକଟିକୁ ନିଜର ସାଥୀ ନିର୍ବାଚନର ସ୍ୱାଧୀନତା ତ୍ୟାଗ କରିବାକୁ ପଡେ । ଏହା ପରେ ପତ୍ନୀଙ୍କ ସମ୍ମୁଖରେ ବାଧ୍ୟ ପତିଦେବ ଏବଂ ପିତାମାତାଙ୍କ ସମ୍ମୁଖରେ ବାଧ୍ୟପୁତ୍ରର ଅଭିନୟର ଅଭିନବ ପରୀକ୍ଷାରେ ଉତୀର୍ଣ୍ଣ ହେବା ଅତି ଜରୁରୀ ହୋଇପଡେ । ଗୃହସ୍ଥ ବିଚରାଟି ଏମିତି ଅନେକ ପରୀକ୍ଷା ଦେଇ ଦେଇ ଶେଷକୁ ବୃଦ୍ଧାବସ୍ଥାରେ ଆସି ପାଦଦିଏ ।

ଏଥର ଝିଅଟିର ଜୀବନପ୍ରତି ଟିକିଏ ଦୃକପାତ କରାଯାଉ । ଝିଅଟିଏ, ପୁଣି ଭାରତୀୟ ହୋଇଥିବ ଏବଂ ତଦୁପରି ଯଦି ଓଡ଼ିଶାର ଝିଅ ହୋଇଥିବ ତେବେ ତ କଥା ସରିଲା । ଆଦ୍ୟାବସ୍ଥାରୁ ହିଁ ଝିଅଟିକୁ କଠୋରତର ପରୀକ୍ଷାର ସମ୍ମୁଖୀନ ହେବାକୁ ପଡେ । ଝିଅଟିକୁ ଗୃହ କର୍ମରେ ନିପୁଣା ହେବା ଚାହି । ନରମ କୋମଳ ଶିଷ୍ଟତାରେ ଅପର ହୃଦୟକୁ ଜିଣିବାର ଅଛି । ତା' ଛଡା ବଡ ପାଟିରେ ହସିବା ମନା, ଦୁମ ଦୁମ ହୋଇ ଚାଲିବ ମନା , ଦର୍ପଣ ଆଗରେ ଠିଆ ହେବା ମନା , ବେଶ ପୋଷାକରେ ନାନା କଟକଣା । ଏପରି ଅନେକ ଛୋଟ

ଛୋଟ ତଥା ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ମାନଙ୍କରେ ଉତ୍ତୀର୍ଣ୍ଣ ହେବା ଯେ ଝିଅଟିର ପକ୍ଷେ ନିତାନ୍ତ ଜରୁରୀ । ଏଥର ଝିଅଟି ପରିଣତ ହୁଅ ଯୁବତୀରେ । ପରୀକ୍ଷା ଗୁଡିକ ଦିନକୁ ଦିନ କଠୋରତର ହୋଇ ଚାଲିଥାଏ । ବାପାମାଙ୍କର ବାଧ ଝିଅ ବୋଲି ପ୍ରମାଣ ଦେବାକୁ ଅନେକ ଅନେକ ପରୀକ୍ଷାର ସାମ୍ନା କରିବାକୁ ପଡେ । ତା' ପରେ ଆସେ ବାହାଘର ବୟସ । ଏଥର ଝିଅଟି ନିଜର ପସନ୍ଦ ନାପସନ୍ଦକୁ ତ୍ୟାଗ କରିଦେଇ ନିଜର ସୁଶୀଳତାର ପ୍ରମାଣ ଦେବାକୁ ପ୍ରତି ପରୀକ୍ଷାରେ କୃତକାର୍ଯ୍ୟ ହେବାକୁ ପ୍ରାଣପଣେ ଚେଷ୍ଟା କରେ । ପ୍ରତିଟି ପରୀକ୍ଷା ତାର ଜୀବନର ମୋଡ ବଦଳାଇ ଦିଏ ।

ଝିଅଟି ପରିଣତ ହୁଅ ଏକ ନବବଧୂରେ । ଏଥର ତ କଠୋରତମ ପରୀକ୍ଷା; ଏକରକମ ଅଗ୍ନି ପରୀକ୍ଷା । ଏ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ସୁନାନାକି ବୋହୂ । ନ ହେଲେ ....

ଧୀରେ ଧୀରେ ନବଦମ୍ପତ୍ତି ପିତାମାତାର ଭାର ବହନ କରନ୍ତି ଏବଂ ସେମାନେ ନିଜର ପିଲାମାନଙ୍କର ପରୀକ୍ଷା ନେବା ଆରମ୍ଭ କରନ୍ତି । ପ୍ରକାରାନ୍ତରେ ସେମାନେ ହିଁ ପରୀକ୍ଷା ଦେଉଥା'ନ୍ତି । ପିଲାଙ୍କୁ ମଣିଷରୂପେ ଗଢିବାର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ନୂତନ ପରୀକ୍ଷାର ସମ୍ମୁଖୀନ ହୁଅନ୍ତି । ଏହିପରି କାଳଚକ୍ର ଗତି କରି ଆମକୁ ଆଣି ମୃତ୍ୟୁମୁଖରେ ପହଞ୍ଚାଇ ଦେଇଥାଏ । ଦିନେ ବିନା ନୋଟିସରେ ପ୍ରାଣପକ୍ଷୀଟି ଉଡିଯାଇ ମିଶିଯାଏ ଦୂର ମେଘମାଳାରେ ।

ଏଥର ଆପଣମାନେ ଭାବିପାରନ୍ତି ଯେ ଆପଣଙ୍କର ପରୀକ୍ଷା ସରିଗଲା । ହଁ, ଏକ ପ୍ରକାରେ ସରିଗଲା । ଏଥର ପରୀକ୍ଷା ଫଳ ବିଷୟରେ ଚିନ୍ତା କରନ୍ତୁ । ଆପଣଙ୍କର ଜୀବନର ସମସ୍ତ ପରୀକ୍ଷାରେ ଥିବା ମୋଟ ନମ୍ବର ହିଁ ଆପଣଙ୍କର ମୂଲ୍ୟ ନିର୍ଦ୍ଧାରଣ କରିବ । ଆପଣଙ୍କର ସଫଳତାର ପରିମାଣ ପୁଣି ଭିନ୍ନ ଭିନ୍ନ , ଭିନ୍ନ ବ୍ୟକ୍ତିଙ୍କ ନିକଟରେ । ଆପଣ ପ୍ରତି ପରୀକ୍ଷାରେ ସଫଳ ହେବାକୁ ପ୍ରାଣପଣେ ଚେଷ୍ଟା କରିଥାନ୍ତୁ ପଛକେ ଲୋକାପବାଦ ତ କିଛି ନା କିଛି ଶୁଣିବାକୁ ହିଁ ପଡିବ । ଏ ଜଗତରେ ଏମିତି ଜଣେ ବ୍ୟକ୍ତି ନ ଥିବେ, ଯେ କି ଜୀବନ ପରୀକ୍ଷାରେ ସମ୍ପୂର୍ଣ୍ଣ କୃତକାର୍ଯ୍ୟ ହୋଇଥିବେ । ଏପରିକି ଶ୍ରୀକୃଷ୍ଣଙ୍କ ପରି ଅବତାରୀ ପୁରୁଷ ଅଥବା ଗାନ୍ଧିଜୀଙ୍କ ପରି ଜନନାୟକମାନେ ମଧ୍ୟ ନୁହନ୍ତି ।

କେହି ଆପଣଙ୍କ ସଫଳତା କଳିବ, ଆପଣ ଛାଡି ଯାଇଥିବା ଧନ ସମ୍ପତ୍ତିର ଆକଳନ କରି , କେହି ଆପଣଙ୍କ ସନ୍ତାନର ସଫଳତା ଉପରେ , କେହି ଆପଣଙ୍କ ସଫଳତା କଳିବ ଆପଣଙ୍କ ଶବାଧାରରେ ଚାଲୁଥିବା ବ୍ୟକ୍ତିବିଶେଷଙ୍କ ସଂଖ୍ୟା ଗଣନାରେ ...ଆପଣ ନିଜ ପରୀକ୍ଷା ଓ ପରୀକ୍ଷାଫଳ ବିଷୟରେ କ'ଣ ଭାବନ୍ତି ?

ବେଟି ବଚାଓ , ବେଟି ପଢ଼ାଓ...

ଯତ୍ର ନାର୍ଯ୍ୟସ୍ତୁ ପୁଜ୍ୟନ୍ତେ ରମନ୍ତେ ତତ୍ର ଦେବତାଃ ।
ଯତ୍ରୈତାସ୍ତୁ ନ ପୁଜ୍ୟନ୍ତେ ସର୍ବାସ୍ତତ୍ରାଫଲାଃ କ୍ରିୟାଃ ।।

ଏଭଳି ଧ୍ୱନିରେ ଗୁଂଜରିତ ହେଉଥିଲା ଯେଉଁ ପବିତ୍ର ଭୂମି ଭାରତ; ରାଜନୀତି, ଅର୍ଥନୀତି, କଳାସ୍ଥାପତ୍ୟ, ହୋମ, ଯଜ୍ଞ, ଏପରିକି ବେଦ ରଚନାରେ ପ୍ରବୀଣା ଅନେକ ନାରୀଋଷି ଯେତେବେଳେ ଏ ଦେଶର ଭବିଷ୍ୟତ ନିର୍ଦ୍ଧାରଣ କରୁଥିଲେ , କାଳଚକ୍ରରେ ନିଷ୍ପେସିତ ହୋଇ ନାରୀସମାଜ ଧୀରେଧୀରେ ଏକ ଭୋଗ୍ୟ ସାମଗ୍ରୀ ଓ ବାପା ମା'ଙ୍କ ଜୀବନର ବୋଝ ହୋଇ ଉଠିଲା । ବିଦେଶୀ ଶାସକମାନଙ୍କ ବାରମ୍ବାର ଆକ୍ରମଣ , ଧର୍ମ ପରିବର୍ତ୍ତନ ତଥା ନାରୀ ନିର୍ଯାତନାରେ ବୋଧହୁଏ ଅତିଷ୍ଠ ହୋଇ ବାଲ୍ୟବିବାହ ପ୍ରଥା ସମାଜରେ ନିଜର ଚେର ଲମ୍ବାଇ ଚାଲିଲା । ଏଭଳି ସାମାଜିକ ପରିସ୍ଥିତିରେ ପିତାମାତା ନିଜର କନ୍ୟାସନ୍ତାନମାନଙ୍କ ଜୀବନ ପରଘରକୁ ବୋଲି ଭାବିନେଲେ । ଯେଉଁ ବୟସରେ କନ୍ୟାମାନେ ଗୁରୁକୁଳକୁ ଯାଇ ବିଦ୍ୟାରମ୍ଭ କରୁଥିଲେ , ସେ ପ୍ରଥାକୁ ଭାଙ୍ଗି କ୍ରମଶଃ ବ୍ରହ୍ମଚର୍ଯ୍ୟ ଆଶ୍ରମକୁ ଗୃହସ୍ଥ ଆଶ୍ରମରେ

ମିଶାଇ ଦିଆଗଲା । ପିତାମାତାଙ୍କ ସମ୍ମୁଖରେ ଏବେ କନ୍ୟାସନ୍ତାନମାନଙ୍କ ପାଇଁ କେବଳ ଏକମାତ୍ର ହିଁ ଦାୟିତ୍ୱ ରହିଗଲା । ୭ - ୮ ବର୍ଷର ହୋଇଗଲେ , ଏକ ସମ୍ଭ୍ରାନ୍ତ ସ୍ୱଚ୍ଛଳ ପରିବାର ଦେଖି ଝିଅକୁ ବିଦା କରିବା ।

ଏ ପ୍ରକାର ପ୍ରଥା, ବରଂ କହିବା କୁପ୍ରଥା ଯୋଗୁଁ ଅନେକ ଯୁଗରୁ ଚଳି ଆସୁଥିବା ଜୀବନର ଚତୁଃଷ୍ଟୟ ଆଶ୍ରମ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଗଲା ।

ଏଥର ଝିଅଟିଏକୁ ଯିଏ ବାଲ୍ୟବିବାହ କରି ଘରକୁ ନେଲା ସେ ତା' ଲାଳନ ପାଳନ ବାବଦକୁ କନ୍ୟାପିତା ଠାରୁ ଅର୍ଥ ମଧ୍ୟ ଆଶା କଲା । ଏହିଭଳି ଭାବେ ଉପହାର , ଉପଢୌକନଠାରୁ ଆରମ୍ଭ ହୋଇ ଯୌତୁକନାମ୍ନୀ କୁପ୍ରଥା ଆମ ସମାଜକୁ ଆବୋରି ବସିଥିଲା ।

"ଦୁହିତା ଦୁଇ କୁଳକୁ ହିତା" - ହେଲେ ଶିକ୍ଷା ଦୀକ୍ଷା ଅଭାବରୁ, ଖୁବ କମ ବୟସରୁ ମାତୃତ୍ୱଲାଭ ଓ ପରିବାର ଜଞ୍ଜାଳରେ ପେଷି ହୋଇ ସମସ୍ତଙ୍କର ହିତ ଚାହୁଁଥିବା ଦୁହିତା ମାନେ କିନ୍ତୁ ନିଜର ଆତ୍ମବିଶ୍ୱାସ ହରାଇଲେ । ନିଜ ପାଇଁ ହେଉଥିବା ଅନ୍ୟାୟ ପାଇଁ ମୁହଁ ଖୋଲିବା ମଧ୍ୟ ସେମାନଙ୍କ ପାଇଁ କଷ୍ଟସାଧ୍ୟ ହୋଇ ଉଠିଲା । ସେମାନେ ସିଧାସଳଖ ଅର୍ଥ ରୋଜଗାର କରି ପାରୁ ନଥିବାରୁ ସେମାନଙ୍କୁ ପାଦର ପାଣ୍ଠୋଇ, ଗାଧୁଆ ଟୁଠର ଗୋଡ଼ଘଷା ପଥରରୂପେ ଦେଖାଗଲା ।

ଏହିଭଳି କିଛି ପୀଢ଼ିର ନାରୀ ଅଶିକ୍ଷିତ ରହିବାଦ୍ୱାରା ସେମାନେ ନିଜ ପରବର୍ତ୍ତୀ ପୀଢ଼ି ନାରୀମାନଙ୍କର ଶତ୍ରୁ ସାଜିଲେ । ଏହାସବୁ ଅଶିକ୍ଷାର ଫଳ ନୁହେଁ ତା ଆଉ କ'ଣ ?

ଆମେରିକୀୟ ଅଧ୍ୟାତ୍ମିକତାବାଦର ନେତା ବ୍ରିଗାମ ୟଙ୍ଗ (Brigham Young) କହିଥିଲେ -

When you educate a man, you educate a man; you educate a woman, you educate a generation.

କେତେ ସତ୍ୟତା ଅଛି ସତେ ଏ ବାକ୍ୟରେ ! ଗୋଟିଏ ନାରୀକୁ ଶିକ୍ଷିତ କଲେ ଗୋଟିଏ ପୀଢ଼ିକୁ ଶିକ୍ଷିତ କରାଯାଇ ପାରେ ।

ମା' ହିଁ ସନ୍ତାନର ପ୍ରଥମ ଗୁରୁ । ପ୍ରାୟତଃ ସନ୍ତାନମାନଙ୍କର ପାଳନ ପୋଷଣ ଓ ଶିକ୍ଷାଦୀକ୍ଷାରେ ଓତଃପ୍ରୋତଃ ଭାବେ ଜଡିତ ଥା'ନ୍ତି । ସେ ଶିକ୍ଷିତା ହେଲେ କେବଳ ନିଜ କନ୍ୟାସନ୍ତାନକୁ ସଶକ୍ତକରି ଗଢିବେ ନାହିଁ ବରଂ ନିଜ ପୁତ୍ରସନ୍ତାନଙ୍କୁ ଶିକ୍ଷିତ କରିବା ଓ ସେମାନଙ୍କୁ ରୋଜଗାରକ୍ଷମ କରି ନିଜ ଗୋଡ଼ରେ ଠିଆ କରାଇବା ଶିକ୍ଷା ଦେଲେ ସମାଜରେ ଏକ ପରିବର୍ତ୍ତନର ସ୍ରୋତ ପ୍ରବହମାନ ହେବ ।

କନ୍ୟାସନ୍ତାନମାନଙ୍କୁ ଯୌତୁକ ଦେବା ଭୟ ହେଉ , ସେମାନଙ୍କର ଶାରୀରିକ ଦୁର୍ବଳତା ଯୋଗୁଁ ସଦା ସେମାନଙ୍କୁ ସୁରକ୍ଷା ପ୍ରଦାନ କରିବାର ଆବଶ୍ୟକତା ହେଉ ଅଥବା ରୋଜଗାର କରିବାର ଅକ୍ଷମତା ହେଉ, ଏ ସମସ୍ତ କାରଣ ଯୋଗୁଁ କନ୍ୟାସନ୍ତାନଟି ପିତାମାତାଙ୍କ ପାଇଁ ଏଭଳି ବୋଝ ହୋଇ ଉଠିଛି ଯେ ଆମ ସମାଜରେ ଆଜି କନ୍ୟା ଭ୍ରୂଣହତ୍ୟା , ନାରୀ ନିର୍ଯାତନା , ଯୌତୁକ ନିର୍ଯ୍ୟାତନା , ପ୍ରଚଣ୍ଡଭାବେ ବୃଦ୍ଧି ପାଇଛି ।

ଫଳସ୍ୱରୂପ , ଆମ ଦେଶରେ (Child sex ratio ; CSR) ଅର୍ଥାତ ୧୦୦୦ ବାଳକ ତୁଳନାରେ ବାଳିକାମାନଙ୍କ ସଂଖ୍ୟା (୦- ୬ ବର୍ଷ ଭିତରେ) ସଂଖ୍ୟାହାର କ୍ରମଶଃ କମିବାକୁ ଲାଗିଲା । ୧୯୬୧ ମସିହାରେ ଏହା ୯୭୬ ଥିବାବେଳେ ୨୦୧୧ ରେ ଏହା ୯୧୮ କୁ ଖସି ଆସିଥିଲା । ଏହି ହାର ୧୯୬୧ ରୁ କ୍ରମାଗତଭାବେ କମିବାରେ ଲାଗିଛି ।

କେବଳ ଅଲଟ୍ରାସାଉଣ୍ଡ ଦ୍ୱାରା ଲିଙ୍ଗ ନିରୂପଣ କରି କନ୍ୟା ଭ୍ରୂଣହତ୍ୟା ନୁହେଁ ବରଂ ଜନ୍ମ ପରେ ମଧ୍ୟ କନ୍ୟାସନ୍ତାନର ସ୍ୱାସ୍ଥ୍ୟ ଓ ପୁଷ୍ଟିକର ଖାଦ୍ୟରେ ଅବହେଳା ଦେଖା ଯାଇଛି । ଆଜି ଯେଉଁ ନାରୀମାନେ ନିଜ ନିଜ କର୍ମକ୍ଷେତ୍ରରେ ପ୍ରତିଷ୍ଠିତା , ସେମାନଙ୍କ ସଫଳତା ପଛରେ ଉଦାର ହୃଦୟ ପିତା , ମାତା ଅଥବା ଦୁହେଁ କିମ୍ବା ଏକ ପ୍ରକୃଷ୍ଟଭାବେ ଶିକ୍ଷିତା ମା' ଟିଏ ନିଶ୍ଚିତ ଥିବେ ।

ଏହିଭଳି ଏକ ଦୁର୍ଭାଗ୍ୟପୂର୍ଣ୍ଣ ପରିସ୍ଥିତିର ମୁକାବିଲା କରିବା ପାଇଁ ଓ ଦେଶର ଭବିଷ୍ୟତକୁ ସାକାର କରିବା ପାଇଁ ଭାରତ ସରକାର 'ବେଟି ବଚାଓ , ବେଟି ପଢ଼ାଓ ' ଅଭିଯାନ ଆରମ୍ଭ କରିଛନ୍ତି ୨୦୧୫ ରେ ।

ଏଥିରେ ଅନ୍ତର୍ଗତ ଅଛି -

୧) ଲିଙ୍ଗଭେଦରେ ଭ୍ରୂଣହତ୍ୟା ବନ୍ଦ କରିବା

୨) କନ୍ୟା ସନ୍ତାନର ଜୀବନ ଧାରଣା ଓ ସୁରକ୍ଷାର ଦାୟିତ୍ୱ

୩) କନ୍ୟା ସନ୍ତାନର ସୁରକ୍ଷା

ଏଥି ଅନ୍ତର୍ଗତ ପ୍ରଥମେ ଲିଙ୍ଗଜନିତ ଭେଦଭାବ ସର୍ବାଧିକ ଥିବା ୧୦୦ ଟି ଜିଲ୍ଲାରେ ଆଗ ପାଇଲଟ ପ୍ରୋଜେକ୍ଟ ଆରମ୍ଭ କରାଯାଇଛି । ଆମ ଓଡିଶାର ନୟାଗଡ ଜିଲ୍ଲା ଏଥିରେ ଅନ୍ତର୍ଭୁକ୍ତ ହୋଇଛି । ଏହି ଜିଲ୍ଲାରେ ଜାତୀୟ ହାରଠୁ ବି ଅନେକ କମ ହାର - ୮୫୫ ସାଲ ୨୦୧୧ ରେ ଥିଲା । ଏହି ଅଭିଯାନ ପରେ ଏହି ହାର ବଢ଼ି ୨୦୧୮ - ୧୯ ରେ ୯୦୮ ହୋଇଛି ।

ଏହି ଯୋଜନାରେ ୨ ଟି ମୁଖ୍ୟ ଉପାଦାନ ଅଛି ।

୧) Mass communication Campaign --- ସଚେତନତା ଅଭିଯାନ

୨) Multi-sectional action in 100 districts as a pilot project

୧୦୦ ଟି ଜିଲ୍ଲାର ପ୍ରଥମ ସୋପାନରେ ଏ ଯୋଜନା ପାଇଲଟ ପ୍ରୋଜେକ୍ଟ ହିସାବରେ ଲାଗୁ କରିବା ।

ଏହା ଜାତୀୟ , ରାଜ୍ୟ , ଜିଲ୍ଲା ତଥା ସମ୍ପ୍ରଦାୟ ସ୍ତରରେ ଲାଗୁ କରାଯାଇଛି ।

ଏଥିରେ ଗର୍ଭବତୀ ମହିଳାମାନଙ୍କର ପଞ୍ଜୀକରଣ, ସ୍ୱାସ୍ଥ୍ୟଯାଞ୍ଚ , ଡାକ୍ତରଖାନାରେ ଡ଼େଲିଭରୀ କରାଯାଉଛି । NGO I Frontline workers ମାନଙ୍କୁ ପୁରସ୍କୃତ କରି ପ୍ରୋତ୍ସାହିତ କରାଯାଉଛି । PNDT cellକୁ ଆହୁରି ସୁଦୃଢ଼ କରାଯାଇଛି ଭ୍ରୂଣହତ୍ୟା ରୋକିବା ପାଇଁ ।

ବାଳିକାମାନଙ୍କୁ ସ୍କୁଲରେ ନିଷ୍ଠିତ ଶିକ୍ଷାଦାନ , ସ୍କୁଲଶିକ୍ଷା ଅଧାରୁ ନ ଛାଡିବାକୁ ଯତ୍ନବାନ ହେଉଛନ୍ତି । ସ୍କୁଲରେ ଛାତ୍ରୀମାନଙ୍କ ସୁବିଧା ଓ ସୁଯୋଗକୁ ମଧ୍ୟ ଧ୍ୟାନ ଦିଆଯାଉଛି । ବାଳିକା ଶୌଚାଗାର ଆଦି ମଧ୍ୟ ନିର୍ମାଣ କରାଯାଉଛି ।

ବ୍ୟକ୍ତିଗତ ସ୍ତରରେ ଆମେ କଣ କରି ପାରିବା ??

□ ଆମେ ଏକ ଅଗ୍ରଣୀ ସମାଜର ଉତ୍ତରାଧିକାରୀ ଭାବେ ନିଜର ଗୌରବମୟ ଇତିହାସ ଓ ସଂସ୍କୃତିକୁ ଆଖି ଆଗରେ ରଖି ଆମ ପରିବାରରେ କନ୍ୟା ସନ୍ତାନର ଜନ୍ମକୁ ସ୍ୱାଗତ କରିବା ।

□ ନିଜ ସନ୍ତାନ ମାନଙ୍କ ମଧ୍ୟରେ କୌଣସି ପ୍ରକାର ଭେଦଭାବ କରିବା ନାହିଁ ।

□ ପୁତ୍ର କନ୍ୟା ସନ୍ତାନମାନଙ୍କୁ ସମାନ ଭାବେ ସୁବିଧା ସୁଯୋଗ ଦେବା ।

□ ଯୌତୁକ ପ୍ରଥାକୁ ସମୂଳେ ନାଶ ତ କରିବା , ବାହାଘର ଗୁଡିକୁ କମ ଆଡମ୍ବର ପୂର୍ଣ୍ଣ ମଧ୍ୟ କରିବା ।

□ ନାରୀମାନଙ୍କୁ କେବଳ ପୁସ୍ତକଗତ ଶିକ୍ଷା ନୁହେଁ ବରଂ ଶାରୀରିକ ସାମର୍ଥ୍ୟ ମଧ୍ୟ ଦେବା, ଯଦ୍ଦ୍ୱାରା ସେମାନେ ନିଜେ ନିଜର ସୁରକ୍ଷା କବଚ ତିଆରି କରି ପାରିବେ ।

□ ସେମାନଙ୍କୁ ରୋଜଗାର କ୍ଷମ କରି ପ୍ରକୃଷ୍ଟ ଭାବେ ସଶକ୍ତିକରଣ କରିବା ।

ତେବେ ଯାଇ ପୁଣି ଅନୁରଣିତ ହେବ ସ୍କନ୍ଦପୁରାଣର ସେଇ ଶ୍ଲୋକ -

ଦଶପୁତ୍ରସମାକନ୍ୟା ଦଶପୁତ୍ରାନ ପ୍ରୁର୍ଦ୍ଧୟନ ।
ଯତ ଫଲଂ ଲଭତେ ମର୍ତ୍ତସ୍ତଲ୍ଲଭ୍ୟଂ କନ୍ୟୟୈକୟା ।

□



ଚାରି ଟଙ୍କା

ଏଇ ଆମ କେଶବ କ୍ୟାଣ୍ଟିନର କଥା । ଛୋଟ ପିଲାଟିଏ ଆସି କାମ ଶିଖୁଥାଏ , ଅବା କେବଳ ମୁଠେ ଖାଇବାକୁ ଆଉ ରହିବାକୁ ଛାତ ଖଣ୍ଡେ ମିଳୁଥାଏ ବୋଲି ସେଇମିତି କାମ କରୁଥାଏ । ଅନେକ ଦିନରୁ କାନ୍ଥରେ ଚୂନ ନ ବାଜି କ୍ୟାଣ୍ଟିନର ରୋଷେଇଶାଳର କାନ୍ଥ ସବୁ ଯେମିତି ମସିଆ ଆଉ ମଇଳା , ସେଇଭଳି କୋଚଟ ସାର୍ଟ ଖଣ୍ଡେ ପିନ୍ଧି ସେ ଟେବୁଲରୁ ଟେବୁଲକୁ ଜଳଖିଆ ଚା ବଢ଼େଇ ଦିଏ । କେଉଁ ପାଖ ପଡା (ପଶ୍ଚିମାଞ୍ଚଳରେ ସୀମିତ ଅଂଚଳକୁ ନେଇ ପଡ଼ା ଗଢି ଉଠେ) କିମ୍ବା ଗାଁ ରୁ ଖାଇବାକୁ ନ ପାଇ ଏଠି ଆସି ୧୦- ୧୧ ବର୍ଷ ବୟସରେ ଏ କାମ ଧରିଥିବ ପରା । ହେଲେ ମୁହଁ ଟି ସବୁବେଳେ ହସ ହସ, ସେ ସବୁବେଳେ ଚଳଚଞ୍ଚଳ । ଅଳ୍ପ ଦିନ ଭିତରେ ସେ କିଛି ଛାତ୍ରଙ୍କର ପ୍ରିୟଭାଜନ ହୋଇପାରିଥାଏ । ସମସ୍ତେ ତାକୁ 'ଛୋଟୁ' ଡାକନ୍ତି - ସତ ନାଁ କି ଏଇମିତି, କେହି ଜାଣନ୍ତିନି ।

ଆମ ଲାଇବ୍ରେରୀକୁ ଲାଗି କ୍ୟାଣ୍ଟିନ । ଆଜୀବନ ମେଡିକାଲ ଛାତ୍ରଛାତ୍ରୀଙ୍କୁ ପର୍ବତ-ପ୍ରମାଣ ବହି ସବୁ ପଢିବାକୁ ପଡେ । କେବଳ ପାଠ ପଢି ପରୀକ୍ଷା ଦେଲେ ସେଠି କଥା ସରେନି । ବରଂ ଏହା ଉପରେ ଆହୁରି ଯେତେ ନୂତନ ତଥ୍ୟ ମିଳୁଥାଏ ତାକୁ ମଧ୍ୟ ହୃଦ୍ୟ କରିବାକୁ ପଡେ । ଦୁଇ ପଟେ ଥାକ ଥାକ ବହି ଭିତରୁ ବାହାରି ଆସି କ୍ୟାଣ୍ଟିନରେ ଖଟି କରିବାଟା ସତେ ଯେମିତି ମରୁଭୂମିରେ ମରୁଦ୍ୟାନ ପରି । ମୁଁ ବି ଛୋଟ ଛୋଟ ଖଟିରେ ସାମିଲ ହେବାକୁ ଚେଷ୍ଟା କରେ , ନତୁବା ପରବର୍ତ୍ତୀ କାଳରେ ଏକା ଏକା ଚା' ଗୋଟେ ପିଇ ପୁଣି ଲାଇବ୍ରେରୀକୁ ଫେରେ । ଥରେ ଏକା ଏକା ସକାଳ ୧୦ ଟା ବେଳକୁ କ୍ୟାଣ୍ଟିନରେ କାଚ ଗ୍ଲାସରେ ଚା' ଟିକିଏ ଧରି ତଳମୁହାଁ ହୋଇ ବସି କିଛି ଗୋଟେ ଅଲଗା ବହି ପଢୁଥାଏ । ସେତେବେଳେର ମୋବାଇଲ ବିହୀନ ଜମାନାରେ ହାତରେ ଗଳ୍ପ, ଦର୍ଶନ ବା ଉପନ୍ୟାସ ବହି ଖଣ୍ଡେ ହାତରେ ରହୁଥିଲା ।

ଆଖି କୋଣରୁ ଦେଖିଲି ଯେ, କ୍ୟାଣ୍ଟିନରେ ଅପେକ୍ଷାକୃତ ସିନିଅର କର୍ମଚାରୀ ପିଲାଟି ଛୋଟୁକୁ କୌଣସି ବିଷୟ ନେଇ ଗାଳି କରୁଛି । ମୁଁ ବହି ଉପରେ ଆଖି ରଖି ଉତ୍କର୍ଣ୍ଣ ହୋଇ ଶୁଣୁଥାଏ । ଛୋଟୁ ଛେନାପୋଡରୁ ଗୋଟିଏ ଖଣ୍ଡ ଖାଇବାକୁ ମାଗିବାରୁ ବଡ ପିଲାଟି ତାକୁ ମନ ଇଚ୍ଛା ଅଶ୍ରାବ୍ୟ ଭାଷାରେ ଗାଳି କରୁଥାଏ । ଛୋଟୁ କାନ୍ଦ କାନ୍ଦ ହୋଇ ଏପଟ ସେପଟ ଅନଉଥାଏ ।

ଛୁଆଟା ମାଗିଥିଲା ଅବା କ'ଣ ? ଆଃ, ଏବେ ଉଠିଯା'ନ୍ତି ପରା ! ମୋ ପର୍ସରେ ୫୦ ଟଙ୍କା ଅଛି । ଦେଇ ପାରିବି ତ - ହେଲେ, ଏତେ ଲଜ୍ୟାଶୀଳା ଥିଲି ଯେ ମୁଁ , ସତେ ଅବା ମୋ ପାଦରେ ମହଣେ ହେବ ଲୁହା ଶିଙ୍ଖୁଳି କିଏ ବାନ୍ଧି ଦେଇଥିଲା । କିଏ କଣ ଭାବିବ ପରା !

ଝିଅମାନଙ୍କୁ ପିଲାଦିନୁ ଶିକ୍ଷା ଦିଆଯାଇଥାଏ - ଅଚିହ୍ନା ଲୋକ ସାଙ୍ଗେ ମିଶିବୁନି , କଥା ହେବୁନି , କଥା ହେଲେ ଜୋର ପାଟିରେ ହସିବୁନି , ଓଢଣୀ ଠିକ ବେକରୁ ପେଟ ଯାଏଁ ପକେଇ କାନ୍ଧରେ ଦୁଇଟା ସେପ୍ଟିପିନରେ କାମିଜ ସାଙ୍ଗେ ଜଡେଇ ରଖିବୁ , ଗୋଡ ବାଡେଇ ଚାଲିବୁନି ଇତ୍ୟାଦି । ଏମିତି ଅନେକ କଟକଣା ଭିତରେ ବଢି ମୋର ଗନ୍ତବ୍ୟ-- ଘରୁ କଲେଜ ଯାଏଁ ଓ କଲେଜରୁ ଘର । ଦୋକାନ ବଜାର କହିଲେ କେବଳ ଆମ କଲୋନୀର 'ଗଦା' ପାନ ଦୋକାନ ଯାଏଁ ।

ଏମିତି କଟକଣାରେ ବଢିଥିବା 'ମୁଁ ' ଆଖି ଉଠେଇ କାହାକୁ ଦେଖି ତ ପାରେନି , ଛୋଟୁକୁ ଛେନାପୋଡ଼ ଖଣ୍ଡେ କେମିତି ଉଠିଯାଇ ଧରେଇ ପାରିଥା'ନ୍ତି । ଲାଇବ୍ରେରୀ ଫେରି

ଆସିଲି । ହେଲେ ସେଇ ଚିନ୍ତା ମନରେ ଘାରୁଥାଏ , ଭାବିଲି ଆଜି ନହେଲା ନାହିଁ କାଲି ଆଗତୁରା ଯାଇ ଦୁଇ ପିସ ଛେନାପୋଡ଼ ମଗେଇବି, ଆଉ ଗୋଟେ ପିସ ଚୁପକିନା ଛୋଟୁ ହାତରେ ଦେଇ କହିବି ଖା'-- ସେ ଟିକେ ଲାଜ ଲାଜ ହୋଇ ମୋ ହାତରୁ ଛେନାପୋଡ଼ ନେବ ଆଉ ତା ପରେ ଫିକକିନା ହସି ପକେଇବ। ଆଃ! ସେ ହସ ଟିକକ ମୋତେ ଦେଖିବାର ଅଛି । ସୁଖଦ ସମ୍ଭାବନାରେ ମଜ୍ଜି ମେଡିସିନର 'ହ୍ୟାରିସନ' ବହିରେ କେତେ ପୃଷ୍ଠା କୁ ନ ବୁଝି 'ହାଇଲାଇଟର'ରେ ରଙ୍ଗେଇ ଦେଲି । ଏବେ 'କାଲି' କୁ ଅପେକ୍ଷା ।

'କାଲି' ଆସିଲା ।

କିନ୍ତୁ କ୍ୟାଣ୍ଟିନକୁ ଛେନାପୋଡ଼ ଆସି ନଥିଲା । ଓଃ! ଭଗବାନ କେତେ ନିଷ୍ଠୁର ! ଆଜି ବି ଛୁଆଟିକୁ ନିଶ୍ଚିତ ଏକା ଛେନାପୋଡ଼ ଖଣ୍ଡକରୁ ବଂଚିତ କଲେ ! ହେଲେ ୨୪ ଘଣ୍ଟା ହେବ ମୋ ମନରେ ଯେଉଁ ରିହରସଲ ଚାଲିଥିଲା , ସେଥିରେ ଯବନିକା ପତନ ହେଲା ଓ ମୁଁ ଆଶ୍ଚର୍ଯ୍ୟ ଭାବେ ଆଶ୍ୱସ୍ତ ହେଲି ।

ଗୋଟିଏ ସପ୍ତାହ ଯାଏଁ ତା' ପରେ ଆଉ ଯାଇ ପାରିଲିନି କ୍ୟାଣ୍ଟିନକୁ ନାନାଦି କାର୍ଯ୍ୟକ୍ରମ ଯୋଗୁଁ । ହେଲେ ଛୋଟୁ ଆଉ ଛେନାପୋଡ଼ ଓ ମୋର ଛୋଟୁକୁ ଖୁସି କରିବାର ରିହରସଲ ମୋ ମନ ଭିତରେ ନିରନ୍ତର ଚାଲିଥାଏ । ଏ ଭିତରେ ମୁଁ ମାନସିକ ସ୍ତରରେ ପୋଖତ କଳାକାର ହୋଇଯାଇଥାଏ ।

ଅଷ୍ଟମ ଦିନ ବୀରଦର୍ପରେ ଯାଇ ପହଞ୍ଚିଲି କ୍ୟାଣ୍ଟିନରେ ।ଏ ଭିତରେ ଛେନାପୋଡ଼ ଦାନ ସାଙ୍ଗରେ ବରା, ସିଙ୍ଗଡ଼ା ଗୋଟିଏ ଗୋଟିଏ ମଧ୍ୟ ଯୋଡି ହୋଇଯାଇଥାଏ ।

କ୍ୟାଣ୍ଟିନ ମାଲିକ କେଶବକୁ ଦେଖି ଟିକିଏ ହସିଦେଲି, ସେ ମଧ୍ୟ ଦୋ -ଦୋ ପାଞ୍ଚ ହୋଇ ମୋ ହସର ପ୍ରତ୍ୟୁତ୍ତର ଦେଲା। ଆଖି ସାଙ୍ଗେ ସାଙ୍ଗେ ମସିଆ କାଚ ର ? ।କ ପାଖକୁ ଚାଲିଗଲା । ପୁରା ସଜ ଗୋଲିଆ ଛେନାପୋଡ ଥୁଆ ହୋଇଛି । ଆଃ! ସଦ୍ୟ ଛଣା ବରା, ସିଙ୍ଗଡ଼ା ବି ।

ଗୋଟିଏ କୋଣିକିଆ ଟେବୁଲ ଦେଖି କାନ୍ଥ ଆଡକୁ ମୁହଁ କରି ବସିଲି । ଆଖି ମୋର ଛୋଟୁକୁ ଖୋଜୁଥାଏ ,ହେଲେ ସେ କାହିଁ ଦିଶୁ ନଥାଏ ।

ବଡ଼ପିଲା କର୍ମଚାରୀଟି ପଚାରିବାକୁ ଆସିଲା ମୋର କଣ ଦରକାର ବୋଲି । ମୁଁ ଆଉ ଟିକିଏ ଆଖି ପହଁରେଇ କହିଲି , 'ଦୁଇ ପିସ ଛେନାପୋଡ଼' । ସେ ୫ ସେକେଣ୍ଡ ଭିତରେ ଛୋଟିଆ ଷ୍ଟିଲ ପ୍ଲେଟରେ ଦୁଇ ପିସ ଛେନାପୋଡ଼ ସଗଉ ଥୋଇଦେଲା ।

ମୁଁ ଏ ଭିତରେ ଟିକିଏ ବୀରତ୍ୱ ହାସଲ କରିଥାଏ ଦୋ ଦୋ ପାଞ୍ଚ ହୋଇ ପଚାରି

ପକେଇଲି 'ଛୋଟୁ କାଇଁ ?' ସେ ବି ଉତ୍ତରଟେ ଫୋପାଡ଼ି ଦେଇ ଚାଲିଗଲା - 'ସେ ନାହିଁ ।'

ଆଉ ଆଗକୁ ପଚାରି ପାରିଲିନି ।ମୋ ଦମ୍ଭର ବେଲୁନରେ କେହି ପିନଟିଏ ଫୋଡି ଦେଇଥିଲା । ମୋ ପ୍ରଶ୍ନ ସେମିତି ଅସମାହିତ ହୋଇ ବୋଧହୁଏ ରହି ଯାଇଥାନ୍ତା , ଠିକ ସେମିତି ବେଳକୁ ଆମ ସିନିଅର ଭାଇ (ଆମେ ସିନିଅରମାନଙ୍କୁ 'ଭାଇ' ଓ 'ଦିଦି' ବୋଲି ସମ୍ବୋଧନ କରୁଥିଲୁ) କେଶବ ସାଙ୍ଗେ କଥା ହେଉଥିବାବେଳେ ଏତିକି ଠଉରାଇଲି ଯେ, ଛୋଟୁର ମା ଦେହ ଭଲ ନଥିଲା ବୋଲି ସେ ଗାଁ କୁ ଫେରିଗଲା ।

ମୁଁ ଦ୍ୱିତୀୟ ପିସ ଛେନାପୋଡ଼ଟି ଆଡକୁ ବଡ ବିକଳରେ ଅନେଇରହି ନିଜକୁ ନିଜେ ମନରେ ଧିକ୍କାରିଥିଲି । ଆଉ କେବେ ବି ସୁଯୋଗ ପାଇବିନି ସତେ ସେ ଛୁଆଟିର ମୁହଁରେ ହସ ଫୁଟେଇବାକୁ ।

.....

୨୫ ବର୍ଷ ପରେ ...

'ମନଜିନିଷ' ବେକେରୀ ଦୋକାନକୁ ମୁଁ ମୋ ଦୁଇ ଝିଅଙ୍କୁ ବହୁତ ଦିନ ପରେ ନେଇଥାଏ । ସ୍ୱତଃ ମୁଁ ସେମାନଙ୍କୁ ସେଠାକୁ ନେଇ ଥିବାରୁ ଦୁହେଁ ସେ ସୁଯୋଗର ଭରପୂର ଫାଇଦା ଉଠେଇବାକୁ ଚାହୁଁଥା'ନ୍ତି । ନିଜର ପସନ୍ଦର ପ୍ୟାଷ୍ଟ୍ରି , ପ୍ୟାଟିସ ବାଛୁଥା'ନ୍ତି ।ଏଇଟା ନାଇଁ ..ନାଇଁ ସେଇଟା... ମୁଁ ଜାଣୁଥାଏ ମୁଁ ଯେଉଁ ମଧ୍ୟବିତ୍ତୀୟ ଚିନ୍ତାଧାରା ସେମାନଙ୍କ ମୁଣ୍ଡରେ ପୂରେଇଛି , ନିଜ ଆୟତ୍ତ ମଧ୍ୟରେ ରହି ଖର୍ଚବାର୍ଚ କରିବ, ନିଜର ସାଭିମାନ ବଜାୟ ରଖିବ ...ଇତ୍ୟାଦି ...ସେଥିରେ ସେମାନଙ୍କ ମନ ସୁଦୃଶ୍ୟ ପ୍ୟାଷ୍ଟ୍ରି ଓ ତା ତଳେ ଲେଖାଥିବା ମୂଲ୍ୟ ଭିତରେ ସଂଘର୍ଷ କରୁଥାଏ । ଶେଷକୁ ନିଜ ନିଜ ପସନ୍ଦର ପ୍ୟାଷ୍ଟ୍ରି ଧରି ଖୁସିରେ ଭିଡ଼ ଆଡ଼େଇ ଦୋକାନ ମୁହଁ ପାଖରେ ଯାଇ ଖାଇବା ଆରମ୍ଭ କରିଦେଲେ । ମୁଁ ପଇସାପତ୍ର ଛିଞ୍ଚେଇବାରେ ବ୍ୟସ୍ତ ରହିଲି ।

ଏତିକି ବେଳେ ମୋର ୧୧ ବର୍ଷୀୟ ସାନଝିଅ ପଛରୁ ଆସି ଧୀରେ ଧୀରେ ଡାକି ଧ୍ୟା ସ୍ୱରରେ କହିଲା - ''ମୁଁ ଆଉ ଗୋଟେ ପ୍ୟାଷ୍ଟ୍ରି ନେଇ ପାରିବି ....'

ମୁଁ ବଡ ବଡ ଆଖିରେ କ୍ରୁଦ୍ଧ ଦୃଷ୍ଟି ନିକ୍ଷେପ କରିବା ପୂର୍ବରୁ ସେ କହି ଉଠିଲା - 'ନା ନା , ମୋ ପାଇଁ ନୁହଁ ...ସେ ହାତଠାରି ଦୋକାନ ଦ୍ୱାରଦେଶରେ ଠିଆ ହୋଇଥିବା ନୁଖୁରାମୁଣ୍ଡୀ ଭିକାରୀ ଝିଅଟିଏ ଆଡକୁ ହାତ ଦେଖେଇଲା । ତା ପାଇଁ '.....

'ଘରକୁ ଗଲେ ମୁଁ ମୋ ପକେଟ ମନିରୁ ଦେଇଦେବି ....ପ୍ଲିଜ ...ମୋ ଆଡକୁ ଅନେଇ

କାକୁତି ମିନତି କଲା ‘ ମୁଁ ଫିକକରି ହସିଦେଇ ମୁଣ୍ଡ ଟୁଙ୍ଗାରି ଦେଲି । ଟ. ୨୫/- ର ’ବଟରସ୍କଚ’ ପ୍ୟାଷ୍ଟ୍ରିଟିଏ ନେଇ ମୋ ଝିଅ ସେ କୁନି ନୁଖୁରାମୁଣ୍ଡୀ ଝିଅଟିକୁ ଦେଇ ଆସିଲା ।

ମୋ ମନରେ ୨୦ ବର୍ଷ ତଳର ଟ. ୪ /- ର ଛେନାପୋଡ଼ ଚିତ୍ରଟିଏ ଭିତରେ ଉଜ୍ଜୀବିତ ହୋଇ ଉଠିଥାଏ । ଆଃ ! କି ଖୁସି ସେ କୁନି ଝିଅଟି । ମୋ ଝିଅ ଫେରିଆସି ଆହୁରି ସୂଚନା ଦେଲା ଯେ , ସେ ଝିଅଟିର ମା’ର ଦେହ ଭଲ ନାହିଁ , ତେଣୁ ସେ ଏକା ଆସିଛି ।

ତାକୁ ଝିଅ ଏ ଭିତରେ ପଚାରି ଦେଇଥାଏ ଆଉ କିଛି ଦରକାର କି ନାହିଁ , ସେ କୁନି ଝିଅଟି ବି ବୁଝେଇଦେଲା ଯେ , ନା’ , ତାର ଏବେ ଆଉ କିଛି ଦରକାର ନାହିଁ । ଆଉ କେହି ସହୃଦୟ ଗରାଖ ଆସିଲେ ଆଉ ଟିକିଏ ପରେ କିଛି ଦେଇଦେବେ । ବାଃ ! ନିଜ ଭାଗ୍ୟ ଉପରେ କି ଭରସା !ସେ ଝିଅ ଟି ମୁହଁରେ ମୋତେ ଛୋଟୁ ମୁହଁ ସତେ ଯେମିତି ଦିଶିଗଲା ।

ଘରକୁ ଫେରିଲା ବେଳେ ଭାବୁଥାଏ କେତେ କଥା , ସତରେ ନାରୀ ସ୍ୱାଧୀନତା , ଯାହା ମୋ ମା’ଙ୍କ ସମୟରେ ଏକ ଦୁର୍ଲ୍ଲଭ ସ୍ୱପ୍ନ ଥିଲା , ତା’ ମୋ ଠାରେ ଏକ କଳିକା ପରି ସମ୍ଭବି ଆଜି ମୋ ଝିଅଠାରେ ପୂର୍ଣ୍ଣ ପ୍ରସ୍ଫୁଟିତ ହେଲାପରି ମନେ ହେଲା । ନାରୀ ସ୍ୱାଧୀନତାକୁ ଅନେକେ ନାରୀର ଅଧୋପତନ କିମ୍ବା ଉଦ୍ଧତ ବ୍ୟବହାର ସହ ତୁଳନା କରିପକାନ୍ତି । ଜାଣି ରଖିବା ଉଚିତ ଯେ , କବାଟ କୋଣରେ ହାତେ ଓଢ଼ଣାରେ ରହି ମଧ୍ୟ ଅନେକ ନାରୀ ଅନେକ ପରିବାରର ସର୍ବନାଶ କରିଛନ୍ତି କାଳେ କାଳେ । ସମାଜ ଭୟରେ ଅବା ଦେଖାଣିଆ ସଭାବରେ ଅନେକ କୁଟିଳା ନାରୀ ଅନେକ ପରିବାର ଛାରଖାର କରିଛନ୍ତି ଲଜ୍ଜ୍ୟାର ଆବରଣ ତଳୁ ।

ନାରୀ ସ୍ୱାଧୀନତାର ସଠିକ ମାପକ ଓ ଉପଯୋଗ ନାରୀର ପ୍ରକୃତ ଶିକ୍ଷାରେ ରହିଛି । ହୁଏତ କିଛି କାଳ ପାଇଁ ଏ ଦେଶରେ ନାରୀକୁ ଦଳିତା, ନିଷ୍ପେସିତା ଗୋଷ୍ଠୀ ଅନ୍ତର୍ଭୁକ୍ତ କରାଯାଇଥିଲା , ହେଲେ ଅନେକ ମହୀୟସୀ ନାରୀ ସେଇ ନିଷ୍ପେସଣରୁ ବାହାରି ନିଜର ଅସ୍ମିତାକୁ ପ୍ରତିଷ୍ଠିତ କରିଛନ୍ତି ।ନାରୀମାନେ ଶିକ୍ଷା, ସ୍ୱାଧୀନତାର ବର୍ମର ସହ ଉପଯୁକ୍ତ ସଂସ୍କାରପ୍ରାପ୍ତ ହେଲେ ଦେଶର ଅଗ୍ରଗତି ଯେ ଅବଶ୍ୟମ୍ଭାବୀ , ଏଥିରେ ସନ୍ଦେହ ନାହିଁ । ତଦୁପରି ସେମାନେ ଭବିଷ୍ୟତର ମା’ ହୋଇଥିବାରୁ ଆଗାମୀ ପୀଢ଼ିର ଉତ୍ତର ଦାୟିତ୍ୱ ମଧ୍ୟ ସେମାନଙ୍କ ଉପରେ ନ୍ୟସ୍ତ । ଆଜି ଏ ପରିବର୍ତ୍ତିତ ଉଜ୍ୱଳତର ଯୁଗର ଯବନିକା ଉଠି ସାରିଛି । ଆଗରୁ ଯେଉଁ ନାରୀ ନିଜ ଦୁଃସ୍ଥ ମନୋଦଶାକୁ ଚପେଇ ଦେଇ ଅନେକ ଶୋଷଣ, ଅପରାଧକୁ ନୀଳକଣ୍ଠଙ୍କ ବିଷ ପରି ପିଇ ଯାଉଥିଲା, ସେମାନେ ଏବେ ନିଜ ମନ କଥାକୁ ଉଚିତ ଭାବରେ ପ୍ରକାଶ କରି ନିଜର ନ୍ୟାଯ୍ୟ ଦାବୀ ଉପସ୍ଥାପନ କରି ପାରୁଛନ୍ତି ।

ନାରୀ ପ୍ରତିଭା ଆଜି ପ୍ରତ୍ୟେକ କ୍ଷେତ୍ରରେ ଅଗ୍ରଣୀ । ଦଶମ ଶ୍ରେଣୀ ପରୀକ୍ଷା ଫଳ ହେଉ , ଅବା କରୋନା ଆତଙ୍କରେ ସାରଥୀଭାବେ କାର୍ଯ୍ୟରତା ଡାକ୍ତର , ଗବେଷିକା ଓ ପ୍ରଶାସନିକା ହୁଅନ୍ତୁ ।

ସମୟର ପ୍ରବାହରେ ଭୁଲ ଠିକର ହିସାବ କିତାବ ତ ଚାଲୁ ରହିବ , ତେବେ ମୋ ୪ ଟଙ୍କାର ଛେନାପୋଡ଼ ଦେଇ ନ ପାରିଥିବା ଘଟଣାର ବୈକଲ୍ୟ ମୋ ଝିଅର ୨୫ ଟଙ୍କାର ପ୍ୟାଷ୍ଟ୍ରି ମାଧ୍ୟମରେ ଯେ ଦୂରୀଭୂତ ହେଲା, ସେଥିପାଇଁ ସମୟ ଓ ଭଗବାନଙ୍କ ପାଖରେ କୃତଜ୍ଞ ।

□



ଚଉଷଠି ଯୋଗିନୀ ମନ୍ଦିର ଓ ବାବୁଗିରି

ବହୁ ଆକାଂକ୍ଷିତ ଚଉଷଠି ଯୋଗିନୀ ମନ୍ଦିର ଦର୍ଶନ ଭାଗ୍ୟରେ ଜୁଟିଲା ଏ କରୋନା ମହାମାରୀ ଯୋଗୁଁ । ଭୁବନେଶ୍ୱରକୁ ଆସିବା ପରେ ମୋର ଇଚ୍ଛା ଥିଲା ପ୍ରତି ରବିବାର ଭୁବନେଶ୍ୱର ର ଗୋଟିଏ ଗୋଟିଏ ମନ୍ଦିର ବୁଲିବି ଓ ତା ଉପରେ ଗୋଟିଏ ଗୋଟିଏ ସନ୍ଦର୍ଭ ଲେଖିବି । ହାଏ ! ମୁଁ ବାମନ ହୋଇ ଚନ୍ଦ୍ରକୁ ହାତ ବଢେଇବା ପାଇଁ କେମିତି ଭାବି ଦେଲି ? ଘର, ପରିବାର, ସମ୍ପର୍କୀୟମାନଙ୍କ କଥା ବୁଝୁ ବୁଝୁ ଏ ଭିତରେ ୭ ବର୍ଷ ବିତିଗଲା । ବର୍ଷ ଶେଷ , ଛୁଟି ଅଳ୍ପ ବଳିଛି ; କାରଣ ଏଥର କୌଣସି କନଫରେନ୍ସ ଯାଇନି । ମହାମାରୀ ଯୋଗୁଁ ବେଶୀ ଦୂର ବୁଲାବୁଲି ବି ମନା । ଏତେ ଦିନ ପରେ ମଉକା ମିଳିଲା --ପିଲାଙ୍କ ନା ନୁକୁର ପରେ ମଧ୍ୟ ଆମେ ଗୁଗୁଲ ଭାଇନାଙ୍କ ସହାୟତାରେ ଗନ୍ତବ୍ୟ ସ୍ଥଳରେ ପହଂଚିଗଲୁ ।

ଦୁର୍ଭାଗ୍ୟ ! ତାଲା ବନ୍ଦ ! ଆହୁରି ସରକାରୀ ଅର୍ଡର ଆସିନି ମନ୍ଦିର ଖୋଲିବା ପାଇଁ ଓ ପାଖରେ ଏକ ବଡ ପୋଖରୀ, ବରଗଛ, ଯାତ୍ରୀ ବିହୀନ ଥିବାରୁ ସବୁ ଖୋଲା ଖୋଲା ...ବାସ ମନ ଖୁସି ହୋଇଗଲା ।

ଭାବିଲି ଦେବଦେବୀଙ୍କର ବୋଧେ ଦର୍ଶନ ପାଇଁ ଯୋଗ ନାହିଁ ...ହଉ ଠିକ ଅଛି, ପ୍ରଭୁଙ୍କ ଇଚ୍ଛା । ବୋଧେ ଆଉ ଥରେ ଏଠିକି ଆସିବାକୁ ଯୋଗ ଅଛି । ଏମିତି ଭାବୁ ଭାବୁ ଘାଏଁ କରି ଏକ ବଡ ଆମ୍ବାସଡର ଗାଡ଼ି ଆମକୁ ମଡ଼େଇ ଦେଲା ପରି ଆସି ପାଖରେ ବ୍ରେକ ଦେଲା ।

କଳା ସୁଟ ପ୍ୟାଣ୍ଟ ପରିହିତ ବାବୁ ଜଣେ ଗାଡ଼ିରୁ ସଦର୍ପେ ଓହ୍ଲେଇଲେ ସସ୍ମୀକ । ମୁଁ ଗାଢ଼େଇ କି ଡ୍ରାଇଭରକୁ ଅନେଇଲି ଏମିତି କ'ଣ ଗାଡି ଚଳାଉଛି ବୋଲି , ହେଲେ ସେ ଶିବଙ୍କ ବୃଷଭ ଭଳି ମନେ ହେଲା ।

ବାବୁ ଜଣଙ୍କ ବେଶ ବଡ ଅଫିସର ହେଇଥିବେ ପରା ! ସଦର୍ପେ ମାଡି ଗଲେ ଗେଟ ପାଖକୁ । ଜଗୁଆଳିକୁ କହିଲେ, ତାଲା ଖୋଲ , ମୁଁ ହୋମ ଡିପାର୍ଟମେଣ୍ଟରୁ ଆସିଛି , ଚେକ ଚାକ କରିବି , ସବୁ ଠିକ ଅଛି କି ନାହିଁ ।

ମୁଁ ମୋ ଗାଡି ପାଖକୁ ଯାଉ ଯାଉ ଟିକିଏ ଅଟକି ଗଲି । ଆଶା ଥିଲା , ଯଦି ବାବୁଙ୍କ ଲାଗି ଗେଟ ଖୋଲିବ ଆମେ ବି ଟିକେ ଦର୍ଶନ କରିବୁ ...ଟିକେ କୌତୁହଳ ବି ଥିଲା ଦେଖିବାକୁ ବାବୁ ମିଛ କହି ଜିଣୁଛନ୍ତି କି ନାହିଁ । ଆମ ପରେ ପରେ କିଛି ଛାତ୍ର ଛାତ୍ରୀଙ୍କର ପିକନିକ ଦଳ ବି ଠିଆ । ଆଗରୁ ତ କହିଛି, ଆମେ ସମସ୍ତେ ଦୁର୍ନୀତି ହେଉଛି ବୋଲି ପାଟି କରୁ , ହେଲେ ମଉକା ମିଳିଲେ କେହି ସେତକ କରିବାକୁ ପଛାଉ ନାହିଁ ।

ଏଥର ଦେଖିଲୁ ଯୁକ୍ତି ତର୍କ ଆରମ୍ଭ ହେଲା ଜଗୁଆଳୀ ଓ ବାବୁଙ୍କ ଭିତରେ । ବାବୁ ବୋଧେ ସ୍ତ୍ରୀ ଙ୍କ ଆଗରେ ଆଗରୁ ବାହାସ୍ଫୋଟ ମାରିଛନ୍ତି ଯେମିତି ହେଲେ ମନ୍ଦିର ଦର୍ଶନ କରେଇବେ । ଏବେ ଛାର ଜଗୁଆଳି ତାଙ୍କୁ ଭିତରକୁ ଛାଡୁନି ...ଆହା କି ବିକଳ ଅବସ୍ଥା ବାବୁଙ୍କର ! ଏଥର ନିଜ ଆଇ -କାର୍ଡ କାଢି ଦେଖେଇଲେ...ଜଗୁଆଳି ନଛୋଡବନ୍ଦା । ତା ପରେ ଫୋନ ଲଗେଇ ଉପରିସ୍ଥ ଅଫିସରଙ୍କ ସଂଗେ କଥା ହେବାକୁ କହିଲେ ...ତାକୁ ବି ଜଗୁଆଳି ବେଖାତିର କଲା ।

ସଂଘର୍ଷ ଆଉ ତିକ୍ତ ହେବା ଆଗରୁ ମୁଁ ସେ ସ୍ଥାନ ଛାଡି ପଳେଇ ଆସିଲି ।

ମନରେ କିଛି ପ୍ରଶ୍ନ ଉଦ୍ରେକ ହେଲା :

୧. ନିଜ କ୍ଷମତା ବଳରେ କିଛି କାମ ହାସଲ କରିବାକୁ କ'ଣ ଏତେ ତଳକୁ ବି ଖସିବାକୁ ପଡେ ?

୨. କିଏ ଜିତିଥିବ ସେ ଦିନ ? ଯଦି ଜଗୁଆଳି, ତେବେ ଧର୍ମର ଜୟ ଆଉ ସତ୍ୟ ଉପରେ ବିଶ୍ୱାସ ଜନ୍ମିଥିବ ଓ ଯଦି ବାବୁ ଜିତିଥିବେ, ତେବେ ସେ ଦିନ କେହି ତା ଅଭିମାନ ଓ ସତ୍ୟ ପ୍ରତି ବିଶ୍ୱାସ ହରେଇଥିବ ।

୩. ଏଠି ପତ୍ନୀଙ୍କର କଣ କର୍ତ୍ତବ୍ୟ ଥିଲା -- ଏ ସବୁ ର ମୂକସାକ୍ଷୀ ସାଜିବା, ଅଥବା ଦେଶର ଏକ ସୁନାଗରିକ ଭାବେ ନିୟମ ମାନି ବାହାରେ ଥାଇ ହାତ ଯୋଡ଼ି ମୁଣ୍ଡିଆଟିଏ ମାରି ବାହୁଡ଼ିବା ?

□



"ଇଏ କି ?" ସିଣ୍ଡ୍ରୋମ

ଏଥର ଲେଖାରେ ଟିକିଏ ମେଡିକାଲିଆ ଛୁଙ୍କ । ମେଡିକାଲ ଛାତ୍ର-ଛାତ୍ରୀଙ୍କର ପଢା ସମୟ ଓ ତା' ପରେ ଡାକ୍ତର ହେଲା ପରେ ମଧ୍ୟ ଜୀବନ ଯେତେ କଷ୍ଟଦାୟକ, ତା' ବୋଧେ ଅନ୍ୟ କୌଣସି ଜୀବିକାରେ ନ ଥାଏ । ଚିରନ୍ତନ ଅନିର୍ଦ୍ଦିଷ୍ଟତା ଭିତରେ ଘେରା ହୋଇ ଯୌବନ ଯେମିତି ଚୋରାବାଲି ପରି ହାତ ପାହାନ୍ତାରୁ ଖସି ଚାଲି ଯାଏ ଓ ସେଇ ସଂଗ୍ରାମ ଭିତରେ, ଜୀବନ-ମୃତ୍ୟୁର ସଂଘାତ ଭିତରେ ମଧ୍ୟ କିଛି ମଧୁର ସ୍ମୃତି-ଅନୁଭୂତି ଆମେ ସାଉଁଟି ନେଉ ଓ କାମଦେବଙ୍କ ଶରାଘାତରେ ଜର୍ଜରିତ ଅବା ଜୀବନ ସଂଗୀ ବାଛିବାର ବାଧବାଧକତାରେ ହେଉ ଅଳ୍ପେ-ବହୁତେ "ଇଏ କି ସିଣ୍ଡ୍ରୋମ" ରେ ସମସ୍ତେ ଅବଶ୍ୟ ଆକ୍ରାନ୍ତ ହୋଇଥାନ୍ତି ...ସେ ବିଷୟରେ ପଦେ ଅଧେ .... ।

.....

ଏ ଶିରୋନାମା ଦେଖି ଆମ ଡାକ୍ତର ବନ୍ଧୁଗଣଙ୍କର ନିଶ୍ଚୟ ମୁଣ୍ଡ ବୁଲେଇବଣି । ଅନେକେ ନିଜକୁ ଧିକ୍କାର କରିବାକୁ ମଧ୍ୟ ଆରମ୍ଭ କରିବେଣି । ଏତେ ବର୍ଷ ଧରି ଏତେ ବହି ଚଷିଲୁ, ଆକ୍ୱୟାର୍ଡ଼ ଇମ୍ୟୁନୋ ଡ଼େଫିସିଏନସି ସିଣ୍ଡ୍ରୋମ, ରେଇଜ ସିଣ୍ଡ୍ରୋମ, କ୍ରୋକୋଡ଼ାଇଲ ଟିଅର ସିଣ୍ଡ୍ରୋମ, ଫ୍ରେନ ସିଣ୍ଡ୍ରୋମ, ମ୍ୟାକକ୍ୟୁନ ଅଲବ୍ରାଇଟ ସିଣ୍ଡ୍ରୋମ ଏତେ ସବୁ ଅଖାଡୁଆ ନାମଧାରୀ ସିଣ୍ଡ୍ରୋମ ବିଷୟରେ ଜାଣିଲୁ ଅଥଚ 'ଇଏ କି ସିଣ୍ଡ୍ରୋମ ' ଆମ ଚିଲ ଆଖିରୁ ଖସିଗଲା ? କେଉଁ ସନ ,କେଉଁ ଡଟର ବହିରେ ଏ ସିଣ୍ଡ୍ରୋମ ଅଛି କହତ ଦେଖି , ଆଜି ଯାଇ ପାଣି କରିଦେଇ ଆସିବୁ ।

ହାଁ, ହାଁ, ରୁହନ୍ତୁ ରୁହନ୍ତୁ, ଏତେ ତରବର କାହିଁକି ହେଉଛନ୍ତି ? ଆଗ ଶୁଣିଯା'ନ୍ତୁ ଏ ସିଣ୍ଡ୍ରୋମ ବିଷୟରେ ।

ପ୍ର : ଏ ସିଣ୍ଡ୍ରୋମ ଦେଖାଯାଏ କେଉଁଠି ?

ଉ : ଏହା ପ୍ରାୟତଃ ଦେଖାଯାଏ କଲେଜ ପ୍ରାଙ୍ଗଣରେ । ସ୍କୁଲ ହତା ମଧ୍ୟକୁ ମଧ୍ୟ ଆଜିକାଲି ପଶି ଆସିଲାଣି । ତେବେ ଆମ ମେଡିକାଲ କଲେଜରେ ଏହା ବିଶେଷତଃ ଆବହମାନ କାଳରୁ ବ୍ୟାପି ରହିଛି । କାରଣ ନିଜ ଯୁବାବସ୍ଥାର ଅଧିକାଂଶ ସମୟ ଡାକ୍ତରୀ ଛାତ୍ର -ଛାତ୍ରୀଙ୍କର ବହି ଚାଷ ଓ ପରୀକ୍ଷା ଦେବାରେ ବିତିଯାଏ ; ଏଇ ଧରି ନିଅନ୍ତୁ ଦଶ-ବାର ବର୍ଷ ।

ପ୍ର : ଆଚ୍ଛା, କେଉଁ ବୟସ ଗୋଷ୍ଠୀରେ ଏହା ବିଶେଷଭାବେ ଦେଖାଯାଏ ?

ଉ : ଏହା ମୁଖ୍ୟତଃ ୧୩ ବା ୧୪ ବର୍ଷରୁ ଆରମ୍ଭ କରି ପ୍ରାୟତଃ ୨୫ ବା ୨୭ ବର୍ଷ ପର୍ଯ୍ୟନ୍ତ ଦେଖାଯାଏ । ତେବେ ୫ ବର୍ଷ ଆଗ ପଛ ହେବାର ଦୃଷ୍ଟାନ୍ତ ମଧ୍ୟ ରହିଛି । ଅତି ଅସାଧାରଣ ପରିସ୍ଥିତିରେ ଏହା ୪୦ ବର୍ଷ ପର୍ଯ୍ୟନ୍ତ ମଧ୍ୟ ବ୍ୟାପିବାର ଦେଖା ଯାଇଛି ।

ପ୍ର : ଏହା କେଉଁ ଜୀବାଣୁ ଦ୍ୱାରା ସଂକ୍ରମିତ ବା ଏହାର ଅନ୍ୟ କେଉଁ କାରଣ ରହିଛି କି ?

ଉ : ଏହାର ମୁଖ୍ୟ କାରଣ idiopathic; ମାନେ ଯାହାର କାରଣ ଜଣା ନ ଥାଏ । ତେବେ ଏଥିକି 'ହରମୋନାଲ ଥିଓରୀ' ବିଶେଷଭାବେ ଆଦୃତ ହୋଇଛି । କେହି କେହି 'ଲଭେରିଆ' ଭାଇରଲ ଥିଓରୀ ମଧ୍ୟ ଉପସ୍ଥାପନା କରିଛନ୍ତି , ତେବେ ଏ ଥିଓରୀ ଏ ଯାଏ ପ୍ରମାଣିତ ହୋଇ ପାରି ନାହିଁ । ଏଥିପାଇଁ ଅନେକ predisposing factors ମଧ୍ୟ

ରହିଛି । ଯେପରିକି ପୋଷାକ ପରିଚ୍ଛଦ , କେଶସଜ୍ଜା , କଲେଜରେ ଶିକ୍ଷାଗ୍ରହଣ , ପଇସାରେ ଟୁମ୍-ଟୁମ୍ କରୁଥିବା ବଟୁଆ , ଜ୍ୟୋତିଷବାଣୀ ଇତ୍ୟାଦି ....

ପ୍ର : ଆଚ୍ଛା , ଏ ଅଭିନବ ସିଣ୍ଡ୍ରୋମର sign, symptom ବିଷୟରେ ଟିକେ ଖୋଲି କରି କହିବେ କି ?

ଉ : ଏହା ସେହି ଯୁବାଗୋଷ୍ଠୀକୁ ଆକ୍ରମଣ କରିଥାଏ ଯେଉଁମାନେ ଏ ପର୍ଯ୍ୟନ୍ତ ନିଜର ଜୀବନସାଥୀ ଚୟନ କରିନାହାନ୍ତି ଅଥବା ଖୋଜୁ ଖୋଜୁ ନିରାଶ ହୋଇଛନ୍ତି । ଯଦିଓ ଏହା ସବୁ କଲେଜର ଯୁବାଗୋଷ୍ଠୀକୁ ଆକ୍ରମଣ କରେ , କେବଳ ଆମ ମେଡିକାଲ କଲେଜର ବିଭିନ୍ନ ଘଟଣାର ଉଦାହରଣ ଦେଇଦେଲେ ସିଣ୍ଡ୍ରୋମଟିକୁ ପ୍ରାଞ୍ଜଳଭାବେ ବୁଝିହେବ ।

ପ୍ରଥମ ବର୍ଷ ....ପ୍ରଥମେ ଚାଲନ୍ତୁ ଯିବା Dissection hall କୁ । ପ୍ରତ୍ୟେକ ଦିନ ୩ ଘଣ୍ଟା ତା ' ଭିତରେ ପୂରା ଶ୍ରେଣୀରୁ ଛାତ୍ରଛାତ୍ରୀ ଏକାଠି ପାଠ ପଢିବା ଦ୍ୱାରା ଏ ସିଣ୍ଡ୍ରୋମରେ ସଂକ୍ରମିତ ହେବାର ବହୁତ ସୁଯୋଗ ଥାଏ । ତେବେ ଛାତ୍ରୀମାନଙ୍କ ଘରଆଡୁ କଡା ତାଗିଦ ଥିବାରୁ ଓ ସେମାନଙ୍କ ସଂକୋଚ ବଳୟଯୋଗୁଁ ସେମାନେ ପ୍ରାୟତଃ ଏଥିରୁ ବଂଚିଯା'ନ୍ତି । ହେଲେ ଛାତ୍ରମାନେ କୌଣସି ଛାତ୍ରୀଙ୍କର ସ୍ୱାଭାବିକ ମିଳାମିଶାରେ , ହସରେ ସମ୍ମୋହିତ ହୋଇ ଭାବି ପକାନ୍ତି 'ଇଏ କି ' ? Practical hall ରେ ପରସ୍ପରର ସାହାଯ୍ୟ ପାଇ ଭାବି ପକାନ୍ତି ' ଇଏ କି ' ?

ତୃତୀୟ ବର୍ଷରେ ପଢ଼ାର ବୋଝ ପ୍ରାୟତଃ କମ ଥାଏ ପରୀକ୍ଷାହୀନତା ଯୋଗୁଁ । ସେତେବେଳେ ଛାତ୍ରୀମାନେ ସାଥି ଛାତ୍ର ମାନଙ୍କୁ ଜାଣିବା ସହ କିଛି ସିନିଅରଙ୍କୁ ମଧ୍ୟ ଜାଣି ଯାଇଥା'ନ୍ତି । ସେ ଆଉ ସିଣ୍ଡ୍ରୋମରୁ ଇମ୍ମ୍ୟୁନଡ୍ (immuned) , ମାନେ ବର୍ତ୍ତି ରହି ପାରନ୍ତିନି । କ୍ୟାଣ୍ଟିନରେ ଦୁଇ ହଳ ଆଖି ଲଗାତାର ୩-୪ ଦିନ ନୀରବରେ ମିଶିଗଲେ , ମନ ଆପେ ପଚାରି ବସେ 'ଇଏ କି' ?

ପାଥୋ ଟୁର (study tour) ରେ ମାସେ କାଳ ସାଥୀ ହୋଇ ଦକ୍ଷିଣ ଭାରତ ପରିଭ୍ରମଣ କଲାବେଳେ ମଝିରେ ମଝିରେ ଭାବି ବସନ୍ତି 'ଇଏ କି ' ?ଲାଇବ୍ରେରୀ ରେ ସଂଯୋଗବଶତଃ ୬ ଦିନ କୌଣସି ଅଜଣା ଛାତ୍ରଛାତ୍ରୀ ଆଗରେ ବସିଗଲେ ମନରେ ଜାଗି ଉଠେ 'ଇଏ କି' ?'ଇଏ କି' ସିଣ୍ଡ୍ରୋମର ବିଶେଷ ପ୍ରଭାବ ଦେଖାଯାଏ 'ଅଡିଟୋରିଅମ' ରେ । ଏକାଠି ମିଶି କୌଣସି କାର୍ଯ୍ୟକ୍ରମରେ ଭାଗ ନେଲେ ଯେଉଁଠାରେ ପ୍ରାୟତଃ ସିନିଅର ଛାତ୍ର ଓ ଜୁନିଅର ଛାତ୍ରୀ ଥା'ନ୍ତି ମନ ଆପେ ପଚାରି ବସେ 'ଇଏ କି ' ? ବିଭିନ୍ନ ୱାର୍ଡରେ ସିନିଅର ପି.ଜି. ଛାତ୍ର ଜଣଙ୍କୁ ଘେରି ଅନେକ ଛାତ୍ର- ଛାତ୍ରୀ ପାଠ ଶିଖୁଥିବା ବେଳେ କିଛି

ଛାତ୍ରୀଙ୍କ ମନ gangrenous (ସଡ଼ି ଯାଇଥିବା ଅଙ୍ଗ) ଗୋଡ଼ରୁ ଚାଲିଯାଏ ଇନ୍ଦ୍ରଧନୁଷୀ ଦୁନିଆକୁ ଆଉ ମନ ଚୁପି ଚୁପି କହେ 'ଇଏ କି ' ?

ଚତୁର୍ଥ ବର୍ଷର ପରୀକ୍ଷା ଋତୁରୁ ଆରମ୍ଭହୋଇ ପଞ୍ଚମ ଅର୍ଥାତ ଶେଷ ବର୍ଷ ସରିଲା ପର୍ଯ୍ୟନ୍ତ ଏ ସିଣ୍ଡ୍ରୋମ ପାଠବୋଝ ତଳେ ଚାପିହୋଇ ଫିକା ପଡ଼ିଯାଏ । ତା ' ପର ସମୟ-ଖଣ୍ଡରେ ଅର୍ଥାତ internship ସମୟରେ ଏହା ପୁନରାୟ ତୀବ୍ରତର ହୋଇ ଉଠେ । ଇତି ମଧ୍ୟରେ ଅନେକେ ମୁକ୍ତ ହୋଇ ସାରିଥା'ନ୍ତି ଏ ସିଣ୍ଡ୍ରୋମ କବଳରୁ ନିଜର 'ଇଏ' ମାନଙ୍କୁ ପ୍ରାପ୍ତ ହୋଇ । ଏହି ସମୟ ଖଣ୍ଡରେ ଏହା ତୀବ୍ରତମ ହୋଇଉଠେ ଜୀବନସାଥୀ ପ୍ରାପ୍ତ ହୋଇ ନ ଥିବା ଛାତ୍ରୀମାନଙ୍କ ଭିତରେ ବୟସର ଡାକରା ତଥା ଘରଆଡୁ ପଡୁଥିବା ଚାପଯୋଗୁଁ । ଅନେକ ଛାତ୍ର ମଧ୍ୟ ସନ୍ତୁଳି ହେଉଥାନ୍ତି, ତେବେ ସେମାନଙ୍କୁ ଦୃଷ୍ଟି ନିବଦ୍ଧ ଥାଏ ତଳ ୫ ବର୍ଷର ଛାତ୍ରୀମାନଙ୍କ ଉପରେ । ଅନେକ ଛାତ୍ର ହତା ବହିର୍ଭୁତ 'ଇଏ ' ମାନଙ୍କୁ ଗ୍ରହଣ କରି ସାରିଥା'ନ୍ତି । ଆଉ କେତେକ ଛାତ୍ର ମନଲାଖି ' ଇଏ ' ପ୍ରାପ୍ତି ପାଇଁ P.G. entrance preparation ରେ ପୂର୍ଣ୍ଣତଃ ମନୋନିବେଶ କରିଥା'ନ୍ତି । ସେମାନେ ଭବିଷ୍ୟତର ସୁନେଲି ସମ୍ଭାବନାରେ ହଜି ସାମୟିକ ଭାବେ ' ଇଏ କି ' ସିଣ୍ଡ୍ରୋମର ଜ୍ୱାଳାକୁ ଦମନ କରିଥା' ନ୍ତି ।

କିଛି କଳ୍ପନାବିଳାସୀ ଛାତ୍ରଛାତ୍ରୀଙ୍କ କଥା ପୁରା ନିଆରା । ସେମାନଙ୍କର କାହା ସହ ଝଗଡା ହୋଇଗଲେ କିଛି ସମୟ ଖଟରେ ପଡି ଶୋଇ ଶୋଇ ' ମିଲସ ଏଣ୍ଡ ବୁନ ' କଥା ମନେ ପକାଇ ଝଗଡା କରି ଆସିଥିବା ଛାତ୍ର/ଛାତ୍ରୀଙ୍କୁ ନିଜ'ଇଏ ' ବୋଲି ଭାବି ବସନ୍ତି । ସ୍ନାତକୋତ୍ତର ଛାତ୍ରମାନଙ୍କ ପାଇଁ O.T, labor room , ward, library ଆଦି 'ଇଏ' ପ୍ରାପ୍ତି ର ସାଧନାସ୍ଥଳୀ । ଏ ସିଣ୍ଡ୍ରୋମ କୁ ବହୁଗୁଣିତ କରିବାରେ ଉପର୍ଯ୍ୟୁକ୍ତ ଛାତ୍ରଛାତ୍ରୀମାନଙ୍କ ସାଥୀମାନେ ବିଶେଷ ସହାୟକ ହୁଅନ୍ତି । କିପରି ? ଛୋଟ ଛୋଟ ଘଟଣାକୁ ମିର୍ଚ ମସଲା ଲଗେଇ ଅନ୍ୟ ମାନଙ୍କ ଆଗରେ କହି , ତାକୁ rumour ବା gossip ରେ ପରିଣତ କରି କେତେବେଳେ ଦୁହିଁଙ୍କୁ ମିଶେଇ ଫୋଟୋ ଉଠେଇ ଇତ୍ୟାଦି ।

ପ୍ର : ଆପଣ ତ ପରିସ୍ଥିତି ବିଷୟରେ ଅନେକ କିଛି କହିଲେ । ଏବେ କିଛିଟା ଆଲୋକପାତ କରନ୍ତୁ pathological, physiological changes ବିଷୟରେ ।

ଉ : ଆସୁଛି ବାବୁ ,ଆସୁଛି, ସେଇଠିକି ଆସୁଛି । ଏମିତି ଅଧୈର୍ଯ୍ୟ ହେଲେ ହେବ ?

ହଁ 'ଇଏ କି ' ପ୍ରଶ୍ନ ମନରେ ଆବିର୍ଭୁତ ହେବାମାତ୍ରେ ଚାରିଆଡୁ ବାପାମା ' ଙ୍କ ତାଗିଦ, ସାଙ୍ଗ ମାନଙ୍କ ମନ୍ତବ୍ୟ, ଜ୍ୟୋତିଷବାଣୀ, ଅନେକ ହିସାବ କିତାବ ଏହିପରି ଅନେକ କଥା ସହନାୟକ, ଖଳନାୟକ ପରି ଅନୁପ୍ରବେଶ କରନ୍ତି । ଏମାନଙ୍କର ଅନୁପ୍ରବେଶରେ ପୀଡିତ

ହୋଇ ରୋଗୀ ଖଟରେ ପଡି ଏକଡ ସେକଡ ହୁଏ ସିନା, ନିଦ୍ରାଦେବୀଙ୍କର ଆଉ ଶ୍ରଦ୍ଧାଭାଜନ ହୋଇପାରେନି । ଛାଇ ଛାଇ ଅନେକ ସପ୍ନ ଦୁଃସ୍ୱପ୍ନ ଆଦି ଦେଖିବା ଆରମ୍ଭ କରିଦିଏ । ଅତି ବେଶୀ ଚିନ୍ତା କରି କରି fear of rejection ନାମକ ରୋଗରେ ପୀଡିତ ହୋଇ ବସେ । ସକାଳୁ ସକାଳୁ ମୁହଁ ଥମ ଥମ ଦେଖାଯାଏ । ଖାଇବା ଥାଳି ପାଖରେ ବସିବାକୁ ମନ ହୁଏନି । ପେଟଟା କେମିତି ଘାଣ୍ଟି ଚକଟି ହୋଇଯାଏ; ଏମିତି ହେଲେ ପୁଣି ତାକୁ ପ୍ରଜାପତି ପେଟ ଭିତରେ ଉଡି ବୁଲୁଛନ୍ତି ବୋଲି କୁହନ୍ତି, ମାନେ Butterflies in the belly। କ୍ଲାସରେ ପହଂଚିଗଲେ ମଧ୍ୟ ଲେକଚରରୁ ମନଟା ଓହରି ଆସି ଭିନ୍ନ ଭିନ୍ନ ରାଜ୍ୟରେ ବିଚରଣ କରୁଥାଏ । ଶିକ୍ଷକ ବା ଶିକ୍ଷୟତ୍ରୀଙ୍କ କଟୁଦୃଷ୍ଟିରେ ଏ ସମୟରେ ପଡିଲେ କଥା ଶେଷ । ପାଠ ବହି ଉପରେ ଅନେକ ଦୃଶ୍ୟ ଆସି ମିଳେଇ ଯାଏ । ଗୋଟିଏ ପୃଷ୍ଠାକୁ ୩-୪ ଥର ପଢ଼ିଲାପରେ ମଧ୍ୟ କିଛି ବୁଝା ପଡ଼େନି । କେହି ଅନ୍ୟମନସ୍କତାରେ କାରଣ ପଚାରୁ ନ ପଚାରୁ ଛାତ୍ର/ଛାତ୍ରୀ ଧରା ପଡିଯିବାର ଭୟରେ କାତର ଥା'ନ୍ତି । ସେମାନଙ୍କୁ ମନେହୁଏ ସତେ ଯେମିତି ସମସ୍ତେ ସମାନଙ୍କର ମନର CT scan କରିନେବାକୁ ଚାହିଁ ବସିଛନ୍ତି । ଆଉ ଏମିତି ଅବସ୍ଥାରେ ମନ ଆପେ ଆପେ ପଚାରିବସେ 'ଇଏ କି ' ?

ଆଉ ଏମିତି ଅବସ୍ଥାରେ ଯଦି ନିଜର କଳ୍ପିତ 'ଇଏ'ଙ୍କ ସହ ଭେଟ ହୋଇଗଲା, ତେବେ ହଠାତ ହୃଦୟ ସ୍ପନ୍ଦନ ମିନିଟ୍ ପ୍ରତି ୨୦୦ ବେଗ ହୋଇଯାଏ। ମନେ ହୁଏ ସତେ ଯେମିତି ଆଖପାଖ ଲୋକେ ମଧ୍ୟ ସ୍ପନ୍ଦନକୁ ଶୁଣି ପାରୁଛନ୍ତି । Adrenalin rush ର ପ୍ରଭାବରେ ଥରେ ଦେହ ଝୋଲା ମାରି ନେଉଥିବ ତ ଥରେ ଗଳଦଘର୍ମ ହୋଇଯାଉଥିବା । ଶରୀର ଉତ୍ତାପ ହଠାତ ୧୦୫° F ହୋଇଗଲାପରି ମନେହେଉଥିବ । ଆଣ୍ଠୁଠାରୁ ତଳକୁ କମଜୋର ଲାଗି କାନୁକୁ ଢିରାଦେଇ ଠିଆ ହେବା ଦରକାର ପଡୁଥିବ । ଆବଶ୍ୟକତାଠାରୁ ଅଧିକ ହସି ଦେଉଥିବ ... ।

ଯଦି ଛାତ୍ରୀ ହୋଇଥାନ୍ତି, ତେବେ ନିଜର ସବୁଠାରୁ ଭଲ ପୋଷାକ ରେ ଆବୃତ ହେବା ଆରମ୍ଭ କରି ଦିଅନ୍ତି । ପରମିଙ୍ଗ (Purming), ଟ୍ରିମିଙ୍ଗ (trimming), କର୍ଲିଙ୍ଗ (curling), ଥ୍ରେଡିଙ୍ଗ (threading) ଏସବୁର ମହତ୍ତ୍ୱ ବହୁତ ବଢିଯାଏ ତାଙ୍କ ଜୀବନରେ ।

ଛାତ୍ରଟିଏ ହୋଇଥିଲେ ନିଜର ସବୁ ଚଗଲାମି ଛାଡି ନିଜକୁ ଖୁବ ପରିପକ୍ୱ ଦେଖାଇବାକୁ ଚେଷ୍ଟା କରନ୍ତି। ଅବଶ୍ୟ ଏ ସିଣ୍ଡ୍ରୋମ ପ୍ରଭାବରେ ଛାତ୍ରମାନେ ବିଭିନ୍ନ ପାଗଳାମି କରିବାର ନଜିର ମଧ୍ୟ ରହିଛି। ନିଜର 'ଇଏ'ଙ୍କର ଛୋଟରୁ ଛୋଟତମ ଇଚ୍ଛାକୁ ପୂରଣ କରିବାକୁ ଆଗେଇ ଆସନ୍ତି। ମଝିରେ ମଝିରେ ମଉକା ଦେଖି ଉପହାର ଆଦାନ ପ୍ରଦାନ ତଥା ଫାଷ୍ଟ ଫୁଡ (fast-food) ଆପ୍ୟାୟନ ମଧ୍ୟ ଚାଲେ।

ସ୍ନାତକୋତ୍ତର (P.G) ଛାତ୍ର ହୋଇଥିଲେ ନିଜର 'ଇଏ'ଙ୍କର ପାଠଜନିତ କଷ୍ଟ ଦୂର କରିବା ତଥା ବିଭିନ୍ନ ଉପଦେଶ ଦେବାରେ ସମୟ ବ୍ୟୟ କରନ୍ତି। ନିଜର 'ଇଏ'ମାନଙ୍କୁ ପ୍ରାପ୍ତ ହେବାରେ ମଧସ୍ଥିମାନଙ୍କର ଯେ ପ୍ରଚଣ୍ଡ ଭୂମିକା ରହିଛି, ଏହା ଭୁଲିଗଲେ ଚଳିବନି ।

ପ୍ର : ନିଦାନ ବିଷୟରେ ତ କହିଲେ , ନିରାକରଣ ବିଷୟରେ କିଛି ତଥ୍ୟ ଦିଅନ୍ତୁ !

ଉ :ଆରମ୍ଭ ଆଉ ଶେଷ ଆମ ହାତରେ ନ ଥାଏ । ତେବେ 'ଇଏ କି' ସିଣ୍ଡ୍ରୋମର ସମାଧାନ ୨ ପ୍ରକାରେ ହୋଇଥାଏ...

୧) ଆସ୍ତିବାଚକ

୨) ନାସ୍ତିବାଚକ

ଏ ଦୁଇ ପ୍ରକାର ସମାଧାନକୁ ନେଇ ଗଠିତ ହୁଏ 'ପୋଷ୍ଟ- ଇଏ - କି ' ସିଣ୍ଡ୍ରୋମ ... ତେବେ ଏ ବିଷୟରେ ଆଉ କେବେ ।

□

ମାରାଥନର ଶେଷ କିଲୋମିଟର

ଆଉ ଭଲ ଲାଗୁନି ନା !

ଗତ ବର୍ଷ ଲକଡାଉନରେ କେତେ ଭିଡିଓ ବନେଇକି ଛାଡିଲେ । କେତେ ପ୍ରକାରର ରାନ୍ଧଣାର ଫଟୋ ଉଠାଇ ପକାଇଲେ । ପରିବାର ସହ ମିଶି ରାମାୟଣ ମହାଭାରତ ଦେଖିଲେ - ତାଳି ମାରିଲେ, ଥାଳି ବଜେଇଲେ , "ଗୋ କରୋନା ଗୋ" ଚିତ୍କାର କଲେ , ଶଙ୍ଖ ଫୁଙ୍କିଲେ । କୋଭିଡ warrior ମାନଙ୍କୁ ସମ୍ମାନିତ କଲେ ଆକାଶମାର୍ଗରୁ ପୁଷ୍ପବର୍ଷା କରି ।

ହେଲେ ଏ ବର୍ଷ ଆଉ ସେ ସବୁ କରିବାକୁ ମନ ଡାକୁ ନାହିଁ କାହିଁକି ? ଆମ ଦେଶର ନେତା ବି ଆଜି ଚୁପ ।

କଣ ସତରେ ପ୍ରଳୟ ଆସିଗଲା ?

ଆମେ ସବୁ କରୋନାର କରାଳ ଗତିରେ କବଳିତ ହୋଇଗଲେ କି ? ସତରେ ଆଉ କେହି ରହିବାନି ? କେଜାଣି ମୋ ବାପା ମା' ଙ୍କୁ ହରାଇବି କି ? ଏଥର କଣ ଯୁବବର୍ଗ ବି ଅନେକ ଯାଉଛନ୍ତି ? ମୁଁ ସେଥିରେ ପଡି ଯିବିନି ତ ?

.....

କେବେ ସାଇକେଲରେ ନିଜର କିଛି କି.ମି. ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି ? କେବେ ମାରାଥନ ଦୌଡ଼ିଛନ୍ତି ? ଏଠି ଆଗପଛ ଅପେକ୍ଷା ନିଜ ଲକ୍ଷ୍ୟସ୍ଥଳରେ ପହଂଚିବା ହିଁ ମୁଖ୍ୟ ଲକ୍ଷ୍ୟ । ଯଦି କେବେ ଯଦି ମର୍ଣ୍ଣିଙ୍ଗ ୱାକରେ ବି ଦୂରକୁ ପଳେଇଛନ୍ତି ମନେ ପକାନ୍ତୁ , କେମିତି ଲାଗେ ନିଜର ଆରମ୍ଭ ସ୍ଥଳରେ ଆସି ପହଞ୍ଚିଲା ବେଳକୁ ?

୫ କି.ମି. ଧାର୍ଯ୍ୟ କରିଥିଲେ ଯେମିତି ଲାଗେ , ୧୦ କି. ମି. ଧାର୍ଯ୍ୟ କରିଥିଲେ ମଧ୍ୟ ସେମିତି ଲାଗେ । ଶେଷ ୫ - ୧୦ ମିନିଟ ବେଳକୁ ଲାଗେ, ନାଃ.... ଆଉ ନୁହେଁ । ଆଉ ପାରିବିନି । ବାସ୍ ବହୁତ ହୋଇଗଲା ।

ଫାଇସଲାଟା ଆପଣଙ୍କର - ରେସରେ ରହିବେ ନା ସେଇଠେ ଥକାମାରି ଶେଷ ନିଃଶ୍ୱାସ ତ୍ୟାଗ କରିବେ ; ନା , ଅଳ୍ପ ଦମ ନେଇ ପୁଣି ଉଠି ଦୌଡ଼ିବେ , ଚାଲିବେ ଅବା ସାଇକେଲ ପେଡାଲ ମାରିବେ ।

He couldn't win because he couldn't last for the last five minutes.

.....

ଆମେ ମାରାଥନର ଶେଷ କି.ମି. ଦୌଡରେ । ଆଉ ଟିକିଏ ଧୈର୍ଯ୍ୟ ଧରନ୍ତୁ । ନିଜକୁ ବ୍ୟସ୍ତ କିମ୍ବା ମାତ୍ରାଧିକ ବ୍ୟସ୍ତ ରଖନ୍ତୁ । video ବନାନ୍ତୁ , ଗୀତ ବୋଲନ୍ତୁ , କଲମ ଚଳାନ୍ତୁ , ପୂଜାଘରେ ସାଧନା କରନ୍ତୁ । କିନ୍ତୁ ନକରାତ୍ମକ ଶକ୍ତି ଠାରୁ ଦୁରେଇ ରୁହନ୍ତୁ ।

ନକରାତ୍ମକ - ନ୍ୟୁଜ୍ ଚ୍ୟାନେଲ୍ଗୁ ଦୁରେଇ ରୁହନ୍ତୁ ।

ଅମ୍ଳଜାନ (Oxygen) ଅଭାବରେ ଜଣେ ରୋଗୀ ମରିବା ଦୃଶ୍ୟକୁ ୧୦୦ ଥର ଘୋରି ଦେବେ ସମାଚାର ଚ୍ୟାନେଲ ସବୁ । ଆପଣଙ୍କ ଭୟ ମଧ୍ୟ ୧୦୦ ଗୁଣରେ ବଢି ଚାଲିବ । କିନ୍ତୁ ସେମାନେ ଦେଖେଇବେନି କେତେ ରୋଗୀ ଭଲ ହୋଇ ଘରକୁ ଫେରିଲେ । କେତେ ଲିଟର ଅମ୍ଳଜାନ ସାଙ୍ଗେ ସାଙ୍ଗେ ଆସିଲା । କାରଣ ଏଠି ଖାଲି ଖରାପ ହେଲେ ହିଁ ଖବର ।

ଧରି ନିଅନ୍ତୁ, ମୁଁ ଆପଣଙ୍କୁ ପ୍ରତିଦିନ କ୍ୟାନ୍ସର ଜନିତ ମୃତ୍ୟୁ ଓ କେତେ ଜଣଙ୍କୁ କ୍ୟାନ୍ସର ହେଲା (cancer positivity) ରେଟ ଗଣେଇବି, ଆପଣ ଏଇ ଅଳ୍ପ ଦିନ ଭିତରେ ମୁଣ୍ଡ ବିନ୍ଧା ହେଉ , ବଥା ହେଉ , ପେଟକଟା ହେଉ-- ଆପଣଙ୍କୁ କ୍ୟାନ୍ସର ହେଲା ବୋଲି ଭାବିବେ ।

ଯଦି ପ୍ରତ୍ୟେକ ଦିନ ମୁଁ ସଡକ ଦୁର୍ଘଟଣାର ଖବର ଓ ମୃତ୍ୟୁହାର ଦେବି, ଆପଣ

ଗାଡି ଚଳାଇବାକୁ ଡରିବେ । ଚଳେଇଲେ ବି ଦିନରେ ଦୁଇଥର ଝୁଣ୍ଟି ହେବେ । ସତକୁ ସତ ଛୋଟ ମୋଟ ଦୁର୍ଘଟଣା କରିଦେବେ ।

ନା ଆପଣ ସ୍ୱାସ୍ଥ୍ୟ ମନ୍ତ୍ରୀ, ନା ଆପଣ ପ୍ରଧାନମନ୍ତ୍ରୀ ନା ଆପଣ ମୁଖ୍ୟମନ୍ତ୍ରୀ; ଆପଣ ନୀତି ନିର୍ଦ୍ଧାରକ ନୁହନ୍ତି କିମ୍ବା ଡାକ୍ତର ମଧ୍ୟ ନୁହନ୍ତି ।

ଆପଣ କେବଳ ଏତିକି କରି ପାରିବେ

୧) ଦିନକୁ ଥରେ କେବଳ ମୁଖ୍ୟ ଖବର ପଢନ୍ତୁ ।

୨) ନିଜର ଅବକାଶ କାର୍ଯ୍ୟକଳାପ (hobbies) ବିକାଶ କରନ୍ତୁ ।

୩) ଦିନରେ ଅନ୍ତତଃ ଗୋଟିଏ ଲୋକ କଲ୍ୟାଣକର କାର୍ଯ୍ୟ କରନ୍ତୁ , ଯାହା ନିଜ ପରିବାର ପାଇଁ ଉଦ୍ଦିଷ୍ଟ ହୋଇ ନଥିବ ।

୪) ଦିନରେ ୩ ଜଣଙ୍କୁ ହସାନ୍ତୁ ।

୫) ସର୍ବଦା ମାନସିକ ସ୍ତରରେ ଜାଗ୍ରତ ରହନ୍ତୁ (mindful) ଓ ମାସ୍କ ବ୍ୟବହାର କରନ୍ତୁ । ଅନାବଶ୍ୟକ ସ୍ଥଳେ ମାସ୍କ ବ୍ୟବହାର ବା ଅତିଶୟ ଶୌଚ ଅଭ୍ୟାସ କରନ୍ତୁ ନାହିଁ । ଯେମିତି କିଛି ଲୋକ ୨ - ୨ ମିନଟ ରେ ହାତ ସାନିଟାଇଜ଼ କରୁଛନ୍ତି । ଅତ୍ୟଧିକ ବ୍ୟବହାର କରି କରି ଲୋକେ ଥକି ପଡୁଛନ୍ତି, ଯାହାକୁ ଆମେ 'କୋଭିଡ ଫ୍ୟାଟିଗ' (COVID fatigue) କହୁ । ଏପରି ଜଗିରଖି ମାସ୍କ ଓ ସାନିଟାଇଜର ବ୍ୟବହାର କଲେ, ପ୍ରକୃତରେ ଯେତେବେଳେ ଏ ସବୁର ଆବଶ୍ୟକତା ରହିବ ଆପଣ Covid fatigue ରେ ପଡିବେନି ।

୬) Covid vaccine ଆପଣଙ୍କର ରକ୍ଷା କବଚ କେବେଠାରୁ ହେବ, ଜଣା ନାହିଁ; ତେଣୁ vaccine ନ ନେଇ ଥିଲା ବେଳେ ଯେପରି ଜାଗ୍ରତରେ ଚଳୁଥିଲେ, ସେହିପରି ଚଳନ୍ତୁ ।

୭) ସନ୍ତୁଳିତ ଖାଦ୍ୟ ଖା'ନ୍ତୁ । Lockdown ବେଳେ ଛୁଟିର ସଦୁପଯୋଗ କରି ନାନାବିଧ ସୁଖାଦ୍ୟ ନ ଖାଇ, ଏକ ସୁଷମ ଖାଦ୍ୟ ଖା'ନ୍ତୁ । ଯଥେଷ୍ଟ ପରିମାଣରେ ପ୍ରାଣାୟାମ ଓ ବ୍ୟାୟାମ କରନ୍ତୁ ।

"It is the darkest before the dawn"- (The Mother)

ଆମେ ସମସ୍ତେ ଉଦିତ ସୂର୍ଯ୍ୟର ଆବାହନୀକୁ ଅନେଇ ବସିଛେ । ବ୍ୟସ୍ତ ହୁଅନ୍ତୁ ନାହିଁ, ପ୍ରଳୟ ଆସୁନି ...ବରଂ ଆମେ ଏବେ ଉତ୍ତରଣ ଦ୍ୱାପର ଯୁଗରେ ।

ସର୍ବେ ଭବନ୍ତୁ ସୁଖିନଃ , ସର୍ବେ ସନ୍ତୁ ନିରାମୟାଃ । ଜୟ ଜଗନ୍ନାଥ ।।

□

ମୋ ଈଶ୍ୱରଙ୍କ ସଂଖ୍ୟା ଏକ

ଯଦି ଏ ଶୀର୍ଷକ ଦେଖି ଭାବୁଥିବେ ଯେ , ମୁଁ କୌଣସି ଆଧ୍ୟାତ୍ମିକ ଚର୍ଚ୍ଚା କରିବାକୁ ଯାଉଛି, ତେବେ ନିରାଶ ହୋଇ ପାରନ୍ତି । ଆପଣ ଯଦି ମୋତେ ତତ୍ତ୍ୱଦର୍ଶୀ ଭାବୁଥାନ୍ତି, ତେବେ କ୍ଷମା କରିବେ । ମୁଁ ଦ୍ୱୈତବାଦ- ଅଦ୍ୱୈତବାଦ ଉପରେ ତର୍କ କଲା ପରି ଏ ଯାଏଁ ଜ୍ଞାନାର୍ଜନ କରିନାହିଁ ।

ମୁଁ ନିହାତି ମାମୁଲି ସ୍ତ୍ରୀ ଲୋକଟିଏ-- ଯିଏ ଦିନ ଭିତରେ ସ୍ତ୍ରୀ , ମା' , ସଖୀ, ଭଉଣୀ , ବୋହୂ , ଝିଅ , ଶିକ୍ଷୟତ୍ରୀ , ଡାକ୍ତରାଣୀ ଇତ୍ୟାଦି ଅନେକ ରୂପରେ ନିଜକୁ ସଜେଇ ଦିନ ପରେ ଦିନ , ବର୍ଷ ପରେ ବର୍ଷ ଗଡେଇ ଚାଲିଛି ।

ମୂଳରୁ ଗୋଟିଏ କଥା କହି ରଖିବି । ମୁଁ ପ୍ରଚଣ୍ଡ ଭଗବତ ବିଶ୍ୱାସୀ । ମୁଁ ଭଗବାନଙ୍କୁ ପ୍ରାଣଭରି ଭଲପାଏ, ଭୟ କରେନି । ସେ ମୋର ସଖା, ଗୁରୁ , ମୋର ନିବିଡ଼ତମ । ତର୍କ ଜ୍ଞାନୀମାନେ ଯଦି ମୋ ସାଙ୍ଗେ ଯୁକ୍ତିତର୍କ କରିବାକୁ ଇଚ୍ଛା କରୁଥିବେ , ମୁଁ ସେ ତର୍କରୁ ବହୁ ଦୂରରେ ଆଜ୍ଞା !

ମୋ ପିଲାଦିନକୁ ଟିକେ ନେବି ଆଜ୍ଞା । ବୋଉ ଆମକୁ ପିଲାଦିନୁ ପ୍ରାୟତଃ ସବୁ ପ୍ରକାର ବିଦ୍ୟାକୁ ଉନ୍ମୁଖ କରାଇ ଦେଇଥିଲେ । ସେଇଥିରୁ ପୂଜାବିଧିର କର୍ମକାଣ୍ଡ ଗୋଟିଏ । ତେବେ ପଢାପଢିର ଚାପରେ ଯଦି ଆମେ ପୂଜାବିଧିରେ କେବେ କେମିତି ସାହାଯ୍ୟ ନ କରିପାରୁ, ତେବେ ସେ କାମଟା ନନାଙ୍କ ଉପରେ ପଡେ । ତେବେ ନନା ଶୁଦ୍ଧ ମନ୍ତ୍ରୋଚ୍ଚାରଣରେ ଦକ୍ଷ , ବିଧିବଦ୍ଧ କର୍ମକାଣ୍ଡ ମଧ୍ୟ ଜାଣନ୍ତି --ହେଲେ ପୂଜା ଉପଚାର ପାଇଁ ବୋଉଙ୍କ ଉପସ୍ଥିତି ନିହାତି ଲୋଡ଼ା । ତେଣୁ ଯେଉଁ ଦିନମାନଙ୍କରେ ବୋଉ ରୋଷେଇଘରୁ ଥାଇ କଡେଇ ଟୁଣା ଟାଣ ଭିତରେ ନନାଙ୍କୁ ବତାଉଥିବେ ଚନ୍ଦନ, କର୍ପୂର ଆଦି କେଉଁଠି ଅଛି , କେଉଁ ଠାକୁର ଠାକୁରାଣୀଙ୍କୁ କେଉଁ ଫୁଲ ଦିଆ ହେବ .... ନନାଙ୍କ ରାଗ ଦେଖେ କିଏ ?

ମନ୍ତ୍ରୋଚ୍ଚାରଣ ମଝିରେ ବୋଉଙ୍କ ପ୍ରତି କଟୁଶବ୍ଦ ନିକ୍ଷେପ ହେଉଥିବ । ହଇହୋ ଠାକୁରଙ୍କ ସଂଖ୍ୟା କଣ ବଢ଼ାଇ ଚାଲିଛ , ଦୁର୍ଗା ତ ରହିଲେ, ସେଥିରେ ସମଲେଶ୍ୱରୀ , ତାରିଣୀ , କଟକଚଣ୍ଡୀ ପୁଣି କଣ ?

ବୋଉ ତର୍କର ଉତ୍ତର ନ ଦେଇ ସେସବୁକୁ ଫୁତ୍କାରରେ ଉଡେଇ ଦେଇ ପୂଜାବିଧିରେ ଟିକେ ଡ଼ିସକାଉଣ୍ଟ (ଛାଡ଼)ଦେଇ ଦିଅନ୍ତି । କୁହନ୍ତି, "ହଉ ହଉ, ଠାକୁରଙ୍କୁ ଗୋଟି ଗୋଟି କରି ନ ପୋଛି, ଆଜି ପାଣି ଛିଞ୍ଚି ଦିଅ । କଳସ ପାଣିଟା ମୁଁ କାଲି ଆଡକୁ ବଦଳାଇବି ।"

ନନା ଗୁରୁ ଗୁରୁ ହୋଇ ପୂଜା ସାରି ମନ୍ତ୍ରସବୁ ପୁଣି ଆମ୍ଳଚୁଳ ବୋଲି ବୋଲି ଜଳଖିଆ ଖାଇ କଲେଜ ବାହାରିଯା'ନ୍ତି । ଉଭୟେ ଜାଣନ୍ତି ଏ ଯୁକ୍ତିତର୍କର ଅନ୍ତ ନାହିଁ । ବାସ୍ ଏମିତି ଚାଲିବ ।

ବାହାହୋଇ ନିଜ ଅବଚେତନ ମନରେ ଏହି ସବୁ ପୂଜାବିଧିର ସଂସ୍କାର ଗଂଠେଇ ଯେତେବେଳେ ନିଜ ପରିବାର ଗଢ଼ିଲୁ , ଆଗ ଠାକୁର ପୂଜା ତ ନିଧାର୍ଯ୍ୟ । ତେବେ ମୁଁ ୨- ୩ ଟି ଫଟୋରୁ ମୋ ପୂଜାଘର ଆରମ୍ଭ କରିଥିଲି । ବଡ ଆଶ୍ଚର୍ଯ୍ୟଜନକ ଭାବେ ପୂଜାବିଧିରେ ବିରାଗୀ ମୋ ସ୍ୱାମୀ କିନ୍ତୁ ଠାକୁର ଠାକୁରାଣୀଙ୍କ ଜନସଂଖ୍ୟା (ଓଃ ସେମାନେ ଜନ ଯେ ନୁହନ୍ତି !) ବଢ଼େଇ ଚାଲିଲେ । ତେବେ ଆମ ପରିବାର କଥା ଅଲଗା । ଫୁଲତୋଳାରୁ ଆରମ୍ଭ କରି ଠାକୁରଙ୍କ ଗାଧୁଆ , ବେଶ ପରିପାଟୀ, ପ୍ରସାଦ , ମନ୍ତ୍ରପାଠ , କର୍ମକାଣ୍ଡ ମୋ ଭାଗରେ ପଡିଲା । ତା' ଉପରକୁ ପରିବାର , ରୋଷେଇର ଦାୟିତ୍ୱ ଓ ନିଜ ଚାକିରୀ ଭାର ।

ସକାଳଟା ବଡ ଆକ୍ତା ମାକ୍ତା ଲାଗିଲା ଧୀରେ ଧୀରେ। ମନ୍ତ୍ରୋଚ୍ଚାରଣ ସବୁକୁ ନିତ୍ୟକର୍ମ ସାଙ୍ଗେ ଫେଣ୍ଟି ଦେଲି । ମନ୍ତ୍ରର ତାଳେ ତାଳେ ନିତ୍ୟକର୍ମ , ଜଳଖିଆ ଉପଚାର ଆଦି ବି ଚାଲିଥିବ । ସ୍କୁଲ ବ୍ୟାଗ ସଜଡାରୁ ଆରମ୍ଭ କରି ଜୋତା ପିନ୍ଧେଇ, ବସରେ ଛୁଆଙ୍କୁ

ଲଦିଦେଇ ମହାମୃତ୍ୟୁଞ୍ଜୟ ମନ୍ତ୍ରଟିଏ ମନେ ମନେ ବୋଲି ମାନସ ନମସ୍କାର ହୋଇ ପୂଜା କରିବାକୁ ବାହାରେ ।

ଆମ ପିଲାବେଳେ ଦେଖିଛୁ , ଆମ ଘୁମନ୍ତ ଛୋଟିଆ ସହରରେ ସବୁ ସକାଳ, ସବୁ ସନ୍ଧ୍ୟା ପ୍ରାୟତଃ ଏକା ପରି କାହାଣୀ ଧରି ଆସିଥାଏ ଆମ ପାଇଁ । ଆମେ ସେ ଜୀବନରେ ବେଶ ଅଭ୍ୟସ୍ତ ଥିଲୁ । ହେଲେ ଆଜି ନିଜେ ଘର ସଂସାର କଲା ବେଳକୁ ପ୍ରତିଦିନ, ଜୀବନ ନୂଆ କାହାଣୀ ଧରି ଆସେ । ଯଦି ଭାବୁଥିବ ଆଜି ଦିନଟା ଆରାମରେ ଯିବ , ସେଇ ଦିନ ହିଁ ଅଧିକ ରୁ ଅଧିକ କାମ । ମନେ ପଡେ ପିଲାଦିନେ ଶୁଣିଥିବା ବୁଢ଼ୀ ଅସୁରୁଣୀ କଥା - ରାଜକୁମାରୀଙ୍କୁ ଯଦି କହିଥିବ ୭ ଦିନ ପରେ ଆସିବ , ସେଇ ଦିନ ହିଁ ସେ ସନ୍ଧ୍ୟାରେ ଫେରି ଆସିବ ଆଉ ଯଦି ସନ୍ଧ୍ୟାରେ ଫେରିବ ବୋଲି କହିଥିବ , ସେଥର ୭ ଦିନ ପରେ ଫେରିବ ।

ଏବେ ଏତେ ଠାକୁର ଠାକୁରାଣୀଙ୍କୁ ସମ୍ଭାଳିବି କେମିତି ? ନିଜେ ଗାଧୋଇଲି ପାଧୋଇଲି, ବେଶ ପରିପାଟୀ ହେଲି...ଅଥଚ ଠାକୁରଙ୍କୁ କ'ଣ ପାଣି, ଚନ୍ଦନ ଛିଞ୍ଚାରେ କାମ ଚଳେଇ ଦେବି ? ନା...ଏଥର ହାତ "ଉତ୍କଳ ଏକ୍ସପ୍ରେସ" ରୁ "ରାଜଧାନୀ ଏକ୍ସପ୍ରେସ" ଗତିକୁ ଉନ୍ନୀତ ହେଲା ।

ଆହାଃ ! ମୋତେ ଭୋକ ଲାଗୁଛି । ଠାକୁରଙ୍କୁ ବି ତ ଲାଗିବଣି ! "ହଉ ଠାକୁରେ, ତୁମକୁ କଦଳୀଟେ ଭୋଗ ଲଗେଇ ଦେଉଛି । ତୁମେ ତ ସୁକ୍ଷ୍ମ ଅଂଶରେ ଗ୍ରହଣ କରିବ । ଦେଖ, କହି ଦେଉଛି, ଚିମୁଟିକି ଯେଉଁ ଚଣ୍ଡ ବଢ଼ାଯାଏ ଆଉ ପରେ ପ୍ରସାଦ ବଣ୍ଟାଯାଏ ମୋତେ ଭାରି ଅସନା ଲାଗେ । ତୁମେ ତୁମ ଉପଦେବତା ଉପଦେବତୀଙ୍କ ଭିତରେ ବି ଟିକେ ଟିକେ ବାଣ୍ଟିଦେବ । ମୁଁ ଆସୁଛି, ଶୀଘ୍ର ଖାଅ । ସେମିତି ଗୋଟାପଣେ ଭୋଗ ଉଠେଇକି ନେବି ।"

ଭଗବାନ ବି ମୋ ଗତି ସହ ତାଳଦେଇ ଖାଇ ଦେଉଥିବେ ପରା ! ନହେଲେ ଯଦି ଅଳସେଇଲେ , ତଡ଼ିତ ବେଗରେ ତାଙ୍କ ସମ୍ମୁଖରୁ ପ୍ରସାଦ ଥାଳି ଯେ ଉଠିଯିବ !

ଯଦି ମା' କି ଶାଶୁ ଆସି କେହି ମୋ ଠାକୁରଙ୍କ ଆସ୍ଥାନ ଏପଟ ସେପଟ କଲେ, ମୁଁ ବଡ ଅଶ୍ୱସ୍ତିକର ମନେକରେ । ଠାକୁରମାନେ ସବୁ ନିଜ ସମ୍ପର୍କୀୟଙ୍କ ଅନୁସାରେ ସଜା ହୋଇଥା'ନ୍ତି । ଅଗ୍ରପୂଜ୍ୟ ଗଣେଶ । ହଉ, ପୁଅକୁ ତ ମିଳିଛି ସୌଭାଗ୍ୟ, ହେଲେ ଶିବ, ପାର୍ବତୀ ଯାହାହେଲେ ବି ବାପା ମା' ନା । ତାଙ୍କୁ ଦ୍ୱିତୀୟରେ, ତାଙ୍କୁ ଲଗେଇକି ଦୁର୍ଗାମାଧବଙ୍କ ଫଟୋ , ବାହାଘର ବେଦିରେ ପୂଜା ହୋଇଥିଲେ, ସେଇଦିନଠୁ ଆମ ସାଙ୍ଗରେ ଅଛନ୍ତି ।

ଯଦି କେବେ ଲାଲ ମନ୍ଦାର ଫୁଲ ଅଭାବ ପଡିଲା , ତେବେ ପାର୍ବତୀ ଆଉ ଦୁର୍ଗାଙ୍କୁ ମିଶେଇକି ଗୋଟିଏ ଫୁଲରେ ସନ୍ତୁଷ୍ଟ କରିବାକୁ ପଡେ । ବୁଝେଇ ଦିଏ – "ଟିକିଏ ଚଳେଇ ଦିଅ ମା' ମାନେ ଆଜି" ।

ତା' ପାଖକୁ ଆସିଲେ ତ୍ରିନାଥ । ଫୁଲ ଅଭାବ ପଡନ୍ତେ ଗୋଟିଏ ଫୁଲ - ଆଉ ଯଦି କେବେ ଅଧିକ ମିଳିଗଲା ମନ ପସନ୍ଦର ଫୁଲ ଯେଝା ଯେଝାଙ୍କୁ ।

ମଝିରେ ଆଣି ବସେଇଦେଲୁ ଜଗନ୍ନାଥ , ବଳଭଦ୍ର ଓ ସୁଭଦ୍ରାଙ୍କୁ । ଏ ମୂର୍ତ୍ତି ଦେଖିଦେଲେ, ମନ ପବନ କଠଉରେ ଏକ ଝଟକାରେ ଯାଇ ପୁରୀ ଶ୍ରୀମନ୍ଦିର ଦ୍ୱାର ମୁହଁରେ ଠିଆ ହୋଇଯାଉ । ଚାକିରୀ ସଂକ୍ରାନ୍ତରେ ସୁଦୂର ପୁଦୁଚେରୀରେ ରହିଥିବା ବେଳେ ଏ ମୂର୍ତ୍ତି ଯେମିତି ଓଡିଶା ସହ ଆମର ଏକମାତ୍ର ଡୋର । ଆଖିକୁ ଲୁହ ଟିକିଏ ବେଳେ ବେଳେ ଜକେଇ ଆସେ । କେ' ଜାଣେ କେବେ ପୁଣି ଡୋର ଲାଗିବ , କାଳିଆ ଆମକୁ ଡାକିବ ।

ଆହାଃ! ବିଚାରୀ ଲକ୍ଷ୍ମୀ ! ହଉ ମା' ତୁମେ ଜଗନ୍ନାଥଙ୍କ ବାଁ ପଟେ ବସ ।

ଧୀରେ ଧୀରେ କୃଷ୍ଣଙ୍କ ବାଳଗୋପାଳ ଫୋଟୋଟିଏ , ରାଧା କୃଷ୍ଣ ମୂର୍ତ୍ତିଟିଏ ଓ ପୁତ୍ର ସନ୍ତାନ ହେଉ ବୋଲି ସଦିଚ୍ଛାରେ ନଣନ୍ଦ ଦେଇଥିବା ଗୁରୁଣ୍ଡୁ ଗୋପାଳ , ତାମିଲନାଡୁରେ ରହି ଶନିଶ୍ୱର, ଆୟାପ୍ପା ଠାକୁର , ତିରୁପତି ବୁଲିବାକୁ ଯାଇ ତିରୁପତି ....ଏମିତି ଏମିତି ଚାହୁଁ ଚାହୁଁ ଦୁଇ ଥାକ ଠାକୁର ଠାକୁରାଣୀ ବିରାଜମାନ ହେଲେ ।

ଶଶୁରଙ୍କ ଶ୍ରାଦ୍ଧ ଯୋଗାନ୍ତେ ତାଙ୍କ ଫୋଟୋରେ ଫୁଲମାଳ ଦେଇ ପାଖ କାନ୍ଥରେ ଟଙ୍ଗାଗଲା । କ୍ରିୟାଯୋଗରେ ଦୀକ୍ଷିତ ହେବା ପରେ ଅତି ଶ୍ରଦ୍ଧାରେ ପ୍ରାତଃନମସ୍ୟ ଗୁରୁଦେବମାନଙ୍କର (ଅଷ୍ଟଗୁରୁ ସମ୍ମଳିତ ଫଟୋ) ଫଟୋଟିଏ ବି ଟାଙ୍ଗିଦେଲି ।

ଯେଉଁ ଠାକୁର ଠାକୁରାଣୀମାନଙ୍କର ଫଟୋ ଥିଲା , ସେମାନଙ୍କ ମୂର୍ତ୍ତି ମଧ୍ୟ ମିଶିଗଲା । ଆମ ପାର୍ଥିବ ପରିବାର ମଧ୍ୟ ଦୁଇରୁ ତିନି ଓ ତିନିରୁ ଚାରି ହେଲା ଓ ସନ୍ତାନମାନଙ୍କ ଦାୟିତ୍ୱ ନେବା ପାଇଁ ଅନ୍ତତଃ ପକ୍ଷେ ଆଉ ଦୁଇ ଜଣ ସଦସ୍ୟ ଘରେ ବଢିଲେ ।

ଭଗବାନ ତ ସବୁଠୁ ଉପରେ । ସେ ମଣିଷକୁ ଗଢିଲେ , ଆଉ ଭଗବାନଙ୍କୁ କିଏ ଗଢିଲା ? ସିଧା କଥା - ମଣିଷ ଗଢିଲା ।

ଭିନ୍ନ ଭିନ୍ନ ରୂପରେ ଠାକୁରଙ୍କୁ ପୂଜିବାର ସ୍ୱାଧୀନତା କେବଳ ହିନ୍ଦୁ ଧର୍ମରେ ଅଛି । କିଏ ଭଗବାନଙ୍କୁ ନିଜ ଛୁଆ ଭାବିଲାଣି , କିଏ ମା' , କିଏ ବାପା , କିଏ ସଖା , କିଏ ପ୍ରେମିକ.... ଯିଏ ଯେତେ ରୂପରେ ପାରିଲା, ପୂଜିଲା । ଅନ୍ୟ ଧର୍ମରେ ଯେ ଐକେଶ୍ୱରବାଦ ଅଛି , ତା' ନୁହେଁ । କ୍ରୁଶବିଦ୍ଧ ଯୀଶୁଙ୍କୁ ଯିଏ ସହି ନ ପାରିଲା, ମାତା ମେରୀଙ୍କ କୋଳର ଯୀଶୁଙ୍କୁ ସେ ପୂଜିଲା । ଆଉ କିଛି ନ ହେଲେ କିଛି ଚିହ୍ନ । କହିବା ବାହୁଲ୍ୟ , ଈଶ୍ୱର ଅରୂପ ସିନା, ହେଲେ କେତେଜଣ ମଣିଷଙ୍କର ସେ କ୍ଷମତା ଅଛି ଅରୂପକୁ ଅନୁଭବ କରିବାକୁ ? ହେଲେ ମଣିଷ ପଥକୁ ନିଜ ଲକ୍ଷ୍ୟ ବୋଲି ଭାବି ନିଜ ମୂଳ ଲକ୍ଷ୍ୟରୁ ବିଚ୍ୟୁତ ହୋଇଯାଏ ।

ଚେତନାକୁ ଏକାଗ୍ର କରିବାକୁ ହୁଏତ ପ୍ରଥମେ ଏକ ମାଧ୍ୟମର ଆବଶ୍ୟକତା

ହୋଇଥାଏ । କାନ୍ଥରେ ଏକ ବିନ୍ଦୁ ହେଉ ଅବା ଏକ ଦୀପ ଶିଖା..... ସେଥିରୁ ଆରମ୍ଭ ହୋଇ ଶେଷରେ ମୂର୍ତ୍ତିପୂଜା, ସମାଧି ପୂଜା ଆରମ୍ଭ ହେଲା ।

ତେବେ ଅତିଶୟ ଭକ୍ତିଭାବନା ଯୋଗୁଁ ହେଉ କିମ୍ବା ଅବିଦ୍ୟାର ବଶବର୍ତ୍ତୀ ହୋଇ ସକଳ ପୂଜାରେ ମାତିବା ଯୋଗୁଁ ହେଉ କିମ୍ବା ଅଶିକ୍ଷା ଜନିତ ଅହେତୁକ ଭୟ ହେଉ, ଆମେ ମୂଳଲକ୍ଷରୁ ହଟିଯାଇ ପୂଜାବିଧି , ନାନାଦି ଉପଚାର ତଥା ନାନାବିଧ ପ୍ରସାଦ ରାନ୍ଧି ବଢ଼ିବାରେ ବେଶୀ ମନୋନିବେଶ କଲୁ ।

ଭଦ୍ରଜନେ ! ଏଠି କହି ରଖିବି ଏ ଉପଚାରାଦି ଓ ପ୍ରସାଦ ସେବନ ମଧ୍ୟ ମୁନିଋଷିଙ୍କ ଉପଦେଶାନୁଯାୟୀ ବୈଜ୍ଞାନିକ ତଥ୍ୟ ଭିତ୍ତିରେ ଋତୁ ଅନୁଯାୟୀ , ଆବଶ୍ୟକତା ଅନୁସାରେ ହିଁ ଆରମ୍ଭ ହୋଇଥିଲା । ହେଲେ ଲୋକେ ଅଶିକ୍ଷାର ବଶବର୍ତ୍ତୀ ହୋଇ ମୂଳତଥ୍ୟର ଉଦ୍ଦେଶ୍ୟରୁ ଦୂରେଇଯାଇ ନିଜର ସ୍ୱାର୍ଥ ନିମନ୍ତେ ଅଥବା ଜିହ୍ୱା ଲାଳିସା ପୂର୍ତ୍ତି ଉପଲକ୍ଷେ ନିଜ ନିଜ ସୁବିଧାନୁଯାୟୀ ଏହାକୁ ଅପଭ୍ରଂଶ କରି ଚାଲିଲେ ।

କିଏ ପଶୁବଳି ଚଢ଼େଇଲା ମାଙ୍କ ନାଁ ରେ , ତ କିଏ ମଣ୍ଡା ଗଢେଇଲା ...କେତେବେଳେ ବ୍ୟଞ୍ଜନର ଆବଶ୍ୟକତା ଅନୁଯାୟୀ ପ୍ରସାଦ ...ଏଇ ଯେମିତି ଚୁଡା ଚକଟା ପାଇଁ ମୁଁ କଦଳୀ ଭୋଗ ଲଗେଇ ଦିଏ ...କେହି ନାଡି ନାଡୁଣୀ ପାଇଁ ଚିନି ଖଣ୍ଡ ସବୁ !

ମହାଭାରତ ଯୁଗ ଯାଏଁ ବୋଧହୁଏ ଆମେ କୌଣସି ମନ୍ଦିରର ବର୍ଣ୍ଣନା ପଢି ନାହୁଁ ଓ ତେବେ ଈଶ୍ୱରଙ୍କ ଅସ୍ତିତ୍ୱ ବିଷୟରେ କଣ କେହି ଅବଗତ ନ ଥିଲେ ? ସେତେବେଳେ ହୁଏତ ଶରୀର ମଧ୍ୟରେ ହିଁ ଈଶ୍ୱରଙ୍କୁ ଖୋଜିବାରେ ସମସ୍ତେ ଅଭ୍ୟସ୍ତ ଥିଲେ ଓ ପତଞ୍ଜଳି ଯୋଗସୂତ୍ର ଅନୁଯାୟୀ ନିଜ ଜୀବନକୁ ଦିଗ-ଦର୍ଶନ ଦେଉଥିଲେ ଓ ମାନବ ଶରୀର ହିଁ ସେମାନଙ୍କ ପାଇଁ ପ୍ରକୃଷ୍ଟ ମନ୍ଦିର ଥିଲା ଓ ସ୍ୱାସ୍ଥ୍ୟରକ୍ଷା ଥିଲା ଈଶ୍ୱର ପୂଜନ ଓ

ଆଜିର ଏ ପରିବର୍ତ୍ତିତ ଯୁଗରେ ଯେଉଁଠି ନାରୀମାନେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରି ରୋଷେଇଘରୁ ପାଦ କାଢି ବାହାର ଦୁନିଆରେ ଥାପିଲେ , ସେଠି ଏ ଅପଭ୍ରଂଶିତ ପୂଜା ଉପଚାର ବିଧି ବୋଝ ପରି ମନେ ହେଲା ।

.....

କହିଟି ତ ତତ୍ତ୍ୱଚର୍ଚ୍ଚାରେ ମୁଁ ପଶିବିନି । ନନାଙ୍କ କଥା ମନେ ପଡିଲା । ଦିନେ ହଠାତ ମନେ ହେଲା , ନା , ଏଥର ଏତେ ଈଶ୍ୱରଙ୍କ ସଂଖ୍ୟା ଯୋଗୁଁ ଯେହେତୁ ମନ ମୂଳ ଲକ୍ଷରୁ ବିଚ୍ୟୁତ ହୋଇଛି , ପୁନରପି ଏହାକୁ ରାସ୍ତାକୁ ଆଣିବାକୁ ହେବ । ରାଧାକୃଷ୍ଣ , ବାଳକୃଷ୍ଣ , ଗୁରୁଣ୍ଜୁ ଗୋପାଳ ସମସ୍ତଙ୍କୁ ଏକତ୍ରିତ କଲି । କହିଲି ଗୋଟିଏ ଜାଗାରେ ବସ ଠାକୁରମାନେ । ପଚାରିଲି , ‘ କୃଷ୍ଣ ଙ୍କ ହୃଦୟରେ ତ ରାଧା , ତେଣୁ କୃଷ୍ଣଙ୍କୁ ଖାଲି ବସେଇଲେ ଚଳିବ ତ !”

କୃଷ୍ଣ ଏକ ମୁଚୁକୁନ୍ଦି ହସରେ ମୋ ଆଡକୁ ବାସ୍ ଅନେଇ ରହିଲେ ।

ସବୁ ଠାକୁରାଣୀମାନଙ୍କୁ ଏକତ୍ରିତ କଲି । "ମା', ତୁମର ଏ ଦଶଭୁଜା ମୂର୍ତ୍ତିଟିର ରୂପ ହିଁ ମୋତେ ଭଲ ଲାଗୁଛି ।" ଅନ୍ୟ ଠାକୁରାଣୀମାନେ ନୀରବରେ ସମ୍ମତି ଜଣାଇ ଧୀରେ ଅପସରି ଗଲେ ।

ପୁଣି କିଛି ଦିନ ପରେ ଲାଗିଲା , କୃଷ୍ଣ ଯିଏ ଜଗନ୍ନାଥ ତ ସିଏ । ଜଗନ୍ନାଥଙ୍କ ହୃଦୟରେ ତ ଲକ୍ଷ୍ମୀ । ତେବେ ଏ ଗୋଟିଏ ମୂର୍ତ୍ତି ହିଁ ଯଥେଷ୍ଟ ।

କାର୍ଯ୍ୟଭାର ମାତ୍ରାଧିକ ବଢ଼ିଲା ପରେ ଅନୁମାନ କଲି ଯେ ମୋର ଚୈତ୍ୟ କେବଳ ଯାନ୍ତ୍ରିକ ଭାବେ ଚନ୍ଦନ ସିନ୍ଦୁର ଦେବଦେବୀଙ୍କ ମୁଣ୍ଡରେ ବୁଲି ଆସୁଛି । ହେଲେ ମୁଁ ଦେଖୁଛି ଓ ଅନୁଭବ କରୁଛି କେବଳ ଏକ ଉଜ୍ଜଳ ସତ୍ତା ।

ସତେ ତ ! ବ୍ରହ୍ମା, , ମହେଶ୍ୱରଙ୍କ ସମସ୍ତ ଶକ୍ତି ଓ ଆୟୁଧ ନେଇ ମା' ଦୁର୍ଗା ତ ଆବିର୍ଭୁତ । ତେବେ ପୁରୁଷ ଓ ପ୍ରକୃତି ତ ଏକାତ୍ମ ହେଲେ ନା ! ଧୀରେ ଧୀରେ ସେଇ ଉଜ୍ଜଳ ସତ୍ତା ମନମାନସକୁ ଆବୋରି ବସିଲା । ବ୍ରହ୍ମରନ୍ଧ୍ର ଦେଇ ସେ ମୋ ସମଗ୍ର ଚୈତ୍ୟ ସତ୍ତା ଓ ଅବଚେତନ ମନକୁ ଅବତରି ଆସିଲା ।

ବ୍ରହ୍ମାଣ୍ଡର ଉତ୍ସ—"ପ୍ରଣବ" ଧ୍ୱନିର ଗୁଞ୍ଜରଣ ଚତୁର୍ପାର୍ଶ୍ୱରେ ।ସେ ଧ୍ୱନି ଅନ୍ତରର ଗୁହ୍ୟତମ ପ୍ରଦେଶରେ ଖେଳି ଚାଲିଲା । ଓଁ ....ହୁମ ....ଆମେନ

ଅନ୍ତରରୁ ସ୍ୱର ଆସିଲା , "ପ୍ରଭୁ ! ମୁଁ ଅକିଞ୍ଚନ ନିଜକୁ ତୁମ ଆଗରେ ପ୍ରସାଦ ଭାବେ ବାଢି ଦେଉଛି । ଆସ ପ୍ରଭୁ , ମୋ ହୃଦୟ ଆସ୍ଥାନରେ ବିରାଜମାନ ହୁଅ । ମୋର ପ୍ରତ୍ୟେକ ପ୍ରଶ୍ୱାସ ତୁମ ଆଗରେ ଧୂପ । ପ୍ରତିଦିନ ମୋହରି ଶରୀର ଅନ୍ନ ବ୍ୟଞ୍ଜନ ଗ୍ରହଣ କରିବ ତୁମକୁ ପ୍ରସାଦ ଲଗାଇବା ପାଇଁ । କ୍ଷଣିଏ ମୁହୂର୍ତ୍ତେ ମଧ୍ୟ ତୁମଠାରୁ ଅଲଗା ହେବାକୁ ଚାହୁଁ ନାହିଁ । ଆସ, ମୋ ହାତ ଧରି ଚଲାଇ ନିଅ । ମୋ ପାଦରେ ପାଦ ମିଶାଇ ମୋ ଚରମ ଲକ୍ଷ ସ୍ଥଳରେ ପହଞ୍ଚାଇ ନିଅ । ମୁଁ ତୁମର ଉପକରଣଟିଏ ମାତ୍ର । ଏ ଶରୀର , ଏ ଜନ୍ମ ତୁମରି କାର୍ଯ୍ୟରେ ହିଁ ବ୍ୟବହୃତ ହେଉ ।"

ସବୁ ଠାକୁର ଠାକୁରାଣୀଙ୍କ ରୂପ ଅପସରି ଯାଇ କେବଳ ଏକ ଉଜ୍ଜଳ ଜ୍ୟୋତିପିଣ୍ଡରେ ପରିବର୍ତ୍ତିତ ହୋଇ ଯାଉଥାନ୍ତି ଧୀରେ ଧୀରେ । ହଁ , ମୋ ଈଶ୍ୱରଙ୍କ ସଂଖ୍ୟା 'ଏକ' ।

.....

ଭଦ୍ରଜନେ ! ଆପଣଙ୍କ ମନରେ ନିଶ୍ଚିତ ପ୍ରଶ୍ନଟିଏ ଗୁଡେଇ ତୁଡେଇ ହେବଣି ଓ ଏତକ ସବୁ ଉପଲବ୍ଧି କଲା ପରେ ମୋ ଠାକୁରମାନଙ୍କୁ କେଉଁଠି ବିସର୍ଜନ କରି ଦେଇନି ତ ? ମନ୍ଦିର ଯିବା ଛାଡି ଦେଇଛି କି ?

ନା ...ସେମିତି କିଛି କରିନି ...କାରଣ ଏ ପରିବର୍ତ୍ତନ ଏକ ମହା କାଳଖଣ୍ଡର ଓ ରାତାରାତି କିଛି ସମ୍ଭବ ନୁହେଁ ଓ ମୋ ପରିବାରର ଅନ୍ୟମାନଙ୍କ ପାଇଁ ଏବେବି ପୂଜା ଆସ୍ଥାନ, ଈଶ୍ୱର ଉପାସନାର ଏକ ମାଧ୍ୟମ ଓ ଅନେକ ବୈଜ୍ଞାନିକ ତଥ୍ୟ ସମ୍ବଳିତ ଉପଚାର ବି ମୋ ଛୁଆଙ୍କୁ ଶିଖାଏ ...ଯଥା ସମ୍ଭବ ପ୍ରତ୍ୟେକ ଉପଚାରର ତଥ୍ୟ ସେମାନଙ୍କୁ ଦିଏ ଓ ଆଉ ଥରକୁ ରହିଲା ଏ ସବୁ କଥା .....

□

ଲହୁଣୀ

ଆପଣ କେବେ କ୍ଷୀରସରରୁ ଲହୁଣୀ କାଢ଼ିଛନ୍ତି ? ମୁଁ ପିଲାଦିନେ ମୋ ବୋଉଙ୍କୁ ଲକ୍ଷ୍ୟ କରି ଏ ପ୍ରକ୍ରିୟାକୁ ଦେଖି ବଡ ଆମୋଦିତ ହେଉଥିଲି । ବେଳେବେଳେ ସେଥିରେ ସାହାଯ୍ୟ କରୁଥିଲି । ସେତେବେଳେ ଗୋ-ପାଳନ କେନ୍ଦ୍ରରୁ କ୍ଷୀର ଅଣାଯାଇ ଜଣ ଜଣଙ୍କ ଦାୟିତ୍ୱରେ ତାହା ପ୍ରାୟ ୧୨-୧୩ ଘର ଭିତରେ ବଣ୍ଟା ଯାଉଥିଲା । ଯେତେବେଳେ ସେ କର୍ମଚାରୀ ବାଲତିରେ କ୍ଷୀର ଢାଳନ୍ତି ଆପେ ଆପେ ଲହୁଣୀ ଉପରକୁ ଆସିଯାଏ ।

'ଶ୍ୱେତ- ବିପ୍ଳବ' ଆସିଲା, ଆସିଲା ପଲିଥିନରେ ଭର୍ତ୍ତି ସିଙ୍ଗଲ ଓ ଡବଲ ଟୋନଡ ଦୁଗ୍ଧ ଓ ଏ ଚାରି ଦଶନ୍ଧି ଧରି ଦୁଗ୍ଧ ବ୍ୟାପାର ବଢ଼ିଲା, ଘରେ ଘରେ ଗୋ-ରସ, ତେବେ ତାକୁ ଗୋ-ଦୁଗ୍ଧ /ରସ କୁହାଯାଇ ପାରିବ ନାହିଁ । କାରଣ ଯାହା ଆମ ପାଖେ ପହଞ୍ଚେ, ତାହା ଗାଈ, ମଇଁଷି, ଛେଳି ଆଦିଙ୍କର ଫେଣ୍ଟାଫେଣ୍ଟି କ୍ଷୀର । ଯେଉଁ କ୍ଷୀର ଆମ ପାଖେ ପହଂଚ । ଯାଏ, ସେଥିରୁ ତୈଳ ଅଂଶ କାଢ଼ି, ଏକ ନିର୍ଦ୍ଦିଷ୍ଟ ମାନର ପୁଷ୍ଟିସାର ଓ ସ୍ନେହସାର ଦେଇ ବଜାରକୁ ଛଡ଼ାଯାଏ । ଯାହାଙ୍କୁ ଆମେ ଗାଈ ବୋଲି ଭାବୁଛେ, ସେଥିରୁ ସଙ୍କରୀକରଣ କରା ଯାଇଥିବା

ହୋଲଷ୍ଟିନ, ଜର୍ସି ଆଦି ଗୋ-ବଂଶ ଅନ୍ତର୍ଭୁକ୍ତ ହିଁ ନୁହନ୍ତି । ଏମାନେ ଗବୟ ଜାତିର । ତେବେ ଏ କଥା ଉଠିଲା କାହିଁକି ? ବିଗତ ଚାରି ଦଶନ୍ଧି ଭିତରେ ସମସ୍ତଙ୍କୁ ପୋଷଣ ମିଳିଲା ଭାରତରେ, ଅଥଚ ଆଜି ଭାରତବର୍ଷ ଡାଇବେଟିସ ଓ ଅନ୍ୟାନ୍ୟ ମେଟାବୋଲିକ ରୋଗରେ ଆକ୍ରାନ୍ତ ଓ ଦିନୁଁଦିନ କ୍ୟାନ୍ସରର ଦୌରାତ୍ମ୍ୟ ମଧ୍ୟ ବଢୁଛି ।

ଏ ବିଷୟରେ ସଚେତନ କରାଇଲେ ଆମର ପୂଜ୍ୟ ଗୁରୁଦେବ ଶ୍ରୀ ପ୍ରଜ୍ଞାନାନନ୍ଦ ଗିରି ମହାରାଜ ଓ ତାଙ୍କର ଅଭିଭାଷଣ ଓ ମୋ ନିଜ ଲ୍ୟାବରେ କରିଥିବା କିଛି ଗବେଷଣା ତଥ୍ୟକୁ ଆଧାର କରି ଦେଶୀ ଗାଈ କ୍ଷୀର ରଖିବାକୁ ମନସ୍ଥ କଲି ଓ ମନକୁ ଆସିଲା, 'କାମ ବଢିବ'-- ଭିତରୁ ଉତ୍ତର ଆସିଲା 'ବଢୁ, ସ୍ୱାସ୍ଥ୍ୟ ରକ୍ଷା ପାଇଁ ଏତିକି କରିବା ବିଧେୟ ଓ ସ୍ୱାସ୍ଥ୍ୟ ନ ଥିଲେ ସୁଖ ଭୋଗ କରିବି ଅବା କେଉଁ ମାଧ୍ୟମରେ !'

କ୍ଷୀର ଫୁଟାଇ ସାରିଲା ପରେ ଯେଉଁ ମୋଟା ସରଟି ପଡ଼େ, ତାକୁ ଧୀରେ ଆଡେଇ ଏକ ପାତ୍ରରେ ସଂଗ୍ରହ କରି ଫ୍ରିଜ ରେ ରଖିବା ଆରମ୍ଭ କଲି । ପ୍ରାୟ ସପ୍ତାହେ ବେଳକୁ ଯେତିକି ଜମା ହେଲା, ସେଥିରୁ ଘିଅ କାଢ଼ିବାକୁ ମନସ୍ଥ କଲି ।

ସବୁତକ ସରକୁ ଯନ୍ତ୍ରଚାଳିତ ମେସିନରେ (mixer grinder) ବରଫ ପାଣି ସହ ମିଶେଇ ଘୁରେଇଲି ଓ ଏତେ ସମୟ ଲାଗିଲା ଯେ, ଲାଗିଲା ମୁଁ ବୋଧେ କିଛି ଭୁଲ କରି ବସିଲି ଓ ସତରେ କଣ ଏତେ ସମୟ ଲାଗେ ? ମା' ଯଶୋଦା ହାତରେ ଦହି ମଂଥି କେମିତି ହାଣ୍ଡି ହାଣ୍ଡି ଲହୁଣୀ ବାହାର କରୁଥିଲେ ! ମୁଁ ତ ଏତିକିରେ ଅଧୈର୍ଯ୍ୟ !

ନା ...ଇଏ କଣ ଭୁଲ ହୋଇଛି....ଆଉ ହେବନି ଓ ଆଉ ଦୁଇଟା ବରଫ ଖଣ୍ଡ ପକେଇଲି ଓ ଶରୀର ଗ୍ରାଇଣ୍ଡର ପାଖେ ଆଉ ମନ ଯାଇ କର୍ମକ୍ଷେତ୍ର ରେ ପହଂଚି ଯାଇଥାଏ ଓ କାହିଁକି ଏ ଝାମେଲା ରେ ପଡୁଥିଲି କେଜାଣି! ହଠାତ ଖଡ଼ ଖଡ଼ ଶବ୍ଦରେ ବର୍ତ୍ତମାନକୁ ଫେରିଲି ।

ଆରେ ବାଃ ! ଚେକା ଚେକା ଲହୁଣୀ ଉପରକୁ ଆସି ଯାଇଛି ତ ! ଆଉ ଯେତେ ଘୁରେଇଲେ ବି ସେ କ୍ଷୀରରେ ମିଶୁନି ।

ମନେ ପଡିଲା ଆଧ୍ୟାତ୍ମିକ ସାଧନା କଥା । ଅନେକ ସାଧକଙ୍କର ମନୋଦଶା ମଧ୍ୟ ଏହିପରି ଓ କେତେବେଳେ ମନେ ହୁଏ, ଭୁଲ ରାସ୍ତାରେ ଚାଲିନି ତ ? ବରଂ ଅନ୍ୟମାନଙ୍କ ପରି ଚିରାଚରିତ ମାର୍ଗରେ ଯାଇଥିଲେ ପାର୍ଥିବ ସୁଖ ତ ମିଳିଥାନ୍ତା !

ସିଦ୍ଧିର ଠିକ ଅବ୍ୟବହିତ ପୂର୍ବରୁ ମନେ ହେବ, ନା, ଆଉ ହେବନି ...ଏଇଠି ଥାଉ, ଯେତିକି ହେଲା ସେତିକି । କିନ୍ତୁ ଥରେ ଲହୁଣୀ ପରି ଉପରକୁ ଭାସି ଉଠିଲା ପରେ ଆଉ ସେ ସଂସାରରୂପୀ କ୍ଷୀର/ ଦହିରେ ଆଉ ମିଶିବ ନାହିଁ, ଯଦିଓ ସେ ସଂସାର ମଧ୍ୟରେ ହିଁ ରହିଥିବେ ।

କେବଳ ଆଧ୍ୟାତ୍ମିକ ସାଧନା ନୁହେଁ, ଏହା ବିଦ୍ୟା ସାଧନାରେ ମଧ୍ୟ ଦେଖାଯାଏ ଓ ସାଧନାରେ ସିଦ୍ଧି ପାଇଁ ଜଣେ ସଦ୍‌ଗୁରୁ, ତାଙ୍କର ଶିକ୍ଷା ତଥା ଆତ୍ମବିଶ୍ୱାସର ଦୃଢ଼ତା, ଅସୀମ ଧୈର୍ଯ୍ୟ ଓ ପୂର୍ବରୁ ସେ ମାର୍ଗର ମାର୍ଗୀମାନଙ୍କ ଅନୁଭୂତି ସର୍ବଥା ଆବଶ୍ୟକ ।

ହେଇଟି ଲହୁଣୀ କଥାରୁ କେଉଁଠି ଯାଇ ପହଞ୍ଚିଲିଣି ।

ତେବେ ଗୁଆଘିଅର ଉପକାରିତା ବିଷୟରେ ଆଗକୁ ଜଣେଇବି ।

ଅଶେଷ ଶୁଭକାମନା ସହ... ।

□

ମୋ ଟ୍ରାଫିକ - ଆବୁରୁଜାବୁରୁ ଗପ ...

(୧)

ଟର.....ଟର .....ଟରର...ଓଁ ତ୍ର୍ୟମ୍ବକମ ଜଜାମହେ

ଟରର... ଘୁଁ... ଘୁଁ..... ସୁଗନ୍ଧିମ ପୃଷ୍ଟି ବର୍ଦ୍ଧନମ

ମହାମୃତ୍ୟୁଞ୍ଜୟ ମନ୍ତ୍ର ବୋଲି ବୋଲି ଦୁଇ ଚକିଆ ଯାନରେ କିକ ମାରିଲି । ମେକାନିକ କହିଛି - ପ୍ରଥମ କରି ସକାଳୁ ଗାଡିକୁ କିକ ମାରି ଷ୍ଟାର୍ଟ କରିବାକୁ । ବହୁ ଦିନ ପରେ ବାହାରିଲି ଦୁଇ ଚକିଆ ଯାନରେ କର୍ମକ୍ଷେତ୍ରକୁ । ଆଃ ! ଦଲକାଏ ଥଣ୍ଡା ପବନରେ ସତେ ଯେମିତି ମନର ବନ୍ଦ ଝର୍କା ସବୁ ଖୋଲିଗଲା । ମଣିଷ ମନ ବି ବଡ ବିଚିତ୍ର ।

ମନେପଡେ ଛାତ୍ରାବସ୍ଥାରେ ଯେବେ ସ୍କୁଲରୁ ପ୍ରବଳ ବର୍ଷାରେ ସାଇକେଲରେ ଫେରେ । ବର୍ଷାତି ପିନ୍ଧି ଓ ହାତରେ ଛତା ଧରି ... ସେତେବେଳେ ଯଦି ଆମ୍ବାସଡର କାରଟିଏ ମୋ କଡ ଦେଇ ପାଣି ଛିଟିକାଇ ଦିଏ, ସେତେବେଳେ ଲାଗେ , ଓଃ ! ଦିନେ ଏମିତି କାର ଖଣ୍ଡେ କିଣିବି । ସାଇକେଲରୁ ଲୁନା, ତା' ପରେ ସ୍କୁଟି --ପରେ କାର ଦେଲେ ଭଗବାନ । ହେଲେ ଏ ମନ ପୁଣି ବ୍ୟାକୁଳ - ଏ ନିବୁଜ କାରରୁ ବାହାରି କେବେ ପୁଣି ଦୁଇ ଚକିଆ ଅବା ସାଇକେଲ ଚଲାଇବି ।

"ଖଡା-ବଡି-ଥୋଡ, ଥୋଡ-ବଡି-ଖଡା" - କେଜାଣି କେବେ ଯେ ମନଟା ସ୍ଥିର ହବ । ମୋ ଚିନ୍ତାରେ ବାଧା ଦେଇ ନାକରେ ଦଲକାଏ ଖୋଲା ନାଳର ଗନ୍ଧ ବାଜିଲା । ହଁ ଆମେ ଭାରତୀୟ ବିଶେଷ କରି ଓଡ଼ିଆ , ଏଥିରେ ଅଭ୍ୟସ୍ତ । "ରାତ ଗୟି, ବାତ ଗୟି" ।

ଏପଟେ ଭୋଟ ଦିଆ ସରିଲା , ତେଣେ ବିକାଶ ପରିଷଦ ଗଢି ଲୋକ ମଝିରେ ମଝିରେ ପଇସା ବି ଆଦାୟ କଲେ । ପୂଜା ମେଢ଼ ହେଲା , ମନ୍ଦିରରେ ଭୋଜିଭାତ ହେଲା । କନ୍ଦଳ କରି ଆଉ ଗୋଟିଏ ଗୋଷ୍ଠୀ ଆଉ ଗୋଟିଏ ମନ୍ଦିର ମଧ୍ୟ ତିଆରି କଲେ । ଆଉ ଆମେ ... ପଚା ନାଳ ପାଖରେ ନିଃଶ୍ୱାସଟା ରୋକି ଖଣ୍ଡେ ଦୂରରେ "ହାଃ"... କରି ଛାଡିଦେଉ ।

ଏଇ ସେଇ ...ଟିକିଏ ଆଗରେ ପିଚୁରାସ୍ତା ଉପରେ ଉଷ୍ଟ୍ର ଆରୋହଣ କରିବାର ମଧ୍ୟ ଆନନ୍ଦ ଅନୁଭବ କରି କରି ଯିବୁ ଯେ !

.....

(୨)

ହାତଟା ଆପେ ଆପେ ବାଁ ସାଇଡ ଇଣ୍ଡିକେଟରକୁ ଚାଲିଗଲା । "ବୁଢୁ! ବାଁ ପଟକୁ ତ ଯାଉଛୁ , ରାସ୍ତା ତ ପଡିଛି ସେଇ ଆଡକୁ । କିଁ କିଁ କରି ଇଣ୍ଡିକେଟରଟା ମାଇଲୁ କିଆଁ ? କଣ ରାସ୍ତାରେ କମ ସୋରଶଉ କି ?"

"ହେଃ ..ହେଃ ! ତୁ ବୁଢୁ ! ଏଇଟା ଭାରତ , ରଙ୍ଗ ସାଇଡ କଥାଟା ପାଶୋରି ଯାଇଛୁ । ମୁଁ ସିନା ଠିକ ରାସ୍ତାରେ , ରଙ୍ଗ ସାଇଡ ରେ ଆସୁଥିବା ଲୋକଙ୍କୁ ଜଣେଇବାକୁ ପଡିବ ନା- ବାପାରେ , ମୁଁ ଆସୁଛି , ମୋ ବାଟରେ, ମୋ ପାଇଁ ଟିକେ ଜାଗାଟା ଦିଅ ବାପା ।

.....

(୩)

ଆରେ ଯାଉନୁ କି ବାଟ ଛାଡୁନୁ । ଘରଟାକର ଗାଡ଼ିଟେ .....କଣ ଗୋଟେ XUV, SUV ନାଁ ସବୁରେ ଆସୁଛି । ପ୍ରକାଣ୍ଡ ହସ୍ତୀ ସମ କାୟା । ମୋ କାର୍ ପଛରେ ଆସୁଥିଲେ ଏ ଭଳି ଗାଡି ସବୁ ହର୍ନ ମାରି ମାରି କାନ ଅତଡ଼ା ପକେଇ ଦିଅନ୍ତି । ଭିତରୁ ଆମ୍ଭ ଚିତ୍କାର କରେ - ଯାଉଛି ତ, ଆଗରେ ଗୋଟେ କାର, ଦୁଇଟା ବାଇକ ଚାଲିଛନ୍ତି । ମୁଁ କଣ ରଜନୀକାନ୍ତ କି ?..ଉଡି ପଳେଇବି .... ଧେତ୍ ।

ସେ ଗାଡି ସବୁ ଟିକେ ଥାନ ପାଇଲା ମାତ୍ରେ ମରଣା ଷଣ୍ଢ ପରି ହୁଁ ହୁଁ ହୋଇ ରାସ୍ତା କାଟି ଚାଲିଯାନ୍ତି । ଆଉ ଆଜି ମୋ ଆଗରେ ଚାଲିଛି ଯେ , ଏତେ ହର୍ଷ ଦେଲା ପରେ ମଧ୍ୟ ମୋ କାରକୁ ବାଟ ଦେଉନି !

ବଡ କଷ୍ଟରେ ରାସ୍ତା ପାଇ କାଟିକି ଆଗେଇଲା ବେଳକୁ ବିରକ୍ତିମିଶା ନଜରଟିଏ ଡ୍ରାଇଭର ଆଡକୁ ପକାଇଲି । ୨୪ - ୨୫ ବର୍ଷର ଧନାଢ୍ୟ ଯୁବକ; ଗୋଟିଏ ହାତରେ ଷ୍ଟିଅରିଂ , ଆର ହାତରେ ମୋବାଇଲ ।

ହୁଃ ! ଯୌବନ , ଧନବୃଦ୍ଧି, ପ୍ରଭୁତ୍ୱ, ଅବିବେକିତା । ଚାରିଟାଯାକ ଏକାଠି ହେଲେ ଆଉ କଣ ହେବ - ସତ୍ୟାନାଶ !

.....

୧୨୩୪ - ଆହାଃ ! କେତେ ପଇସା ଦେଇଛ ଭାଇନା ଏ ଭି. ଆଇ .ପି ନମ୍ବରଟା ପାଇବା ପାଇଁ ? ହଉ, ହଉ ରଭହକ୍ଛଇ । ଗାଡି ଯେତେବେଳେ ପଚିଶ ଲକ୍ଷର, ଇଏ ଅବା କୋଉ ବେଶି କି ? ଯା ହଉ, ଏମିତି ଭାଇନା ମାନେ ଦାମୀ ବିଦେଶୀ ଗାଡି କିଣିଲାରୁ ଦେଶବାସୀଙ୍କ ଲାଭ ଓ ଏ ଗାଡି ଦାମ୍ ର ଅର୍ଦ୍ଧାଧିକ ଟିକସ ବାବଦକୁ ସରକାରଙ୍କ ପାଣ୍ଠିକୁ ଗଲା ଓ ମାଲିକର ଅହଂ ସନ୍ତୁଷ୍ଟ, ଆଉ ଆମ ରାଜକୋଷ ପୁଷ୍ଟ ।

ଇଲୋ ବୋପାଲୋ BOSS ..... 5055 number ଟାକୁ ଏମିତି ସଜେଇ ଲେଖା ହୋଇଛି ଯେ ବସ୍ ପରି ଦିଶୁଛି । ନା ଇଏ ଘରେ ସ୍ୱୀର boss ହୋଇଥିବ, ନା ବାପା ମାଙ୍କର ଆଗରେ ମୁହଁ ଖୋଲି ପାରୁଥିବ । ସେଥିପାଇଁ ଏମିତି ନମ୍ବର ପ୍ଲେଟଟିଏ ଲଗେଇ ମନର ଭଡାସ ବାହାର କରୁଛି ।

ହେଁ ... ହେଁ .... ହେଁ ମନେ ମନେ ହସି ଆକ୍ସିଲରେଟରରେ ପାଦ ମଡ଼େଇ ଦେଲି ।

ଇଏ ମଧ୍ୟମବର୍ଗୀୟ ଲୋକଟିଏ ଓ ୮୮୪୪ ମିଶେଇଦେଲେ ୬; ଲୋକଟା ୩, ୬, ୯ କ୍ରମର ଲୋକ । ଅର୍ଥାତ, ଜାତକ ଦେଖି ଜ୍ୟୋତିଷ କହିଥିବେ, କେଉଁ ସଂଖ୍ୟା ଶୁଭ ହେବ ଓ ଭି. ଆଇ .ପି ସଂଖ୍ୟା ଆଣିବା ପାଇଁ ପାଗଳାମି ନାହିଁ ହେଲେ ଟିକିଏ ତେଲେଇ ଫୁସୁଲେଇ ନିଜ ଜାତକକୁ ଶୁଝିଲା ପରି ସଂଖ୍ୟାଟିଏ ଆଣିଥିବେ ।

ହେଇଲୋ ! ଏ OD O2 ଆଉ OD 33 ଭିତରେ OD - 15 ଗାଡି କୁଆଡୁ ଆଇଲା ? ସେଥିପାଇଁ ଏମିତି ଚଲଉଛି, ହଉ ଯା ତୋ ଡର ତ ତୋତେ ଖାଉଥିବ ।

ଡାକ୍ତରଖାନା ନ ହେଲେ ସେକ୍ରେଟେରିଏଟ କୁ ତ ଆସିଥିବୁ ...ସେମିତିରେ ମୁଣ୍ଡ ଖରାପ ...ହଉ ଯା ଯା ...ଭଲରେ ଯା ।

.....

(୪)

ଆଗରେ ସ୍ତ୍ରୀ ଲୋକଟିଏ ଟଳଟଳ ହୋଇ ସ୍କୁଟି ଚଲାଉଛି – "ମା' ଲୋ ଟିକିଏ ଠିକରେ ଚଲ। । ଟିକିଏ ପାଖାପାଖି ହେଲା ବେଳକୁ ଦେଖିଲି ହାତରେ ପଟେ ନାଲି ଶଙ୍ଖା , ପଟେ ଧଳା ଶଙ୍ଖା, ଦୁଇ ପଟ ପାଣି ଚୁଡ଼ି । ଟିକି ଛୁଆଟିଏ ଆଗରେ ଠିଆ କରେଇଛି । ସ୍କୁଲ୍ଲୁ ଛାଡିବାକୁ ନେଉଥିବ ପରା ! ହୁଏତ ସ୍ୱଳ୍ପ ଆୟ ଭିତରେ ଘରର ଯାବତୀୟ କାମ ସାରି , ସ୍କୁଲ ବସଭଡା ବଞ୍ଚାଇବା ପାଇଁ ସ୍କୁଟିରେ ଛୁଆକୁ ଛାଡିବାକୁ ନେଉଛି । ଶାଶୁ ଶଶୁର ବି ଥିବେ ପରା । ଏତେ ଭିଡ ରାସ୍ତାରେ ଶାଢ଼ୀ ପିନ୍ଧି ଛୁଆକୁ ଧରି ଖତରନାକ କଳାରାହାଙ୍ଗ ଛକ ପାଖେ ବୁଲିଗଲା । ଶୁଭମସ୍ତୁ । ଖରାପ ସମୟ ସବୁବେଳେ ରହେନି ମା - ହେଲେ ନିଜ ଧ୍ୟାନ ବି ରଖୁଥିବୁ ।

.....

ଘରେ ଖାଇଦେଇ ଦ୍ୱିପ୍ରହର କ୍ଲାସ ପାଇଁ ବାହାରୁଥାଏ, ମାନେ ପିଲାଙ୍କର କ୍ଲାସ ନେବାକୁ ବାହାରିଥାଏ । ଅପେକ୍ଷାକୃତ ଫାଙ୍କା ଥାଏ ରାସ୍ତା ।

ଏକ ମଧ୍ୟବୟସ୍କା ସ୍ତ୍ରୀ ଲୋକ ତା ସ୍କୁଟିରେ ଓ ଆଉ ଜଣେ ପୁରୁଷ ତା ଡାହାଣ ପାଖକୁ

ନିଜ ବାଇକ ରେ ବସି ଗାଡି ଚଲାଇଥାନ୍ତି ଓ ମଝି ମଝିରେ ନିଜ ଭିତରେ ଗପ। ଚିହ୍ନା ପରିଚିତ ହୋଇଥିବେ ବୋଧହୁଏ । ବଡ ସହରରେ ଏତେ ଚଉଡ଼ା ଚଉଡା ରାସ୍ତାରେ ଗଲାବେଳେ ଖୁବ କମ ସମୟ ଏମିତି ହୋଇଥାଏ , ଯେବେ ଆମେ କେହି ପରିଚିତ ଲୋକଙ୍କୁ ଭେଟୁ । ଏହାକୁ ବୋଧହୁଏ ଆଇଡେଣ୍ଟିଟି କ୍ରାଇସିସ କୁହାଯାଏ ।

ଆମ ସମସ୍ତଙ୍କର ଗାଡିର ଗତି ଏକରକମ ସମାନ ଥିବାରୁ ମୁଁ ଟିକିଏ ପଛରୁ ଥାଇ ନିରବଦ୍ରଷ୍ଟା ହୋଇ ଗାଡି ଚଲାଉଥାଏ ।

ଏ ଭିତରେ ଆଉ ଜଣେ ବାଇକଧାରୀ ମହାଭାଗ ଆମ ବ୍ୟବଧାନ ଭିତରେ ଆବିର୍ଭୁତ ହେଲେ । ଚାହିଁଥିଲେ ସେ ପ୍ରଥମ ବାଇକଧାରୀଙ୍କ ଡାହାଣ ପଟେ ମଧ୍ୟ ଯାଇପାରିଥାନ୍ତେ । ଯେହେତୁ ରାସ୍ତା ଖାଲି ଥିଲା ।

ହେଲେ ହର୍ଷ ମାରି ମାରି ସେ ପ୍ରଥମ ଦୁଇ ଜଣଙ୍କ ଭିତର ଦେଇ ହିଁ ଗଲେ । ସତରେ ଏମିତି ଅସୂୟାପୂର୍ଣ ଶାନ୍ତି ଭଙ୍ଗକାରୀ ମଣିଷ ଜଣେ ଜଣେ ସବୁଠି ଥା'ନ୍ତି ବୋଧହୁଏ । ସମସ୍ତେ କଣ ପ୍ରେମିକ-ପ୍ରେମିକା ? ଯଦି ହେଲେ ବି, ତୁମର କଣ ଗଲା ହେ ?

.....

(୫)

"ଲୁଟ ଲେ।, ଲୁଟ ଲେ। ରାସ୍ତେ କା ମଜା ଲୁଟ ଲେ। ।"

ମୋ ଅନ୍ତରାତ୍ମାରୁ ଏଭଳି ଏକ ଆନନ୍ଦପୁର୍ଣ ଚିତ୍କାର ବାହାରିଲା ।

ମୋ ୪୫ ମିନିଟର ବାଟ ମାତ୍ର ୨୫ ମିନିଟରେ ମୁଁ ଅତିକ୍ରମ କରିଛି ଆଜି । ପ୍ରଥମ କୋଭିଡ ଲହରରେ ଯେତେବେଳେ ସମଗ୍ର ବିଶ୍ୱ ସ୍ତବ୍ଧ - ଟେଷ୍ଟ ସେତେ ଜୋର ଆରମ୍ଭ ହୋଇନି , ଟୀକା କଥା ତ ଜଣା ନାହିଁ, ମୃତ୍ୟୁର ଗଣନା ସଠିକ କି ନାହିଁ , ସମସ୍ତେ ସନ୍ଦିହାନ, ସର୍ବତ୍ର ଏକ କୋକୁଆ ଭୟର ହାହାକାର , ଏ ଯାତ୍ରା ମୋର ସପ୍ତାହାନ୍ତ ସଟ ଡାଉନର ।

ମେ ମାସ ଦ୍ୱିପହର । ରାସ୍ତାରେ କାଁ ଭାଁ ଗୋଟିଏ ଯୋଡ଼ିଏ ମଣିଷ । କୁକୁରମାନଙ୍କ ସଂଖ୍ୟା ବରଂ ଅଧିକ । କାଁ ଭାଁ ପୁଲିସ ଭ୍ୟାନ ନହେଲେ ଆଧାର ଭ୍ୟାନ; ରାସ୍ତାରେ କେବଳ ମୁଁ ଓ ଠାଏଁ ଠାଏଁ କିଛି ପୋଲିସ ।

ଭୁବନେଶ୍ୱର ସହରକୁ ଏକ ନୂଆ ଆଖିରେ ଦେଖୁଥିଲି । ଏତେ ଚଉଡା ଏ ରାସ୍ତା ! ଏତେ ବଡ ଏ ଗଛ ! ଏତେ ସୁନ୍ଦର ଏ ସହର ! ଅଥଚ ଯିବା ଆସିବା ରାସ୍ତାରେ ଏ ସବୁ କିଛି ଆଖିରେ ପଡ଼େନା । କେତେ ଜାଗାରେ ତ ଗାଡି ଇଞ୍ଚ ଇଞ୍ଚରେ ଆଗାଏ । ଯଦି ଏ ସବୁରେ

ମନ ଦେବି, କେତେବେଳେ ପ୍ରାଣପକ୍ଷୀ ଉଡିଯାଇ ଏ ସବୁର ବିହଙ୍ଗାବଲୋକନ କରୁଥିବ ଯେ ! ନଜର ହଟି ଔର ଦୁର୍ଘଟନା ଘଟି !

ସ୍କୁଲ ବସ, ଅଫିସ ଭ୍ୟାନ୍, କୁଁ କୁଁ ହର୍ଣ୍ଣ ବଜେଇ ଯାଉଥିବା ଆମ୍ବୁଲାନ୍ସ - ସମସ୍ତେ ଉର୍ଦ୍ଧଶ୍ୱାସ ହୋଇ ଧାଉଁଥିବା ଅଫିସ କର୍ମଚାରୀମାନଙ୍କ ସହ ପ୍ରତିଯୋଗିତା କରି ଚାଲୁଥିବେ । ସମସ୍ତେ ସେଇ ଏକା କଥା ଭାବନ୍ତି - 'ଓହୋଃ , ସମସ୍ତେ ଗୋଟିଏ ରାସ୍ତା ଦେଇ ଯିବା କଣ ଦରକାର ଯେ !'

ନିଜ ପ୍ରତି ବି କ୍ରୋଧ ଆସେ । ମଣିଷ ଜଣିଏ ମାତ୍ର ମୁଁ । ହେଲେ ଚାରିଜଣିଆ କାରଟାକୁ ମୁଁ ଏକା ଏକା ବାହୁଛି ! କେବେ ଆସିବ ଘୋଡଣି ଥିବା ବାଇକ । ମୁଁ ଆଗ କିଣିବି ।

ଏମିତି ଭାବୁ ଭାବୁ ଘରେ ପହଂଚି ଯାଇଥିଲି ଓ ଛୁଆମାନେ ମୋ କାରର ହର୍ନ ଶୁଣି କବାଟ ଖୋଲି ଖୁସିରେ ପଚାରିଲେ -'ବୋଉ, ଆଜି ଏତେ ଜଲଦି !'

ମନରୁ ଡାକ ଆସୁଥିଲା - ପ୍ରଭୁ କୋଭିଡ ତ ଯାଉ , ହେଲେ ଏଥିରୁ ମିଳିଥିବା ଶିକ୍ଷା ବହେ ପରିବର୍ତ୍ତନ ଆଣୁ ।

ଆଚ୍ଛା, ଯେଉଁମାନେ WFH ('ୱାର୍କ ଫ୍ରମ ହୋମ', ମାନେ ଘରୁ ଥାଇ କାମ) କରୁଛନ୍ତି, ସେମାନେ ସବୁଦିନ ଏମିତି କରିପାରନ୍ତେନି ! ଅନ୍ତତଃ ପକ୍ଷେ ରାସ୍ତାର ଗହଳି ଓ ପ୍ରଦୂଷଣ ଟିକେ କମିଯା'ନ୍ତା । ସ୍କୁଲ ସବୁ ହାଇବ୍ରିଡ୍ ମୋଡ଼ରେ (hybrid mode, both offline and online) ରେ ଚାଲୁ ନା । ଭାବନାରେ ବାଧାଦେଇ ପିଲାମାନେ ଖାଇବା ବାଢିବା ପାଇଁ କହିଲେ ।

.....

(୬)

"ଏ ବାବୁ, ଦେ ରେ । ଚାଲ ଚାଲ", କାହାର କର୍କଶ ସ୍ୱର ଶୁଣି ଟ୍ରାଫିକ ଛକରେ ଏପଟ ସେପଟ ବୁଲି ଅନେଇଲି । ଲମ୍ବା ଧାଡି ଗାଡି ଲାଗିଛି --ଆଗରେ ବି, ପଛରେ ବି । ସ୍କୁଟର, ମୋଟର ସାଇକଲ, କାର, ଜିପ, ଅଟୋ । ସେଥିରେ ଗଳି ପଶି ଦୁଇ ଜଣ କିନ୍ନର ସମସ୍ତଙ୍କୁ ପଇସା ମାଗି ଚାଲିଛନ୍ତି ।

ଉଭୟଙ୍କ ହାତରେ ୧୦ ରୁ ୧୦୦ ଟଙ୍କିଆ ନୋଟ ସବୁ ଲମ୍ବା ଲମ୍ବା ଭାଙ୍ଗି ଚାରି